ସକାଳ
THE SAKALA
RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
BHUBANESWAR
♦VOLUME- 43 ♦ISSUE-148 ♦MONDAY ♦24 NOVEMBER 2025 ♦PAGE-12 ♦₹ 6.00
♦ବର୍ଷ-୪୩ ♦ସଂଖ୍ୟା-୧୪୮ ♦ସୋମବାର ♦୨୪ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ପ୍ରଥମ ମହିଳା ଦୃଷ୍ଟିହୀନ ଟି-୨୦ ବିଶ୍ୱକପ୍

# ଭାରତକୁ ଚାମ୍ପିଅନ କଲେ ଓଡ଼ିଶାର ଫୁଲ ସୋରେନ

■ ଭୁବନେଶ୍ୱର, ୨୩।୧୧ (ସମିସ): ଶ୍ରୀଲଙ୍କାର କଲମ୍ବୋରେ ଅନୁଷ୍ଠିତ ପ୍ରଥମ ମହିଳା ଦୃଷ୍ଟିହୀନ ଟି-୨୦ କ୍ରିକେଟ୍ ବିଶ୍ୱକପ୍‌ରେ ଭାରତ ଚାମ୍ପିଅନ ହୋଇ ଇତିହାସ ରଚିଛି। ରବିବାର ପି. ସାରା ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଭାରତ ୭ ୱିକେଟରେ ନେପାଳକୁ ପରାସ୍ତ କରି ଟାଇଟଲ୍ ଜିତିଥିଲା। ଟସ୍ ଜିତି ଭାରତୀୟ ଦଳର ଅଧିନାୟିକା ଟିସି ଦୀପିକା ବୋଲିଂ ନିଷ୍ପତ୍ତି ନେଇଥିଲେ। ବୋଲରଙ୍କ ଶୃଙ୍ଖଳିତ ପ୍ରଦର୍ଶନ ଯୋଗୁ ନେପାଳ ୨୦ ଓଭରରେ ୫ ୱିକେଟ ହରାଇ ୧୧୪ ରନର ଛୋଟିଆ ସ୍କୋର କରିଥିଲା। ଜବାବରେ ଭାରତ ୧୨ ଓଭରରେ ୩ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଓଡ଼ିଆ ଖେଳାଳି ଫୁଲ ସୋରେନ ଭାରତ ପକ୍ଷରୁ ସର୍ବାଧିକ ଅପରାଜିତ ୪୪ ରନ କରିଥିଲେ। ଇନିଂସ ଓପନ୍ କରିଥିବା ଫୁଲ ୨୭ ବଲରେ ୪ ଚୌକା ସହ ଏହି ଦ୍ରୁତ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେ କରୁଣା ମଧ୍ୟ ୪୨ ରନ ସଂଗ୍ରହ କରିଥିଲେ। ଫୁଲଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଫୁଲଙ୍କ ବ୍ୟତୀତ ଓଡ଼ିଶାର ଯମୁନାରାଣୀ ଟୁଡୁ, ବାସନ୍ତୀ ହାଁସଦା ଓ ପାର୍ବତୀ ମାରାଣ୍ଡି ବିଶ୍ୱ ଚାମ୍ପିଅନ ଭାରତୀୟ ଦଳର ସଦସ୍ୟା ରହିଛନ୍ତି।


ଚାମ୍ପିଅନ ଟ୍ରଫି ସହ ଓଡ଼ିଶାର ୪ ଖେଳାଳି

## ମା’ କ୍ଷୀରରୁ ମିଳିଲା ୟୁରାନିୟମ

### ୬ ଜିଲ୍ଲାରୁ ସାମ୍ନାକୁ ଆସିଲା ୪୦ ମାମଲା

■ ପାଟନା, ୨୩।୧୧ (ଏଜେନ୍ସି): ନବଜାତକଙ୍କ ଅମୃତ ମା’ କ୍ଷୀର ବି ଏବେ ବିଶୁଦ୍ଧ ନୁହେଁ। ଏହା ବିଷ ପାଲଟି ଗଲାଣି। ମା’ କ୍ଷୀରରୁ ବିଷାକ୍ତ ୟୁରାନିୟମ ମିଳିଛି। ବିହାରରୁ ଏଭଳି ବିପଜ୍ଜନକ ସୂଚନା ସାମ୍ନାକୁ ଆସିଛି। ବିହାର ସ୍ତନ୍ୟପାନ କରାଉଥିବା ୪୦ ମହିଳାଙ୍କ କ୍ଷୀର ନମୁନାରୁ ୟୁରାନିୟମ (ୟୁ୨୩୮) ମିଳିଛି। ନେଚର ଜର୍ଣ୍ଣାଲରେ ଏହି ଅଧ୍ୟୟନ ରିପୋର୍ଟ ପ୍ରକାଶ ପାଇଛି। ମା’ କ୍ଷୀରରେ ଥିବା ୟୁରାନିୟମ ଶିଶୁଠାରେ ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ ବୋଲି କୁହାଯାଉଛି।

ଅନେକ ପ୍ରତିଷ୍ଠାନର ଗବେଷକଙ୍କ ଅନୁଯାୟୀ କ୍ଷୀର ମାଧ୍ୟମରେ ଶିଶୁଙ୍କ ଶରୀରକୁ ୟୁରାନିୟମ ଗଲେ କର୍କଟ ଭଳି ଜଟିଳ ରୋଗର ବିପଦ ସୃଷ୍ଟି ହୋଇପାରେ। ଠିକରେ ହାଡ଼ର ବିକାଶ ହୁଏ ନାହିଁ। ପାଟନାର ‘ମହାବୀର କ୍ୟାନସର ପ୍ରତିଷ୍ଠାନ’ ପକ୍ଷରୁ ହୋଇଥିବା ଗବେଷଣାରୁ ଏହା ଜଣାପଡ଼ିଛି। ଏଥିରେ ଦିଲ୍ଲୀ ଏମ୍ସର ବାୟୋ କେମେଷ୍ଟ୍ରି ବିଭାଗ ଡ. ଅଶୋକ ଶର୍ମାଙ୍କ ଟିମ୍ ମଧ୍ୟ ସାମିଲ ଥିଲା। ସେ ଏହି ଅଧ୍ୟୟନର ସହାୟକ ଲେଖକ ମଧ୍ୟ। ଡ. ଶର୍ମା କହିଛନ୍ତି ଯେ ୪୦ ମାଆଙ୍କ ଉପରେ ଏହି ଅଧ୍ୟୟନ କରାଯାଇଥିଲା। ସବୁ ନମୁନାରୁ ୟୁରାନିୟମ ମିଳିଥିଲା। ୟୁରାନିୟମର ଉତ୍ସ ବିଷୟରେ ଏବେ କିଛି ସ୍ପଷ୍ଟ ହୋଇନାହିଁ। ଏହା କେମିତି ଆସିଲା ଜଣାପଡ଼ି ନାହିଁ। ବିହାରରେ ପାନୀୟ ଏବଂ ▶ପୃଷ୍ଠା-୭


## ଶେଷ ମିନିଟ୍‌ରେ ବାତିଲ୍ କରିହେବ ବିମାନ ଟିକଟ; ଫେରସ୍ତ ମିଳିବ ଭଡ଼ା

■ ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି): କେନ୍ଦ୍ର ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଖୁବ୍ ଶୀଘ୍ର ବିମାନ ଭଡା ଫେରସ୍ତ ବା ରିଫଣ୍ଡ ଏବଂ ଟିକଟ ଉପରେ ଯାତ୍ରୀଙ୍କ ପାଇଁ ବୀମା ସୁବିଧା ଆରମ୍ଭ କରିବାକୁ ଯାଉଛି। କାରଣ ଡିଜିସିଏ ବିମାନ ଭଡା ଫେରସ୍ତ ସମ୍ବନ୍ଧୀୟ ନିୟମରେ ଏକ ବଡ଼ ପରିବର୍ତ୍ତନ ପ୍ରସ୍ତାବ ଦେଇଛି। ନୂତନ ଚିଠା ନିର୍ଦ୍ଦେଶାବଳୀରେ କୁହାଯାଇଛି ଯେ ଯଦି କୌଣସି ଯାତ୍ରୀଙ୍କୁ ଚିକିତ୍ସା ଜରୁରୀକାଳୀନ ପରିସ୍ଥିତିରେ ଟିକଟ ବାତିଲ କରିବାକୁ ପଡ଼େ, ତେବେ ବିମାନ କମ୍ପାନୀକୁ ସମ୍ପୂର୍ଣ୍ଣ ଅର୍ଥ ଫେରସ୍ତ କରିବାକୁ ପଡିବ କିମ୍ବା ଏକ କ୍ରେଡିଟ୍ ନୋଟ୍ ଜାରି କରିବାକୁ ପଡିବ। ଟ୍ରାଭେଲ୍ ଏଜେଣ୍ଟଙ୍କ ମାଧ୍ୟମରେ କିଣାଯାଇଥିବା ଟିକଟ ପାଇଁ ରିଫଣ୍ଡ ଏବେ ବିମାନ କମ୍ପାନୀର ଦାୟିତ୍ୱ ହେବ। ଏହାର ଅର୍ଥ ହେଉଛି ଅନଲାଇନ୍ ପୋର୍ଟାଲ କିମ୍ବା ଏଜେଣ୍ଟଙ୍କ ମାଧ୍ୟମରେ କିଣାଯାଇଥିବା ଟିକଟ ପାଇଁ ମଧ୍ୟ ବିମାନ କମ୍ପାନୀ ଯାତ୍ରୀଙ୍କୁ ଫେରସ୍ତ ଅର୍ଥ ପ୍ରଦାନ କରିବ। ଏଥିପାଇଁ ୨୧ କାର୍ଯ୍ୟ ଦିବସର ସମୟସୀମା ଧାର୍ଯ୍ୟ କରାଯାଇଛି। ଚିଠା ନିୟମ ଉପରେ ଅଂଶୀଦାରମାନଙ୍କ ମତାମତ ନଭେମ୍ବର ୨୦ ମଧ୍ୟରେ ଲୋଡାଯାଇଛି। ଆହୁରିମଧ୍ୟ ସରକାର ବିମାନ ଟିକଟରେ ଇନ୍-ବିଲ୍ଟ ବୀମା ଯୋଡିବାକୁ ପ୍ରସ୍ତୁତ ହେଉଛନ୍ତି, ଯାହା ଉଡ଼ାଣର ମାତ୍ର କିଛି ଘଣ୍ଟା ପୂର୍ବରୁ ▶ପୃଷ୍ଠା-୭

# ଦ୍ୱନ୍ଦ୍ୱ ବଢ଼ାଇଲା ଯୋଡ଼ା ଲଘୁଚାପ

### ଆଜି ଅବପାତର ରୂପ ନେବ ଲଘୁଚାପ ■ ବାତ୍ୟା ଗତିପଥ ବଦଳାଇଲେ ବର୍ତ୍ତିଯିବ ଓଡ଼ିଶା

■ ଭୁବନେଶ୍ୱର, ୨୩।୧୧ (ସମିସ): ମଲାକ୍କା ଓ ସଂଲଗ୍ନ ଦକ୍ଷିଣ ଆଣ୍ଡାମାନ ସାଗରରେ ଉପରେ ସୃଷ୍ଟି ହୋଇଥିବା ଲଘୁଚାପ ସୁଦଶ ଲଘୁଚାପରେ ପରିଣତ ହୋଇଛି। ସୋମବାର ସୁଦ୍ଧା ଏହା ଅଧିକ ଘନୀଭୂତ ହୋଇ ଅବପାତ ଓ ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ବାତ୍ୟାର ପରିଣତ ହେବ। ଏହି ସ୍ପଷ୍ଟ ଚିହ୍ନିତ ଲଘୁଚାପ ବର୍ତ୍ତମାନ ସକ୍ରିୟ ରହିଥିବା ବେଳେ ଏହା କ୍ରମଶଃ ପଶ୍ଚିମ ଉତ୍ତର ପଶ୍ଚିମ ଦିଗକୁ ଗତି ଜାରି ରଖିଛି। ଅନ୍ୟପଟେ ଏହି ଲଘୁଚାପ ସହିତ ବଙ୍ଗୋପସାଗରରେ ଆସନ୍ତା ୨୫ ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବାକୁ ଯାଉଛି ଯାହାକି ବାତ୍ୟାର ଗତିପଥ ଓ ତୀବ୍ରତାକୁ ଦ୍ୱନ୍ଦ୍ୱାତ୍ମକ କରିଦେଇଛି। ପାଣିପାଗ ବିଶେଷଜ୍ଞମାନେ ଦୁଇଟି ଲଘୁଚାପର



ମିଶ୍ରଣ ନେଇ ଆକଳନ କରୁଥିଲେ ମଧ୍ୟ ଏହା ମିଶ୍ରଣ ପରେ କେଉଁ ଆଡ଼କୁ ଗତି କରିବ ତାହା ଆସନ୍ତା ୨୭ ପରେ ସ୍ପଷ୍ଟ ହେବ ବୋଲି କହୁଛନ୍ତି।

ଅନ୍ୟପଟେ ଦୀର୍ଘ ୧୦୦ ବର୍ଷର ରେକର୍ଡ ଅନୁଯାୟୀ ଶୀତ ଦିନରେ ବାତ୍ୟା ସୃଷ୍ଟି ହେଲେ ତାହାର ପ୍ରଭାବ ତାମିଲନାଡୁ ବା ଆନ୍ଧ୍ର ଆଡ଼କୁ ହୋଇଥିବା ଦେଖା ଦେଇଛି। ତେଣୁ ଏହି ବାତ୍ୟା ମଧ୍ୟ ଓଡିଶା ଆଡ଼କୁ ଆସିବାର ସମ୍ଭାବନା କମ୍ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଶରତ ଚନ୍ଦ୍ର ସାହୁ କହିଛନ୍ତି। ସେ କହିଛନ୍ତି ଏହା ପ୍ରଭାବରେ ଉପକୂଳ ଓ ଦକ୍ଷିଣ ଓଡିଶାରେ ଅଳ୍ପରୁ ମଧ୍ୟମଧରଣର ବର୍ଷା ହେବାର ସମ୍ଭାବନା ରହିଛି। ତାଙ୍କ କହିବା ଅନୁଯାୟୀ ▶ପୃଷ୍ଠା-୭

## ‘ସକାଳ’ର ୫ମ ସ୍ୱନକ୍ଷତ୍ର

# ବିତର୍କରେ ଭାଗନେଲେ ରାଜ୍ୟର ୫ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ




■ ଭୁବନେଶ୍ୱର, ୨୩।୧୧ (ସମିସ): ଲୋକପ୍ରିୟ ଦୈନିକ ‘ସକାଳ’ର ୫ମ ସ୍ୱନକ୍ଷତ୍ର ଅବସରରେ ରାଜ୍ୟର ସବୁ ଜିଲ୍ଲାର ସଦର ମହକୁମା ସହ ଭୁବନେଶ୍ୱର, ରାଉରକେଲା ଓ ଜୟପୁରରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଛି ବିତର୍କ ପ୍ରତିଯୋଗିତା। ରାଜ୍ୟର ବିଭିନ୍ନ ସ୍ଥାନରେ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ପାଇଁ ରହିଥିବା ବିଷୟବସ୍ତୁ ‘ଜେନ୍-ଜି: ବିଦ୍ରୋହର ଆଦ୍ୟ ସ୍ଫୁଲିଙ୍ଗ ନା ଯୌବନର ଉଦ୍ଦାମତା’ ପ୍ରସଙ୍ଗରେ ଛାତ୍ରଛାତ୍ରୀମାନେ ନିଜନିଜର ଆଭିମୁଖ୍ୟ ପୋଷଣ କରିଛନ୍ତି। ସେହିପରି ସେହିପରି ପୁସ୍ତକ ବଞ୍ଚିବା ଶିଖାଇବା ସହିତ ଜ୍ଞାନ ଓ ଚେତନାକୁ ବଢ଼ାଇବାରେ ପ୍ରମୁଖ ଭୂମିକା ନେଇଥାଏ ବୋଲି ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ‘ବହି ପଢ଼ା: ଜରୁରୀ ଆବଶ୍ୟକତା ନା ଅନାବଶ୍ୟକ ଚାପ’ ବିଷୟ ଉପରେ ନିଜନିଜ ଆଭିମୁଖ୍ୟ ରଖିଛନ୍ତି।

**ରାଜ୍ୟସ୍ତରୀୟ ବିତର୍କ ପାଇଁ ୩୦ଜିଲ୍ଲାରୁ ୬୦ ପ୍ରତିଯୋଗୀ ମନୋନୀତ**

‘ଭାରତ ମସଲା’ ପ୍ରାୟୋଜିତ ଓ ‘ଶ୍ରୀ ବିନାୟକ କନ୍‌ସେପ୍ଟ ସ୍କୁଲ’ ସହଭାଗିତାରେ ଅନୁଷ୍ଠିତ ଏହି ବିତର୍କ ପ୍ରତିଯୋଗିତାରେ ସାରା ରାଜ୍ୟର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ହଜାର ହଜାର ପ୍ରତିଭାଦୀପ୍ତ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ମାର୍ମିକ ଅଭିଭାଷଣ ରଖିଛନ୍ତି। ବିଭିନ୍ନ ସ୍ଥାନରେ ସମାଜରେ ପ୍ରତିଷ୍ଠିତ ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଜ୍ଞ ବିଚାରକମାନେ ଛାତ୍ରଛାତ୍ରୀଙ୍କ ବିତର୍କର ମୂଲ୍ୟାୟନ କରିଛନ୍ତି। ପ୍ରତିଯୋଗିତା ଶେଷରେ ବିଚାରକ ତଥା ଅତିଥିମାନେ ପ୍ରତି ଜିଲ୍ଲାରେ ଉଭୟ ବର୍ଗରେ ଶ୍ରେଷ୍ଠ ବିବେଚିତ ହୋଇଥିବା ୩ ଜଣ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ସହ ସ୍ମୃତି ଫଳକ ସହ ସମ୍ମାନିତ କରିଛନ୍ତି ଓ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣର ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଆଜି ଅନୁଷ୍ଠିତ ଜିଲ୍ଲାସ୍ତରରେ ପ୍ରଥମସ୍ଥାନ ଅଧିକାର କରିଥିବା ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗର ଛାତ୍ରଛାତ୍ରୀମାନେ ଆସନ୍ତା ଡିସେମ୍ବର ୧ ତାରିଖ ଦିନ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତାରେ ଯୋଗ ଦେବେ।

ପ୍ରତିଷ୍ଠା ହେବାର ମାତ୍ର ୫ ବର୍ଷ ମଧ୍ୟରେ ପାଠକଙ୍କ ବିଶ୍ୱସନୀୟତା ହାସଲ କରିଥିବା ‘ସକାଳ’ ପକ୍ଷରୁ ଏହି ବିତର୍କ ପ୍ରତିଯୋଗିତା ସାଧାରଣରେ ବେଶ୍ ପ୍ରଶଂସିତ ହୋଇଛି। ସାମ୍ପ୍ରତିକ ସମୟର ଦୁଇଟି ପ୍ରାସଙ୍ଗିକ ପ୍ରସଙ୍ଗ ଉପରେ ବିତର୍କ ଜରିଆରେ ଆଲୋକପାତ କରିବାରେ ସମର୍ଥ ହୋଇ ପାରିଥିବାରୁ ‘ସକାଳ’ର ପ୍ରୟାସକୁ ଅତିଥିମାନେ ବେଶ୍ ପ୍ରଶଂସା କରିଛନ୍ତି। ରାଜ୍ୟରେ ‘ସକାଳ’ର ସ୍ୱନକ୍ଷତ୍ର ଦିବସ ଅବସରରେ ବିଭିନ୍ନ ଜିଲ୍ଲାରେ ଉଭୟ ବର୍ଗରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ‘ସକାଳ’ର କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ଦାସ ଶୁଭେଚ୍ଛା ଜ୍ଞାପନ କରିବା ସହ କାର୍ଯ୍ୟକ୍ରମର ସଫଳତା ପାଇଁ ‘ସକାଳ’ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

### ଖୋର୍ଦ୍ଧା ବାଘମାରୀରେ ନାବାଳିକାକୁ ଗଣଦୁଷ୍କର୍ମ

## ହୃଦୟବିଦାରକ ଓ ସ୍ପର୍ଶକାତର: ନବୀନ

■ ଭୁବନେଶ୍ୱର, ୨୩।୧୧ (ସମିସ): ଖୋର୍ଦ୍ଧା ବାଘମାରୀରେ ନାବାଳିକାଙ୍କୁ ଅପହରଣ ଓ ଗଣଦୁଷ୍କର୍ମ ଘଟଣାକୁ ନେଇ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏହି ଘଟଣାକୁ ଅତ୍ୟନ୍ତ ସ୍ପର୍ଶକାତର ଏବଂ ହୃଦୟବିଦାରକ ବୋଲି ଉଲ୍ଲେଖ କରି ମହିଳାମାନଙ୍କ ଉପରେ ରାଜ୍ୟରେ ଦିନକୁ ଦିନ ବଢୁଥିବା ଅତ୍ୟାଚାର ଓ ଦୁଷ୍କର୍ମ ଘଟଣା ସମସ୍ତଙ୍କୁ ବିଚଳିତ କରିଦେଉଛି ବୋଲି ନବୀନ ସାମାଜିକ ଗଣମାଧ୍ୟମ ଏକ୍ସରେ ଉଲ୍ଲେଖ କରିଛନ୍ତି। ସେହିପରି ଭଦ୍ରକ ଜିଲ୍ଲାରେ ଜଣେ ଯୁବତୀଙ୍କୁ ଗାଁ ଦାଣ୍ଡରେ ନିସ୍ଥୁକ ମାଡ଼ ଘଟଣାକୁ ମଧ୍ୟ ସେ ନିନ୍ଦା କରିଛନ୍ତି।



**ବିଜେପି ସରକାରରେ ରାଜ୍ୟର ମା’ମାନେ ସବୁଠୁ ଅସୁରକ୍ଷିତ**

**ନିଦରୁ ଉଠି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାରଙ୍କୁ ଆହ୍ୱାନ**

ନବୀନ କହିଛନ୍ତି ଯେ ଭଦ୍ରକ ଅରଞ୍ଜିରେ ମା’ର ମୃତ୍ୟୁ ପରେ କିସ୍ତି ଟଙ୍କା ପାଇଁ ଜଣେ ଯୁବତୀଙ୍କୁ ଗାଁ ଦାଣ୍ଡରେ ଏସ୍‌ଏଚଜିର ▶ପୃଷ୍ଠା-୭

### ଏସ୍‌ଆଇଆର୍ ଚାପ

## ୧୯ ଦିନରେ ୧୫ ବିଏଲ୍‌ଓଙ୍କ ମୃତ୍ୟୁ

■ ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି): ଦେଶରେ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଚାଲିଥିବା ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର୍) ଅଭିଯାନ ଅବସରରେ ବୁଥ ଲେବଲ ଅଫିସର (ବିଏଲ୍‌ଓ) ଙ୍କ ମୃତ୍ୟୁ ଚିନ୍ତା ସୃଷ୍ଟି କରିଛି। କାର୍ଯ୍ୟର ଚାପ ଯୋଗୁ ଏଭଳି ଘଟଣା ଘଟୁଛି ବୋଲି କୁହାଯାଉଛି। ନଭେମ୍ବର ୨୧ ରାତିରୁ ୨୨ ତାରିଖ ମଧ୍ୟରେ ମଧ୍ୟପ୍ରଦେଶରେ ଦୁଇଜଣ ବିଏଲ୍‌ଓଙ୍କ ମୃତ୍ୟୁ ଘଟିଛି। ମଧ୍ୟପ୍ରଦେଶରେ ଭୋପାଳରେ ୨ ଜଣ ବିଏଲ୍‌ଓ ହୃଦ୍‌ଘାତ ଆସିବା ଫଳରେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପଶ୍ଚିମବଙ୍ଗରେ ଜଣେ ମହିଳା ବିଏଲ୍‌ଓ ଆତ୍ମହତ୍ୟା କରିଛନ୍ତି। ଅଧିକ କାର୍ଯ୍ୟ ଓ ଲକ୍ଷ୍ୟ ପୂରଣ କରିବାର ଚାପକୁ ନିୟନ୍ତ୍ରଣ ନ କରିପାରିବାରୁ ସେ ମୃତ୍ୟୁବରଣ କରିଛନ୍ତି ବୋଲି ମୃତକଙ୍କ ପରିବାର ଲୋକେ କହିଛନ୍ତି। ଶନିବାର ନିର୍ବାଚନ କମିଶନଙ୍କ ରିପୋର୍ଟ ଅନୁସାରେ ରାଜସ୍ଥାନ ଭଳି ବଡ଼ ରାଜ୍ୟରେ ସର୍ବାଧିକ ୬୦.୫୪ ପ୍ରତିଶତ ଫର୍ମ ଡିଜିଟାଲ ହୋଇଛି। ସେହିପରି କେରଳରେ ସର୍ବନିମ୍ନ ୧୦.୫୮ ଫର୍ମ ଡିଜିଟାଲ ହୋଇଛି। ମୋଟ୍ ଉପରେ ୯୮. ୯୮ ଫର୍ମ ବିତରଣ ହୋଇଛି ବୋଲି କମିଶନ ସୂଚନା ଦେଇଛନ୍ତି।

**ଗୁଜରାଟ୍, ଏମ୍‌ପିରେ ୪ ଜଣ ଲେଖାଏଁ, ପଶ୍ଚିମବଙ୍ଗରେ ୩, ରାଜସ୍ଥାନ, ତାମିଲନାଡୁ ଓ କେରଳରେ ଜଣେ**

ପଶ୍ଚିମବଙ୍ଗରେ ଦ୍ୱିତୀୟ ଆତ୍ମହତ୍ୟା ସହ ବିଏଲ୍‌ଓଙ୍କ ମୃତ୍ୟୁ ସଂଖ୍ୟ ୩ରେ ପହଞ୍ଚିଛି। ରାଜ୍ୟରେ ଦୁଇଜଣ ବିଏଲ୍‌ଓ ଆତ୍ମହତ୍ୟା କରିଥିବା ବେଳେ ଆଉ ଜଣେ ଚାପ ଯୋଗୁ ଭିନ୍ନ କାରଣରୁ ମୃତ୍ୟୁବରଣ କରିଛନ୍ତି। ସେହିପରି ରାଜସ୍ଥାନର ଜୟପୁରରେ ରବିବାର ବିଏଲ୍‌ଓ ମୁକେଶ ଜାଙ୍ଗିଡି (୪୮) ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଅନ୍ୟପଟେ କରୋଲିରେ ଜଣେ ବିଏଲ୍‌ଓ ମୃତ୍ୟୁବରଣ କରିଛନ୍ତି। ସବାଇ ମାଧୋପୁରରେ ଜଣେ ବିଏଲ୍‌ଓ ହୃଦ୍‌ଘାତର ଶିକାର ହୋଇଛନ୍ତି। ଅନ୍ୟପଟେ ଗୁଜରାଟ୍‌ରେ ୪ ଦିନରେ ୪ ଜଣ ବିଏଲ୍‌ଓ ପ୍ରାଣ ହରାଇଛନ୍ତି। ଅହମଦାବାଦ୍ ଓ ଦାହୋଦ୍‌ରେ ଜଣେ ବିଏଲ୍‌ଓ ଅସୁସ୍ଥ ହେବା କାରଣରୁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।

ମଧ୍ୟ ପ୍ରଦେଶରେ ଗୋଟିଏ ରାତିରେ ୨ ଜଣ ବିଏଲ୍‌ଓ ମୃତ୍ୟୁବରଣ କରିଥିବା ବେଳେ ଜଣେ ନିଖୋଜ ଓ ଆଉ ଜଣେ ହୃଦ୍‌ଘାତ୍‌ର ଶିକାର ▶ପୃଷ୍ଠା-୭

## ଏସ୍‌ସିବିରେ ଡାଏଲିସିସ୍ ବନ୍ଦ

### ୨ ମାସ ହେବ ମିଳୁନି ପିଡି ଫ୍ଲୁଇଡ୍

■ କଟକ, ୨୩।୧୧ (ସମିସ): ଜଟିଳ ବୃକ୍କ (କିଡ୍‌ନୀ) ରୋଗରେ ଆକ୍ରାନ୍ତଙ୍କୁ ବଡ଼ ମେଡିକାଲରେ ଡାଏଲିସିସ୍ ସେବା ମିଳୁନାହିଁ। ପିଡି ଫ୍ଲୁଇଡ୍ ନଥିବାରୁ ନେଫ୍ରୋଲୋଜି ବିଭାଗରେ ଏହି ଚିକିତ୍ସା ବ୍ୟବସ୍ଥା ବନ୍ଦ ରହିଥିବା ଅଭିଯୋଗ ହୋଇଛି। ଆଜି ୨୧ଜଣ ରୋଗୀ ଏଭଳି ଅଭିଯୋଗ କରି ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ପ୍ରଦାନ କରିଛନ୍ତି। ୭୦ରୁ ଅଧିକ ରୋଗୀ ଏହି ସମସ୍ୟା ଭୋଗୁଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ତେବେ ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେସନ(ଓଏସ୍‌ଏମସି) ପିଡି ଫ୍ଲୁଇଡ୍ ଯୋଗାଇବା ବନ୍ଦ କରିଥିବା ବେଳେ ଡିଏମଇଟିଙ୍କ କାର୍ଯ୍ୟାଳୟରୁ ଅର୍ଥ ମଞ୍ଜୁର ନହେବା ଯୋଗୁଁ ବୃକ୍କ ରୋଗୀଙ୍କ ଜୀବନ ବିପଦ ମୁହଁକୁ ଠେଲି ହୋଇଥିବା ଜଣେ ବରିଷ୍ଠ ପଦାଧିକାରୀ କହିଛନ୍ତି। ଏ ସଂପର୍କରେ ଏସ୍‌ସିବି ଅଧୀକ୍ଷକ ପ୍ରଫେସର୍ ଡଃ ଗୌତମ ଶତପଥୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


ଅଧୀକ୍ଷକଙ୍କୁ ଲିଖିତ ଅଭିଯୋଗ କଲେ ୨୧ ରୋଗୀ

ପ୍ରକାଶଥାଉକି, ବଡ଼ ମେଡିକାଲରେ ସ୍ୱାସ୍ଥ୍ୟସେବା ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଲାଣି। ଗୋଟିଏ ପରେ ଗୋଟିଏ ବିଭାଗ ଏବେ ରୋଗୀଙ୍କୁ ମୌଳିକ ଚିକିତ୍ସା ଯୋଗାଇଦେବା ନିମନ୍ତେ ମଧ୍ୟ ସରକାରୀ ଅର୍ଥକୁ ଅପେକ୍ଷା କରି ରହୁଛନ୍ତି। ଡାଏଲିସିସ୍ ନିମନ୍ତେ ପିଡି ଫ୍ଲୁଇଡ୍‌ର ଆବଶ୍ୟକତା ରହିଛି। ବୃକ୍କ ଅକାମୀ ହେବାକୁ ଲାଗିଲେ ଡାଏଲିସିସ୍ ▶ପୃଷ୍ଠା-୭

### ରୋବର୍ଟ କିୟୋସାକିଙ୍କ ଚେତାବନୀ

# ମାନ୍ଦାବସ୍ଥା କବଳରେ ବିଶ୍ୱ

■ ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି): ‘ରିଚ୍ ଡ୍ୟାଡ୍, ପୁଅର୍ ଡ୍ୟାଡ୍’ର ଲେଖକ ରବର୍ଟ କିୟୋସାକି ଏକ ବିଶ୍ୱ ଆର୍ଥିକ ସଙ୍କଟ ବିଷୟରେ ଚେତାବନୀ ଦେଇଛନ୍ତି। ରବର୍ଟ କିୟୋସାକି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ଲେଖିଛନ୍ତି ଯେ ଇତିହାସର ସବୁଠାରୁ ବଡ଼ ଅର୍ଥନୈତିକ ମାନ୍ଦାବସ୍ଥା ଆରମ୍ଭ ହୋଇଛି। ୭୮ ବର୍ଷୀୟ କିୟୋସାକି ତାଙ୍କର ଭବିଷ୍ୟବାଣୀକୁ ପୁନରାବୃତ୍ତି କରି କହିଛନ୍ତି, ୨୦୧୩ରେ, ସେ ‘ରିଚ୍ ଡ୍ୟାଡ୍ସ ଭବିଷ୍ୟବାଣୀ’ ପ୍ରକାଶ କରିଥିଲେ। ସେଥିରେ ସେସବୁଠାରୁ ବଡ଼ ମାନ୍ଦାବସ୍ଥାର ଭବିଷ୍ୟବାଣୀ କରିଥିଲେ। ଦୁର୍ଭାଗ୍ୟବଶତଃ, ସେହି ମାନ୍ଦାବସ୍ଥା ଆସିଯାଇଛି। ସେ ଲେଖିଛନ୍ତି ଯେ ଏହା କେବଳ ଯୁକ୍ତରାଷ୍ଟ୍ର ଆମେରିକା ବିଷୟରେ ନୁହେଁ ୟୁରୋପ ଏବଂ ଏସିଆ ମଧ୍ୟ ଏକ ଆର୍ଥିକ ମାନ୍ଦାବସ୍ଥାର କବଳରେ ରହିଛି। ତେବେ କେଉଁ ସମ୍ପତ୍ତି ଏହି ବଜାର ମାନ୍ଦାବସ୍ଥାରୁ ରକ୍ଷା କରିବାରେ ସାହାଯ୍ୟ କରିପାରିବ, ତାହା ମଧ୍ୟ ସେ ବ୍ୟାଖ୍ୟା କରିଛନ୍ତି। ସେ ଲେଖିଛନ୍ତି ଯେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଯୋଗୁଁ ବଜାର ତଳମୁହାଁ ହୋଇଛି। କିୟୋସାକି



ବିଶ୍ୱାସ କରନ୍ତି ଯେ ଏଆଇ ଚାକିରି ଖାଇଯିବ। ଯେତେବେଳେ ଚାକିରି ଉଭାନ ହୋଇଯିବ, ଅଫିସ ଏବଂ ଆବାସିକ ସମ୍ପତ୍ତିର ମୂଲ୍ୟ ମଧ୍ୟ ହ୍ରାସ ପାଇବ। ରିଅଲ୍ ଇଷ୍ଟେଟ୍ ବଜାର ମଧ୍ୟ କ୍ରାସ୍ ହୋଇପାରେ। ଏହି ହ୍ରାସକୁ ଏଡାଇବା ପାଇଁ, କିୟୋସାକି ସୁନା, ରୁପା, ବିଟ୍ କଏନ୍ ଏବଂ ଇଥେରିୟମ୍ ଭଳି ଜିନିଷଗୁଡ଼ିକରେ ନିବେଶ କରିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ଏହି ସମ୍ପତ୍ତିରେ ନିବେଶ କରିବାର ଏହା ସଠିକ୍ ସମୟ। ସେ କହିଛନ୍ତି ଯେ ରୁପାକୁ ସର୍ବୋତ୍ତମ ଏବଂ ସୁରକ୍ଷିତ ବୋଲି ବିବେଚନା କରାଯାଏ।

**ଇତିହାସର ସବୁଠାରୁ ବଡ଼ ପତନ ଆରମ୍ଭ**

କିୟୋସାକି ତାଙ୍କ ପୋଷ୍ଟରେ ଲେଖିଛନ୍ତି, ଆଜି ରୁପା ମୂଲ୍ୟ ୫୦ ଡଲାର। ଖୁବ୍ ଶୀଘ୍ର ଏହା ୭୦ ଡଲାର ରେ ପହଞ୍ଚିବ ଏବଂ ୨୦୨୬ ସୁଦ୍ଧା ୨୦୦ ଡଲାରରେ ମଧ୍ୟ ପହଞ୍ଚିପାରେ। ଏଥିରେ ଖବର ହେଉଛି ଯେ ଲକ୍ଷ ଲକ୍ଷ ଲୋକ ସେମାନଙ୍କ ସମସ୍ତ ସମ୍ପତ୍ତି ହରାଇବେ। ଏକ ନୂତନ ପୋଷ୍ଟରେ କିୟୋସାକି ବିଟ୍ କଏନ୍ କିଣିବାକୁ ପରାମର୍ଶ ଦେଉଛନ୍ତି, ଯଦିଓ ସେ ନିଜେ ବିଟ୍ କଏନ୍ ବିକ୍ରି କରିଛନ୍ତି। ଦୁଇ ଦିନ ପୂର୍ବେ, ଏକ ପୋଷ୍ଟରେ, କିୟୋସାକି କହିଥିଲେ ଯେ ସେ ୨.୨୫ ନିୟୁତ (ପ୍ରାୟ ୨୦ କୋଟି ଟଙ୍କା) ମୂଲ୍ୟର ବିଟ୍ କଏନ୍ ବିକ୍ରି କରିଛନ୍ତି। ପ୍ରତ୍ୟେକ ମୁଦ୍ରାର ମୂଲ୍ୟ କେବଳ ୬୦୦୦ (ପ୍ରାୟ ୫ ଲକ୍ଷ ଟଙ୍କା) ଥିବାବେଳେ ସେ ଏହି ବିଟ୍ କଏନ୍ କିଣିଥିଲେ। ବର୍ତ୍ତମାନ, ସେ ସେଗୁଡ଼ିକୁ ପ୍ରାୟ ୯୦ ହଜାର (ପ୍ରାୟ ୮୦ ଲକ୍ଷ ଟଙ୍କା) ରେ ବିକ୍ରି କରିଛନ୍ତି। ଏହି ଟଙ୍କାରେ ସେ ଦୁଇଟି ସର୍ଜରୀ କେନ୍ଦ୍ର କିଣିଛନ୍ତି ଏବଂ ଏକ ବିଲବୋର୍ଡ ବ୍ୟବସାୟରେ ନିବେଶ କରିଛନ୍ତି।

## ୯ ବର୍ଷ ପରେ ପୁଣି ଚଣ୍ଡିଗଡ଼ ବିବାଦ; ନୂଆ ବିଲ୍ ଆସିବନି: କେନ୍ଦ୍ର



**ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି):** ଦୀର୍ଘ ୯ ବର୍ଷ ପରେ ଚଣ୍ଡିଗଡ଼କୁ ନେଇ ପୁଣି ବିବାଦ ଆରମ୍ଭ ହୋଇଛି। ଚଣ୍ଡିଗଡ଼କୁ ନେଇ ନୂଆ ସମ୍ବିଧାନ ସଂଶୋଧନ ପ୍ରସ୍ତାବ ଆସିବା ମାତ୍ରେ ହିଁ ପଞ୍ଜାବରେ ରାଜନୈତିକ ଉତ୍ତପ୍ତତା ବଢ଼ିବାରେ ଲାଗିଛି। ପଞ୍ଜାବର ସବୁ ରାଜନୈତିକ ଦଳ ଏହା ବିରୋଧରେ ଏକଜୁଟ୍ ହୋଇଛନ୍ତି। ଅବଶ୍ୟ ଏହା ପରେ କେନ୍ଦ୍ର ସରକାର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। କେନ୍ଦ୍ର ସରକାରଙ୍କ ତରଫରୁ ଚଣ୍ଡିଗଡ଼ ପାଇଁ କେବଳ ଆଇନ ତିଆରି ପ୍ରକ୍ରିୟାକୁ ସରଳ କରିବା ନିମନ୍ତେ ଆସିଥିବା ପ୍ରସ୍ତାବ ଏବେ ବିଚାରାଧୀନ ରହିଛି। ଏ ନେଇ ଅନ୍ତିମ ନିଷ୍ପତ୍ତି ନିଆଯାଇ ନାହିଁ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରବିବାର କହିଛି। ଆଗକୁ ସଂସଦର ଶୀତକାଳୀନ ଅଧିବେଶନରେ ଏ ସମ୍ପର୍କରେ କୌଣସି ବିଲ୍ ସରକାରଙ୍କ ତରଫରୁ ଆଗତ ହେବ ନାହିଁ ବୋଲି କେନ୍ଦ୍ର ସ୍ପଷ୍ଟ କରିଛି। ଏହି ପ୍ରସ୍ତାବ ମାଧ୍ୟମରେ ଚଣ୍ଡିଗଡ଼ର ଶାସନ ବ୍ୟବସ୍ଥାରେ କୌଣସି ପ୍ରକାର ପରିବର୍ତ୍ତନ କିମ୍ବା ପଞ୍ଜାବ ଓ ହରିୟାଣା ମଧ୍ୟରେ ପାରମ୍ପରିକ ସମ୍ପର୍କକୁ ପ୍ରଭାବିତ କରିବାର କୌଣସ ଅଭିପ୍ରାୟ ନାହିଁ ବୋଲି କୁହାଯାଇଛି। ବ୍ୟାପକ ଚର୍ଚ୍ଚା ପରେ ଯାଇ କୌଣସି ନିଷ୍ପତ୍ତି ନିଆଯିବ ବୋଲି କେନ୍ଦ୍ର ସ୍ପଷ୍ଟ କରିଛି। ଉଲ୍ଲେଖଥାଉ କି, ୨୦୧୬ରେ କେନ୍ଦ୍ର ସରକାର ଚଣ୍ଡିଗଡ଼ ପାଇଁ ଭିନ୍ନ ପ୍ରଶାସକ ନିଯୁକ୍ତି ନେଇ ନିଷ୍ପତ୍ତି ନେଇଥିଲା। କିନ୍ତୁ ସେତେବେଳର ଅକାଳୀ ଦଳର ମୁଖ୍ୟମନ୍ତ୍ରୀ ପ୍ରକାଶ ସିଂ ବାଦଲ ଓ କଂଗ୍ରେସ ପ୍ରଦେଶ ଅଧକ୍ଷ କ୍ୟାପ୍ଟେନ ଅମରେନ୍ଦ୍ର ସିଂ ଏହାକୁ କଡ଼ା ବିରୋଧ କରିଥିଲେ। ପ୍ରବଳ ରାଜନୈତିକ ବିରୋଧ ଫଳରେ କେନ୍ଦ୍ର ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରିଥିଲା। ଏହି ପ୍ରସ୍ତାବିତ ବିଲ୍ ଚଣ୍ଡିଗଡ଼ର ପ୍ରଶାସନିକ ପରିଚୟକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେବ ବୋଲି ଚର୍ଚ୍ଚା ହେଉଛି। ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ଓ ଆମ ଆଦମୀ ପାର୍ଟି ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ, କଂଗ୍ରେସ ଓ ଶିରୋମଣୀ ଅକାଳୀ ଦଳ ତରଫରୁ ଏହି ବିଲ୍‌କୁ ବିରୋଧ କରାଯାଇଛି। ଏହା ଦ୍ୱାରା ଚଣ୍ଡିଗଡ଼ ଉପରେ ପଞ୍ଜାବ ତା'ର ଅଧିକାର ହରାଇବାର ଆଶଙ୍କା ରହିଛି ବୋଲି କୁହାଯାଇଛି।

## ତେଜସ୍ ଦୁର୍ଘଟଣା: ୱିଙ୍ଗ୍ କମାଣ୍ଡର ନମାଂଶଙ୍କ ଶେଷକୃତ୍ୟ

**ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି):** ଦୁବାଇ ଏୟାର ଶୋ'ରେ ତେଜସ ଫାଇଟର ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୱିଙ୍ଗ କମାଣ୍ଡର ନମାଂଶ ସ୍ୟାଲଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି। ତାଙ୍କ ପାର୍ଥିବ ଶରୀରକୁ ରବିବାର ହିମାଚଳ ପ୍ରଦେଶର ତାଙ୍କ ପୈତୃକ ଗ୍ରାମ ନାଗ୍ରୋଟା ବାଗୱାନ (ପଟିଆଲକାର) ଅଣାଯିବା ସହ ରବିବାର ସେଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ନମାଂଶଙ୍କ ପତ୍ନୀ ଅଫ*ସାନ ମଧ ଜଣେ ବାୟୁସେନା ଅଧିକାରୀ। ଅନ୍ତେଷ୍ଟି କ୍ରିୟାରେ ଅଫସାନ ତାଙ୍କୁ ଶେଷ ତଥା ଅଶ୍ରୁଳ ସାଲ୍ୟୁଟ ପ୍ରଦାନ କରି ଅନ୍ତିମ ବିଦାୟ ଦେଇଥିଲେ। ପାଖରେ ତାଙ୍କୁ ୫ ବର୍ଷର ଝିଅ ମଧ ଉପସ୍ଥିତ ଥିଲେ। ଗାଁ ସବୁ ଲୋକ ଏକାଠି ହୋଇ ଲୁହଭରା ଆଖିରେ ନମାଂଶଙ୍କୁ ଅନ୍ତିମ ବିଦାୟ ଦେଇଥିଲେ। ଦୁବାଇ ଏୟାର ଶୋର ଅନ୍ତିମ ଦିବସରେ ରୁଷି ବିମାନର ଏକ ଦଳ 'ମିସିଂ ମ୍ୟାନର ଫର୍ମେସନ' ତିଆରି କରି ନମାଂଶଙ୍କୁ ସ୍ୱତନ୍ତ୍ର ଭାବେ ଶ୍ରଦ୍ଧାଞ୍ଜଳି ଦେଇଛି। ମିସିଂ ମ୍ୟାନ ଫର୍ମେସନ ହେଉଛି ଏକ ସ୍ୱତନ୍ତ୍ର ଏରିଆଲ ଟ୍ରିବ୍ୟୁଟ ବାୟୁଶ୍ରଦ୍ଧାଞ୍ଜଳି।



ଆଜି ଭାରତୀୟ ବାୟୁସେନାର ଏକ ବିମାନରେ ତାଙ୍କ ପାର୍ଥିବ ଶରୀରକୁ କାଂଗ୍ରା ବିମାନ ବନ୍ଦରକୁ ଅଣାଯାଇଥିଲା ଓ ସେଠାରୁ ତାଙ୍କ ଗାଁକୁ ନିଆଯାଇଥିଲା। ତେବେ ପ୍ରଥମେ ତାଙ୍କ ମୃତଦେହକୁ କୋଏମ୍ବାଟୁରର ଏୟାର ବେଶ୍ ଅଣାଯାଇଥିଲା। କୋଏମ୍ବାଟୁର ଜିଲ୍ଲାପାଳ ପବନ କୁମାର ଜି ଗିରୟାପାନାବାର ତାଙ୍କୁ ସୁଲୁର ନିକଟସ୍ଥ ଏୟାରବେଶ୍‌ରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ହିମାଚଳ ପ୍ରଦେଶର ବାସିନ୍ଦା ନମାଂଶ ନଭେମ୍ବର ୨୧ ଶୁକ୍ରବାର ଦିନ ଦୁବାଇ ଏୟାର ଶୋରେ ପ୍ରଦର୍ଶନ ଅବସରରେ ସ୍ୱଦେଶୀ ମଲ୍ଟି- ରୋଲ ଲାଇଟ୍ କମ୍ବାକ୍ଟ

### ଶ୍ରଦ୍ଧାଞ୍ଜଳି ଦେଲା ରୁଷ ବିମାନ ଟିମ୍

ଏୟାରକ୍ରାଫ୍ଟ (ଏଲ୍‌ସିଏ) ତେଜସ୍‌ର ଦୁର୍ଘଟଣା ହେବା ପରେ ମୃତ୍ୟୁବରଣ କରିଛନ୍ତି। ନମାଂଶ ସୁଜନପୁର ଟୀରା ସୈନିକ ସ୍କୁଲ୍ ଛାତ୍ର। ୨୦୦୯ ଡିସେମ୍ବରରେ ସେ ଭାରତୀୟ ବାୟୁସେନାରେ ଭର୍ତ୍ତି ହୋଇଥିଲେ। ପତ୍ନୀ, ଝିଅ ଓ ତାଙ୍କ ପିତାମାତାଙ୍କୁ ନମନଶ ଛାଡି ଚାଲିଯାଇଛନ୍ତି। ଭାରତୀୟ ବାୟୁସେନା ତରଫରୁ ମଧ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି।

## ଦେଶର ସୀମା କେବେ ବଦଳିବ କହିହେବନି; ରାଜନାଥ

**ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି):** ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପୁଣି ଏକ ବଡ଼ ମନ୍ତବ୍ୟ ଦେଇଛନ୍ତି। ଭାରତର ସୀମା କେତେବେଳେ ବଦଳିବ ତାହା କହି ହେବ ନାହିଁ ବୋଲି ସେ କହିଛନ୍ତି। ପାକିସ୍ତାନରେ ସାମିଲ ଥିବା ସିନ୍ଧ ଭାରତର ଅଂଶ ହୋଇ ନ ଥିଲେ ମଧ ସଭ୍ୟତା ଦୃଷ୍ଟିକୋଣରୁ ଭାରତର ଅଙ୍ଗ ହୋଇ ସର୍ବଦା ରହିବ। କାଲି ପୁଣି ସିନ୍ଧ ଭାରତକୁ ଫେରି ନ ଆସିବ ବୋଲି କେହି କହିପାରିବେ ନାହିଁ। ଦିଲ୍ଲୀରେ ଆୟୋଜିତ ସିନ୍ଧ ସମ୍ମିଳନୀରେ ଯୋଗ ଦେଇ ରବିବାର ସେ ଏହି କଥା କହିଛନ୍ତି। ଏହି କ୍ରମରେ ସେ ବରିଷ୍ଠ ବିଜେପି ନେତା ଲାଲ କୃଷ୍ଣ ଆଡୱାନୀଙ୍କ ଲିଖିତ ଏକ ବହିର ଲେଖା ଉଲ୍ଲେଖ କରିଥିଲେ। ସିନ୍ଧି ହିନ୍ଦୁ, ଖାସ୍ କରି ତାଙ୍କ ପିଢ଼ିର ଲୋକେ ସିନ୍ଧକୁ ଭାରତରୁ ଭିନ୍ନ ବୋଲି ମନେ କରନ୍ତି ନାହିଁ। ୧୯୪୭ରେ ଦେଶ ବିଭାଜନ ହେବା ପରେ ସିନ୍ଧ ପ୍ରଦେଶ ପାକିସ୍ତାନରେ ସାମିଲ ହୋଇଥିଲା। ଏହା ପାକିସ୍ତାନର ତୃତୀୟ ସର୍ବ ବୃହତ୍ ରାଜ୍ୟ। ଏହାର ରାଜଧାନୀ କରାଚି। ସିନ୍ଧ ପ୍ରଦେଶରେ ଉର୍ଦ୍ଦୁ, ସିନ୍ଧି ଓ ଇଂଲିଶ୍ କୁହାଯାଇଥାଏ।

## ୨୬୨ କୋଟିର ନିଶାଦ୍ରବ୍ୟ ଜବତ; ୨ ଗିରଫ

**ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି):** ଦିଲ୍ଲୀ ପୁଲିସ ଓ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ମିଳିତ ଚଢ଼ାଉରେ ରାଜଧାନୀରେ ଏକ ବଡ଼ ଧରଣର ନିଶା କାରବାରର ପର୍ଦ୍ଦାଫାସ୍ କରିଛି। ଏହି ଟିମ୍ ୩୨୮ କେଜି ମେଥାମଫେଟାମାଇନ୍ ଜବତ କରିଛି। ଅନ୍ତର୍ଜାତୀୟ ବଜାରରେ ଏହାର ମୂଲ୍ୟ ୨୬୨ କୋଟି ଟଙ୍କା ବୋଲି କୁହାଯାଇଛି। ଏହି ମାମଲାରେ ୨ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଟିମ୍‌ର ଏହି କାର୍ଯ୍ୟାନୁଷ୍ଠାନକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ପ୍ରଶଂସା କରିଛନ୍ତି। ଡ୍ରଗ୍ସ ବିରୋଧରେ ସରକାର କଠୋର ଓ ଦ୍ରୁତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ଓ ନିଶାଦ୍ରବ୍ୟ କାରବାର ବିରୋଧରେ ସରକାର ଶୂନ୍ୟ ସହନଶୀଳତା ନିତୀ ଅବଲମ୍ବନ କରୁଛନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି।

## ଦିଲ୍ଲୀରେ ଚରସ ସହ ଆଫଗାନ ନାଗରିକ ଗିରଫ

**● ବିନା ଭିସାରେ ୧୦ ବର୍ଷ ରହିଆସୁଥିଲା**

**ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି):** ଦିଲ୍ଲୀର ଲାଜପତ ନଗର ଅଞ୍ଚଳରେ ଜେଣ ଆଫଗାନିସ୍ତାନ ନାଗରିକ ନଜିବ ଅହମ୍ମଦକୁ ଗିରଫ କରାଯାଇଛି। ତା ନିକଟରୁ ୨୧୫.୭୪ ଗ୍ରାମ୍ ଚରସ ଜବତ କରାଯାଇଛି। ନଜିବ ୨୦୧୪ରେ ଭାରତ ଆସିଥିଲା। ୨୦୧୫ରେ ଭିସା ଶେଷ ହେବା ପରେ ବି ସେ ଭାରତରେ ରହି ଆସୁଥିଲା। ସେ ଦକ୍ଷିଣପୂର୍ବ ଦିଲ୍ଲୀର କିଛ ଅଞ୍ଚଳକୁ ନିଶାଦ୍ରବ୍ୟ ଚୋରାଚାଲାଣ କରୁଥିଲା। ତେବେ ତା ନାରେ ପୂର୍ବରୁ କୌଣସି ଆପରାଧିକ ମାମଲା ନାହିଁ ବୋଲି ପୁଲିସ କହିଛି। ନଭେମ୍ବର ୨୧ରେ ସୂଚନା ମିଳିବା ମାତ୍ରେ ଆଣ୍ଟି ନାର୍କୋଟିକ୍ସ ସ୍କ୍ୱାଡ ଲାଜପତ ନଗରରେ ନଜିବକୁ ଗିରଫ କରିଥିଲା। ସେ ୨/ଆଇ ବ୍ଲକ ମୁଖ୍ୟ ବଜାର ରୋଡ୍‌ରେ ଥିବା ମଜାର ରେଷ୍ଟୋରାଁରେ ଚରସ ବିକ୍ରି କରୁଥିଲା।

### ଧର୍ମସ୍ଥଳରେ ୯୮୯ ଅପ୍ରାକୃତିକ ମୃତ୍ୟୁ

# ଏତଲା ନାହିଁ; ହତ୍ୟା ନା ମୋକ୍ଷ ଜଣାନାହିଁ



**ବେଙ୍ଗାଲୁରୁ, ୨୩।୧୧ (ଏଜେନ୍ସି):** କର୍ଣ୍ଣାଟକର ପ୍ରସିଦ୍ଧ ସହର ଧର୍ମସ୍ଥଳ ପୁଣି ଚର୍ଚ୍ଚାର କେନ୍ଦ୍ରରେ ରହିଛି। ୮୦୦ ବର୍ଷ ତଳର ଭଗବାନ ମଞ୍ଜୁନାଥଙ୍କ ମନ୍ଦିର ଯେତେ ପୌରାଣିକ ଏହା ସହ ଜଡ଼ିତ କଥା ମଧ ସେତେ ରହସ୍ୟମୟ ହୋଇ ରହିଛି। ଧର୍ମସ୍ଥଳକୁ ନେଇ ପୁଣି ବିସ୍ଫୋରକ ତଥ୍ୟ ସାମ୍ନାକୁ ଆସିଛି। ଗତ ୨୫ ବର୍ଷ ମଧ୍ୟରେ ତଥା ୨୦୦୧ ଠାରୁ ଏ ପର୍ଯ୍ୟନ୍ତ ଏହି ଅଞ୍ଚଳରେ ୯୮୯ ଅପ୍ରାକୃତିକ ମୃତ୍ୟୁ ହୋଇଛି।

ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର କଥା ଏହି କି ଯେ ମନ୍ଦିର ପରିସରରେ ଏବଂ ଏହାର ଆଖପାଖରେ ହୋଇଥିବା ମୃତ୍ୟୁର ବିସ୍ତୃତ ତଥ୍ୟ ପୁଲିସ ପାଖରେ ନାହିଁ। ପ୍ରକୃତ ଠିକଣା ନ ଲେଖି ପୁଲିସ କେବଳ ଆଖପାଖ ଗାଁର ନାମ ଲେଖିଛି। ଆଉ ମୃତକଙ୍କ ସମ୍ପର୍କୀୟ ମୃତ୍ୟୁକୁ ନେଇ କୌଣସି ପ୍ରଶ୍ନ ନ ଉଠାଇବା ମଧ ମାମଲାକୁ ଅଧିକ ଜଟିଳ କରିଦେଉଛି। ଏଥିଯୋଗୁଁ ପୁଲିସ ବିନା ଯାଞ୍ଚରେ ମାମଲାକୁ ବନ୍ଦ କରିଦେଇଛି। ଆଜି ପର୍ଯ୍ୟନ୍ତ କେହି ଅପରାଧୀ ବାହାରି ନାହାନ୍ତି। ଏହି ମୃତ୍ୟୁ କାହିଁକି ହେଲା ତାହା ଏବେ ବି ପ୍ରଶ୍ନବାଚୀ ହୋଇ ରହିଛି। ଦକ୍ଷିଣ ଭାରତର କାଶୀ କୁହାଯାଉଥିବା ଏହି ଧର୍ମସ୍ଥଳରେ ହେଉଥିବା ମୃତ୍ୟୁ ମୋକ୍ଷ ନା ହତ୍ୟା ତାହା ଏବେ ବି ପ୍ରଶ୍ନ ହୋଇ ରହିଛି। ମୃତ୍ୟୁ ରହସ୍ୟକୁ ଲୁଚାଇବା ପାଇଁ ମୋକ୍ଷର କାହାଣୀ ଗଢ଼ା ଯାଉଥିବା କୁହାଯାଉଛି।

ସ୍ଥାନୀୟ ଲୋକଙ୍କ ଅନୁଯାୟୀ, ଶ୍ରଦ୍ଧାଳୁ ମୋକ୍ଷ ପାଇଁ ଏଠାକୁ ଆସନ୍ତି। ମନ୍ଦିର ପରିସର, ଫାଟକ, ବାହୁବଳୀ ମୂର୍ତ୍ତି ନିକଟ, ମନ୍ଦିର ବାହାରେ ଏବଂ ନେତ୍ରବତି ନଦୀରେ ଅଧିକାଂଶଙ୍କ ଜୀବନ ଯାଇଛି। ୨୦୧୬ରେ ଏଏସପି ଥିବା ରାହୁଲ କୁମାର ଦାବି କରିଥିଲେ ଯେ ବର୍ଷକୁ ଶହେରୁ ଅଧିକ ଲୋକ ମୋକ୍ଷ ପାଇଁ ଧର୍ମସ୍ଥଳରେ ଆତ୍ମହତ୍ୟା କରୁଛନ୍ତି। ତେବେ ଏହାର ଯାଞ୍ଚ କେବେ ବି ହୋଇ ନାହିଁ। ଗତ ମେ' ମାସରେ ମନ୍ଦିରର ସଫେଇ କର୍ମଚାରୀ ସିଏନ ଚିନ୍ନୟା ଧର୍ମସ୍ଥଳ ଆଖପାଖରେ ଶତାଧିକ ଲୋକଙ୍କୁ କବର ଦିଆଯାଇଥିବା କହିଥିଲେ। କିନ୍ତୁ ଏସଆଇଟି ଯାଞ୍ଚ ପରେ ସେ ନିଜ ବୟାନ ବଦଳାଇ ଦେଇଥିଲା। ୨୦୧୫ରୁ ୨୦୨୫ ମଧ୍ୟରେ ଧର୍ମସ୍ଥଳ, ମଞ୍ଜୁନାଥ ମନ୍ଦିର ଏବଂ ଆଖପାଖ ଗାଁରେ ୬୪୦ ଜଣଙ୍କ ମୃତ୍ୟୁ ହୋଇଥିବା ଆରଟିଆଇରେ ସୂଚନା ଦିଆଯାଇଥିଲା। ୨୦୦୧ରୁ ୨୦୧୨ ଭିତରେ ୩୪୯ ଆତ୍ମହତ୍ୟା ହୋଇଥିବା ପୁଲିସ ସ୍ୱୀକାର କରିଥିଲା। ଏହି ସମୟରେ ଧର୍ମସ୍ଥଳ ନିକଟସ୍ଥ ୧୭ ଜନସଂଖ୍ୟା ବିଶିଷ୍ଟ ଉଜ୍ରେ ଗ୍ରାମରେ ୮୪ ଜଣ ଆତ୍ମହତ୍ୟା କରିଥିଲେ।

ନାଗରିକ ସେବା ଟ୍ରଷ୍ଟର ସୋମନାଥ ନାୟକ କହିଛନ୍ତି ଯେ ପ୍ରକୃତ ଅପରାଧୀଙ୍କୁ ସୁରକ୍ଷା ଦେବା ପାଇଁ ମୋକ୍ଷର କାହାଣୀ ଗଢ଼ାଯାଉଛି। ମୃତ୍ୟୁର ରହସ୍ୟକୁ ଦଶନ୍ଧି ଦଶନ୍ଧି ହେଲା ଅନ୍ଧବିଶ୍ୱାସରେ ଚପାଇ ଦେବାକୁ ପ୍ରୟାସ ଚାଲିଛି। ମନ୍ଦିରର ଧର୍ମାଧିକାରୀ ଏବଂ ପରିଚାଳକଙ୍କ ଉପରେ ଜମି ହଡ଼ପ ଓ ସାମୂହିକ ଋଣ ବାହାନାରେ କୋଟି କୋଟି ଟଙ୍କାର ଠକେଇକୁ ଛପାଇବା ପାଇଁ ଏହି ମୃତ୍ୟୁ ହେଉନି କି ବୋଲି ସେ ପଚାରିଛନ୍ତି। ଏହାର ଯାଞ୍ଚ ହେବା ଉଚିତ। ଏହି ଗୋଷ୍ଠୀରେ କର୍ଣ୍ଣାଟକର ୫୨ ଲକ୍ଷ ଲୋକ ସାମିଲ ଅଛନ୍ତି। ଏହି ଅଭିଯୋଗକୁ ନେଇ ମନ୍ଦିର ଧର୍ମାଧିକାରୀ ତଥା ରାଜ୍ୟସଭା ସାଂସଦ ବୀରେନ୍ଦ୍ର ହେଗ୍‌ଡେ କୌଣସି ଉତ୍ତର ଦେଉ ନାହାନ୍ତି।

ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି ରଞ୍ଜନ ରାଓ କହିଛନ୍ତି ଯେ ଧର୍ମସ୍ଥଳରେ ଏତେ ମୃତ୍ୟୁ ହୋଇଥିଲେ ବି କେହି ଅଭିଯୋଗ କରିବାକୁ ଆସିନାହାନ୍ତି। ୧୯୮୯ରୁ ଆମେ କୋର୍ଟଙ୍କ ନିର୍ଦ୍ଦେଶ ପାଇଁ ଲଢେଇ କରୁଛୁ, କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଧର୍ମାଧିକାରୀଙ୍କ ବିରୋଧରେ ଅନେକ ଅଭିଯୋଗ କରାଯାଇଛି। କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଅଭିଯୋଗକାରୀ ସୋମନାଥଙ୍କୁ ତିନି ମାସ ପର୍ଯ୍ୟନ୍ତ ଜେଲ୍‌ରେ ଭର୍ତ୍ତି କରିଦିଆଯାଇଛି। ୨୦୧୩ରେ ପୂର୍ବତନ ସିଦ୍ଧରମେୟା ସରକାର ବୀରେନ୍ଦ୍ରଙ୍କ ଟ୍ରଷ୍ଟ ଏବଂ କାର୍ଯ୍ୟକଳାପର ଯାଞ୍ଚ କରିବେ ବୋଲି କହିଥିଲେ। ମାତ୍ର କିଛି ବି କରାଯାଇ ନ ଥିଲା। ଆଜି ବି ସେହି ସରକାର ଥିବା ସତ୍ତ୍ୱେ, କାର୍ଯ୍ୟାନୁଷ୍ଠାନ ଶୂନ ରହିଛି।

**ସନ୍ଦେହ ଘେରରେ ଧର୍ମାଧିକାରୀଙ୍କ ଭୂମିକା**
**ଅପରାଧୀଙ୍କୁ ସୁରକ୍ଷା ଦିଆଯାଉଥିବା ଦାବି**

### ଡିସେମ୍ବର ୧ରୁ କେସ୍ ଲିଷ୍ଟିଂର ନୂଆ ବ୍ୟବସ୍ଥା

## ମାମଲା ସଂଖ୍ୟା ହ୍ରାସ ମୋର ଲକ୍ଷ୍ୟ: ଜଷ୍ଟିସ ସୂର୍ଯ୍ୟକାନ୍ତ



**ନୂଆଦିଲ୍ଲୀ,୨୩।୧୧(ଏଜେନ୍ସି):** ଜଷ୍ଟିସ ସୂର୍ଯ୍ୟକାନ୍ତ ନଭେମ୍ବର ୨୪ ଅର୍ଥାତ ସୋମବାର ସୁପ୍ରିମକୋର୍ଟର ୫୩ତମ ମୁଖ୍ୟ ବିଚାରପତି (ସିଜେଆଇ) ଭାବେ ଶପଥ ଗ୍ରହଣ କରିବେ। ସେ ଡିସେମ୍ବର ୧ରେ ସମସ୍ତଙ୍କୁ ଚକିତ କଲା ଭଳି ନିଷ୍ପତ୍ତି ନେବେ ବୋଲି ସୂଚନା ଦେଇଛନ୍ତି। କେସ୍ ଲିଷ୍ଟିଂ ବା ବିଚାରଧିନ ମାମଲାକୁ ତାଲିକାଭୁକ୍ତ କରିବାକୁ ନେଇ ସେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ ବୋଲି ଆଶା କରାଯାଉଛି। ଲିଷ୍ଟିଂର ବ୍ୟବସ୍ଥା ଏତେ ଭଲ ହେବ ଯେ, ସମସ୍ତେ ତାଙ୍କୁ ସ୍ୱାଗତ କରିବେ। ଦେଶର ଅଦାଲତରେ ବାକି ପଡିଥିବା ମାମଲାଗୁଡିକର ସଂଖ୍ୟା କମ୍ କରିବା ମୋର ଲକ୍ଷ୍ୟ ବୋଲି ସେ କହିଛନ୍ତି। ହାଇକୋର୍ଟଗୁଡିକରେ ଯେଉଁ କେସ୍ ଶେଷ ପର୍ଯ୍ୟାୟରେ ରହିଛି, ସେଗୁଡିକୁ ସୁପ୍ରିମକୋର୍ଟରେ ଶେଷ କରିବେ। ସେହିପରି ମେଡିଏସନ ଅର୍ଥାତ ମଧ୍ୟସ୍ଥତାକୁ ଏକ ଗେମ୍ ଚେଞ୍ଜର ବୋଲି ସେ ଅବିହିତ କରିଥିଲେ। ମଧ୍ୟସ୍ଥତା କୋର୍ଟ ବାହାରେ ବିଭିନ୍ନ ମାମଲାକୁ ଦ୍ରୁତଗତିରେ ସମାଧାନ କରିପାରେ। ପୁଣି ମେଡିଏସନ ଦ୍ୱାରା ପ୍ରି-ଲିଟିଗେସନ ମାମଲାର ସମାଧାନ ହୋଇପାରିବ। ଏପରି ହେଲେ କୋର୍ଟଙ୍କ ଉପରେ ବୋଝ କମ୍ ହେବ ବୋଲି ସେ ମତ ଦେଇଛନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତ ଦିଲ୍ଲୀସ୍ଥିତ ନିଜ ସରକାରୀ ବାସଭବନରେ ସାମ୍ବାଦିକଙ୍କୁ ସମ୍ବୋଧିତ କରି ଏହି ଟିପ୍ପଣୀ ଦେଇଛନ୍ତି।

**ସିଜେଆଇ ଭାବେ ଆଜି ନେବେ ଶପଥ**

ଜଷ୍ଟିସ ସୂର୍ଯ୍ୟକାନ୍ତ ସୋମବାର ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭାବେ ଶପଥ ଗ୍ରହଣ କରିବେ। ଏହି ଉତ୍ସବରେ ୭ଟି ଦେଶର ପ୍ରଧାନ ବିଚାରପତି ଅଂଶଗ୍ରହଣ କରିବେ। ଏଥିରେ ଭୁଟାନ୍, କେନିଆ, ମାଲେସିଆ, ମରିସସ୍, ନେପାଳ ଓ ଶ୍ରୀଲଙ୍କା ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଯୋଗ ଦେବେ।

**● ୩୫ ବର୍ଷ ପରେ ଖୋଲିଲା ରହସ୍ୟ**

## ଯବାନଙ୍କୁ ୟାସିନ୍ ମଲ୍ଲିକ ହିଁ ମାରିଥିଲା ଗୁଳି



**ଶ୍ରୀନଗର,୨୩।୧୧(ଏଜେନ୍ସି):** ଶ୍ରୀନଗରରେ ୧୯୯୦ ଜାନୁଆରୀ ୨୫ରେ ଭାରତୀୟ ବାୟୁସେନା ଯବାନଙ୍କ ଉପରେ ଆକ୍ରମଣ ହେବାର ୩୫ ବର୍ଷପରେ ପୁଣି ଏହି ଘଟଣାକୁ ନେଇ ଦେଶରେ ହଇଚଇ ସୃଷ୍ଟି ହୋଇଛି। ଶନିବାର ଜମ୍ମୁର ଟାଡା କୋର୍ଟରେ ଦୁଇଜଣ ପ୍ରତ୍ୟକ୍ଷଦର୍ଶୀ ତଥା ସାକ୍ଷୀ ମୁଖ୍ୟ ଅଭିଯୁକ୍ତ ୟାସିନ ମଲିକଙ୍କ ସମେତ ଅନ୍ୟ ଅପରାଧୀ ଜାଭେଦ ମୀର, ନାନାଜୀ ଓ ସାକତେ ବକ୍ସିକୁ ଚିହ୍ନଟ କରିଛନ୍ତି। ବାୟୁସେନା ଯବାନଙ୍କ ଉପରେ ଗୁଳିମାଡ କରିଥିବା ଅପରାଧିଙ୍କ ମଧ୍ୟରେ ୟାସିନ ମଲିକ ହିଁ ସର୍ବାଗ୍ରେ ଥିଲା ବୋଲି ସାକ୍ଷୀମାନେ ସ୍ପଷ୍ଟ ଭାବେ କୋର୍ଟଙ୍କୁ ଅବଗତ କରାଇଛନ୍ତି। ୟାସିନ ହିଁ ମୁଖ୍ୟ ସୁଟର ଥିଲା ବୋଲି ସେମାନେ କହିଛନ୍ତି। ଶନିବାର ଟାଡା କୋର୍ଟରେ ସବୁ ଅଭିଯୁକ୍ତଙ୍କୁ ହାଜର କରାଯାଇଥିଲା। ୟାସିନ ତିହାର ଜେଲ୍‌ରୁ ଭିଡିଓ କନଫରେନ୍ସିଂ ଜରିଆରେ ଯୋଗ ଦେଇଥିଲା। ତେବେ ଅନ୍ୟ ଅଭିଯୁକ୍ତମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। କୋର୍ଟରେ ହାଜର ହୋଇଥିବା ଦୁଇଜଣ ସାକ୍ଷୀ ମଧ୍ୟରେ ଜଣେ ବାୟୁସେନା କର୍ମଚାରୀ ଓ ଆଉଜଣେ ଘଟଣା ସ୍ଥଳରେ ଉପସ୍ଥିତ ଥିଲେ। ଦୁଇଜଣ ବିନା କୌଣସି ଦ୍ୱିଧାରେ ଅଭିଯୁକ୍ତଙ୍କୁ ସ୍ପଷ୍ଟ ଭାବେ ଚିହ୍ନି ପାରିଥିଲେ। ୟାସିନଙ୍କୁ ଗୁଳି ଚଳାଉଥିବାର ସେମାନେ ଦେଖିଥିଲେ ବୋଲି କହିଛନ୍ତି। ୩୫ ବର୍ଷ ତଳେ ହୋଇଥିବା ଏହି ଆକ୍ରମଣରେ ବାୟୁସେନା ଅଧିକାରୀ ରବି ଖାନ୍ନାଙ୍କ ସମେତ ୪ ଜଣ ଯବାନ ପ୍ରାଣ ହରାଇଥିଲେ ଏବଂ ୨୨ଜଣ ଆହତ ହୋଇଥିଲେ। ଶ୍ରୀନଗରର ବାହାର ଅଞ୍ଚଳରେ ରାବଲପୁରାରେ ବାୟୁସେନାର ଯବାନ ନିଜ ଡ୍ୟୁଟି କରିବାକୁ ଯାଉଥିବା ବେଳେ ଆତଙ୍କବାଦୀମାନେ ଅଚାନକ ଗୁଳି ଚଳାଇଥିଲେ। ୟାସିନ ହିଁ ଏହି ଆକ୍ରମଣର ଷଡ଼ଯନ୍ତ୍ର ରଚିବା ସହ ନେତୃତ୍ୱ ନେଇଥିଲା।

## ଜି୨୦ରେ ପ୍ରଥମ ଆୟୋଜକଙ୍କୁ ଦିଆଗଲାନି ନେତୃତ୍ୱ

**ଜୋହାନ୍ସବର୍ଗ, ୨୩।୧୧ (ଏଜେନ୍ସି):** ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ୨୦ତମ ଜି୨୦ ସମ୍ମିଳନୀ ଔପଚାରିକ ନେତୃତ୍ୱ ପରିବର୍ତ୍ତନ ବିନା ରବିବାର ଶେଷ ହୋଇଛି। ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମାଫୋସା କୌଣସି ଆମେରିକା ଅଧିକାରୀଙ୍କୁ ଗାବେଲ ତଥା ଅଧକ୍ଷତାର ପ୍ରତୀକ ହାତୁଡ଼ା ପ୍ରଦାନ କରିନାହାନ୍ତି। କୌଣସି ଔପଚାରିକ ହସ୍ତାନ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବନାହିଁ ବୋଲି ବିଦେଶମନ୍ତ୍ରୀ ରୋନାଲ୍ଡୋ ଲାମୋଲା କହିଛନ୍ତି। ଆମେରିକା ଚାହିଁଲେ ଦକ୍ଷିଣ ଆଫ୍ରିକା ବିଦେଶ ମନ୍ତ୍ରାଳୟ (ଡିଆଇଆରସିଓ) କାର୍ଯ୍ୟାଳୟରୁ ଜି-୨୦ କାଗଜପତ୍ର ନେଇପାରିବ। ଏହାକୁ ନେଇ ଆମେରିକା କ୍ଷୁବ୍ଧ ହୋଇଛି। ଦକ୍ଷିଣ ଆଫ୍ରିକା ଜି-୨୦ର ପ୍ରତୀକ ହସ୍ତାନ୍ତର ନ କରି ଭୁଲ୍ କରିଛି ବୋଲି ହ୍ୱାଇଟ ହାଉସ୍ ଉପ-ସଚିବ ଅନ୍ନା କେଲି କହିଛନ୍ତି।

ସୂଚନା ଅନୁଯାୟୀ, ଏହି ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମିଲ ହୋଇ ନ ଥିବାରୁ ଔପଚାରିକ ହସ୍ତାନ୍ତର କାର୍ଯ୍ୟକ୍ରମ କରିବାକୁ ଦକ୍ଷିଣ ଆଫ୍ରିକା ରାଜି ହୋଇ ନ ଥିଲା। ପୂର୍ବରୁ ଟ୍ରମ୍ପ କହିଥିଲେ ଯେ ଦକ୍ଷିଣ ଆଫ୍ରିକାରେ ଗୋରା-ଖ୍ରୀଷ୍ଟିଆନଙ୍କୁ ହତ୍ୟା କରାଯାଉଛି। ତାଙ୍କ ଜମି ଛଡ଼ାଇ ନିଆଯାଉଛି। ଏଥିପାଇଁ ସେ ସମ୍ମିଳନୀରେ ସାମିଲ ହେବାକୁ ମନା କରିଦେଇଥିଲେ। କିନ୍ତୁ ଗାବେଲ ପାଇଁ ରାଷ୍ଟ୍ରଦୂତ ପଠାଇବାକୁ କହିଥିଲେ। ତେବେ କନିଷ୍ଠ ଅଧିକାରୀଙ୍କ ବଦଳରେ ଖାଲି ଚୌକିକୁ ଗାବେଲ ଦେଇଦେବେ ବୋଲି ରାମାଫୋସା କହିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କୁହାଯାଇଥିଲା ଯେ ଆମରିକା ସହ ଆମର କୌଣସି ବିବାଦ ନାହିଁ। କିନ୍ତୁ ଜି୨୦ ମଞ୍ଚରେ କନିଷ୍ଠ ଅଧିକାରୀଙ୍କୁ ଗାବେଲ ଦିଆଯାଇପାରିବ ନାହିଁ। କାରଣ ଏହା ସମ୍ମାନର ବିଷୟ। ଟ୍ରମ୍ପ ଏହି ସମ୍ମିଳନୀକୁ ସମ୍ମାନ ଦେବାକୁ ଚାହୁଁ ନାହାନ୍ତି। ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସମ୍ମିଳନୀରେ ସାମିଲ ହୋଇ ଏଆଇର ଅପବ୍ୟବହାରକୁ ନେଇ ଚେତାବନୀ ଦେଇଛନ୍ତି। ଏହା ଦ୍ୱାରା ବିଶ୍ୱର ଅନେକ କ୍ଷତି ହୋଇପାରେ। ତେଣୁ ଏହାର ମୁକାବିଲା ପାଇଁ ସବୁ ଦେଶ ମିଶି ନିୟମ ଆଣିବା ଜରୁରୀ ବୋଲି ମୋଦୀ କହିଛନ୍ତି।

## ଉମରକୁ ୪୦ ଲକ୍ଷ ଦେଇଥିଲା ଜମାତ

**ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି):** ଦିଲ୍ଲୀ କାର ବୋମା ବିସ୍ଫୋରଣରେ ସାମିଲ ଆତ୍ମଘାତୀ ଡକ୍ଟର ଉମର ଏବଂ ଡକ୍ଟର ମୁଜାମ୍ମିଲ ମଧ୍ୟରେ ୪୦ ଲକ୍ଷ ଟଙ୍କା ପାଇଁ ବିବାଦ ଥିଲା। ଏହି ପାଣ୍ଠି ଜମାତରୁ ଆସିଥିଲା। ଏହି ଟଙ୍କା ବ୍ୟବହାର କରି ସାମଗ୍ରୀ କିଣିବା ନେଇ ଉମର ଏବଂ ମୁଜାମ୍ମିଲ ମଧ୍ୟରେ ବିବାଦ ଥିଲା। ଏହି ମାମଲାରେ ଏନଆଇଏ ବିଶ୍ୱବିଦ୍ୟାଳୟ ନିକଟସ୍ଥ ଏକ ମସଜିଦରୁ ମୌଲବୀ ଇସ୍ତିଆକକୁ ଗିରଫ କରିଛି। ସେ ଜମାତ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ପାଇଥିଲା। ଏହାକୁ ମୁଜାମ୍ମିଲ ବିସ୍ଫୋରଣ ପାଇଁ ସାମଗ୍ରୀ କିଣିବାରେ ବ୍ୟବହାର କରିଥିଲେ। ଅନ୍ୟପଟେ ସବୁ ଆତଙ୍କବାଦୀ ପୃଥକ ହ୍ୟାଣ୍ଡଲରଙ୍କ ସଂସ୍ପର୍ଶରେ ଥିଲେ ବୋଲି ଜଣାପଡ଼ିଛି।

### ଜନତାଙ୍କୁ ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀଙ୍କ ଧମକ

# ଭୋଟ ନ ଦେଲେ ପାଣ୍ଠି ଦେବିନି



**ମୁମ୍ବଇ, ୨୩।୧୧ (ଏଜେନ୍ସି):** ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ତଥା ସରକାରୀ ମେଣ୍ଟ ମହାଯୁତିରେ ସାମିଲ ଏନ୍‌ସିପି ମୁଖ୍ୟ ଅଜିତ ପାୱାର ଖୋଲାଖୋଲି ଭାବେ ଲୋକଙ୍କୁ ଧମକ ଦେବାରେ ଲାଗିଛନ୍ତି। ଏଥିପାଇଁ ଗାଁରୁ ନେଇ ସହର ପର୍ଯ୍ୟନ୍ତ ଲୋକେ ସବୁଠି ତାଙ୍କୁ ନିନ୍ଦା କରୁଛନ୍ତି। ଅଜିତଙ୍କୁ ଧମକ ଦେଉଥିବା ଉପ-ମୁଖ୍ୟମନ୍ତ୍ରୀ କହୁଛନ୍ତି। ଗତ ସେପ୍ଟେମ୍ବରରେ ବେଆଇନ ଖଣି ଖନନ ରୋକିବାକୁ ଯାଇଥିବା ଜଣେ ମହିଳା ଆଇପିଏସ ଅଧିକାରୀଙ୍କୁ କଲ୍ କରି ସେ ଧମକ ଦେଇଥିଲେ। ମୋତେ ତୁମେ ଚିହ୍ନି ନାହିଁ ବୋଲି କହିଥିଲେ। ଏହାର ଭିଡିଓ ଦେଶରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟି ଥିଲା। ବିଭିନ୍ନ ମହଲରୁ ସମାଲୋଚନା କରାଯାଇଥିଲା। ତଥାପି ଉପ-ମୁଖ୍ୟମନ୍ତ୍ରୀ ନିଜ ଗୁଣ ଛାଡ଼ିବାକୁ ନାରାଜ। ଧମକ ଦେବାକୁ ନେଇ ତାଙ୍କ ଉପରେ ମଧ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ଏବେ ସେ ମାଲେଗାଁଓ ନଗର ପଞ୍ଚାୟତ ନିର୍ବାଚନ ପାଇଁ ବାରାମତିରେ ତହସିଲରେ ପ୍ରଚାର କରି ସିଧାସଳଖ ଭୋଟରଙ୍କୁ ଧମକ ଦେଇଛନ୍ତି। 'ଆପଣଙ୍କ ପାଖରେ ଭୋଟ ଆଉ ମୋ ପାଖରେ ପାଣ୍ଠି ଅଛି। ଯଦି ଭୋଟ ନ ଦେବେ ଅଞ୍ଚଳକୁ ଦିଆଯାଉଥିବା ପାଣ୍ଠି ହ୍ରାସ କରିଦେବି' ବୋଲି ଅଜିତ କହିଛନ୍ତି। ସେ ଗତ ଶୁକ୍ରବାର ଏହି ଟିପ୍ପଣୀ ଦେଇଥିଲେ।

ଅଜିତ କହିଥିଲେ ଯେ 'ଯଦି ଏନ୍‌ସିପି ପ୍ରାର୍ଥୀ ନିର୍ବାଚନରେ ଜିତିବେ ତେବେ ସେ ପାଣ୍ଠି ଜାରି କରିବେ। କେନ୍ଦ୍ର ଏବଂ ରାଜ୍ୟର ଅନେକ ଯୋଜନା ରହିଛି। ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ଉପ-ମୁଖ୍ୟମନ୍ତ୍ରୀ ଏବଂ ଉପ-ମୁଖ୍ୟମନ୍ତ୍ରୀ ଏକାଠି କାମ କରୁଛନ୍ତି। ଏହି ସବୁ ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କଲେ ମାଲେଗାଁଓର ବିକାଶ ସୁନିଶ୍ଚିତ ହୋଇପାରିବ। ୧୮ ଏନ୍‌ସିପି ପ୍ରାର୍ଥୀଙ୍କୁ ବିଜୟୀ କରାଇଲା ପାଣ୍ଠିର ଅଭାବ ରହିବ ନାହିଁ। ନିର୍ବାଚିତ କଲେ ଯାହା ପ୍ରତିଶ୍ରୁତି ଦେଇଛି ତାହା ପୂରଣ କରିବି। ଯଦି ଦଳର ପ୍ରାର୍ଥୀ ନ ଜିତିବେ ତେବେ ପାଣ୍ଠି ହ୍ରାସ କରିଦେବି। ଆପଣଙ୍କ ପାଖରେ ଭୋଟ ଦେବାର କ୍ଷମତା ଏବଂ ମୋ ପାଖରେ ପାଣ୍ଠି ଜାରି କରିବାର କ୍ଷମତା ରହିଛି। ଏବେ ନିଷ୍ପତ୍ତି ନିଅନ୍ତୁ ଆପଣ କ'ଣ କରିବେ'।

ମନ୍ତ୍ରୀଙ୍କ ଏହି ଟିପ୍ପଣୀକୁ ନେଇ ବିରୋଧୀ ସମାଲୋଚନା କରିଛନ୍ତି। ନିର୍ବାଚନ କମିଶନ କାହିଁକି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି ବୋଲି ବିରୋଧୀ ଏନ୍‌ସିପି (ଏସପି) ଏବଂ ଶିବସେନା ପକ୍ଷରୁ ପଚରାଯାଇଛି। କ୍ଷମତାରେ ଥିବାରୁ ମଦମତ୍ତ ହୋଇ ଏଭଳି ଧମକ ଦେଉଛନ୍ତି ବୋଲି କଂଗ୍ରେସ ନେତା ବିଜୟ ୱେଡିଟିୟାର କହିଛନ୍ତି। ଏଭଳି ସ୍ଥିତିରେ ମୁକ୍ତ ଏବଂ ଅବାଧ ନିର୍ବାଚନ କେମିତି ହେବ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ବିବାଦ ବଢ଼ିବାରୁ ଅଜିତ ରବିବାର ସାମ୍ନାକୁ ଆସି ସ୍ପଷ୍ଟୀକରଣ ଦେଇଛନ୍ତି। ଏହା କୌଣସି ଧମକ ନୁହେଁ ବୋଲି କହିଛନ୍ତି। ଏହା ସହିତ ନିଜ ବୟାନକୁ ଉଚିତ୍ ସାବ୍ୟସ୍ତ କରି ବିହାର ନିର୍ବାଚନରେ ଆରଜେଡି ନେତା ତେଜସ୍ୱୀ ଯାଦବ ଦେଇଥିବା ସରକାରୀ ଚାକିରି ପ୍ରତିଶ୍ରୁତି ବିଷୟରେ ଉଲ୍ଲେଖ କରିଛନ୍ତି।

## ଦୁଇ ସପ୍ତାହ ମଧ୍ୟରେ ଜିଲ୍ଲା କଂଗ୍ରେସ କମିଟି ଚୟନ

# ୧୪ ଡିସେମ୍ବରରେ କଂଗ୍ରେସର ଦିଲ୍ଲୀ ଚଲୋ ଡକରା

ଭୁବନେଶ୍ୱର,୨୩।୧୧(ସମିସ): ଏଆଇସିସିର ସଂଗଠନ ସୃଜନ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାର ୩୫ ସଂଗଠନିକ ଜିଲ୍ଲାରେ ସଭାପତିମାନଙ୍କୁ ଚୟନ କରାଯାଇସାରିବା ବରେ ଏବେ ଏହି ଅଭିଯାନ ମଧ୍ୟମରେ ଜିଲ୍ଲା କଂଗ୍ରେସ କମିଟି (ଡିସିସି) ଓ ବ୍ଲକ ସଭାପତି ବାଛିବାକୁ କଂଗ୍ରେସ ନିଷ୍ପତ୍ତି ନେଇଛି। ପ୍ରତି ଜିଲ୍ଲାରେ ସାଧାରଣ, ଦଳିତ, ଜନଜାତି, ସଂଖ୍ୟାଲଘୁ ଓ ମହିଳା ବର୍ଗରୁ ପ୍ରତିନିଧିତ୍ୱ ସହ ସର୍ବାଧିକ ୩୧ ଜଣ କର୍ମକର୍ତ୍ତା ରହିବେ। ପ୍ରତି ଜିଲ୍ଲା ସଂଗଠନରେ ୬ ଜଣ ଉପସଭାପତି ରହିବେ। ସଂଗଠନ ଦାୟିତ୍ୱରେ ତଥା ଛାମୁଆ ସଂଗଠନ ଦାୟିତ୍ୱରେ ଜଣେ ଲେଖାଏଁ ଉପସଭାପତି ରହିବେ। ପ୍ରତି ବିଧାନସଭା କ୍ଷେତ୍ରରୁ ଦୁଇଜଣ ଲେଖାଏଁ ସାଧାରଣ ସଂପାଦକଙ୍କୁ ଚୟନ କରାଯାଉଥିବା ବେଳେ ପ୍ରତି ବ୍ଲକ୍/ପୌରାଂଚଳରୁ ଦୁଇଜଣ ଲେଖାଏଁ ଡିସିସି ସଂପାଦକ ରହିବେ। ସମଗ୍ର ଜିଲ୍ଲା ପାଇଁ ଜଣେ ମୁଖପାତ୍ର ଓ ଜଣେ ସାମାଜିକ ଗଣମାଧ୍ୟମ ଇନ୍-ଚାର୍ଜ ରହିବେ। ଜିଲ୍ଲାର ପ୍ରଶିକ୍ଷଣ ଦାୟିତ୍ୱରେ ମଧ୍ୟ ଜଣେ କର୍ମକର୍ତ୍ତା ରହିବେ। ଆସନ୍ତା ୨ ସପ୍ତାହ ମଧ୍ୟରେ ଏ ସମସ୍ତ ତାଲିକା ପ୍ରସ୍ତୁତ କରି ୧୦ ଡିସେମ୍ବର ସୁଦ୍ଧା ପିସିସି ସଭାପତିଙ୍କ ଚୂଡ଼ାନ୍ତ ଅନୁମୋଦନ ପାଇଁ ପଠାକୁ



ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁ ନିର୍ଦ୍ଦେଶ ଦେଇଛନ୍ତି।

ରବିବାର ଅପରାହ୍ଣରେ କଂଗ୍ରେସ ଭବନରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଏଆଇସିସିର ଓଡ଼ିଶା ପ୍ରଭାରୀ ଏକ ଦୁଇ ସପ୍ତାହର ଖସଡ଼ା ଘୋଷଣା କରି ଡିସିସି ସଭାପତିମାନେ ନିଜନିଜ ଜିଲ୍ଲାର ସମସ୍ତ ବିଧାୟକ/ସାଂସଦ/ବରିଷ୍ଠ ନେତା/ପୂର୍ବତନ ବିଧାୟକ/ପୂର୍ବତନ ସାଂସଦ/ଗତ ଲୋକସଭା ଓ ବିଧାନସଭା ନିର୍ବାଚନର କଂଗ୍ରେସ ପ୍ରାର୍ଥୀମାନଙ୍କ ସହ ପରାମର୍ଶ କରି ତାଲିକାକୁ ଚୂଡ଼ାନ୍ତ ଅନୁମୋଦନ ପାଇଁ ପିସିସି ସଭାପତିଙ୍କ ପାଖକୁ ପଠାଇବାକୁ କହିଛନ୍ତି। ଅନ୍ୟପଟେ ବୈଠକରେ ଆସନ୍ତା ୨୬ ନଭେମ୍ବର ବୁଧବାର ଦେଶବ୍ୟାପୀ "ସମ୍ବିଧାନ ବଞ୍ଚାଅ' କାର୍ଯ୍ୟକ୍ରମ ପାଳନ କରାଯିବା ପାଇଁ କୁହାଯାଇଛି। ଏହି କ୍ରମରେ ଓଡ଼ିଶାର ସମସ୍ତ ଜିଲ୍ଲାରେ ସେଦିନ ଡିସିସିମାନଙ୍କ ପକ୍ଷରୁ କାର୍ଯ୍ୟକ୍ରମମାନ ଆୟୋଜନ କରି ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ୬ ତାରିଖ ଆମ୍ବେଦକରଙ୍କ ତିରୋଧାନ ଦିବସ ପାଳିତ ହେବାକୁ ଥିବାବେଳେ ୧୪ ତାରିଖ ଦିଲ୍ଲୀର ରାମଲୀଳା ମୈଦାନରେ ଏକ ବିଶାଳ ସମାବେଶ ଆୟୋଜିତ ହେବ। "ଭୋଟ ଚୋରି ବିରୋଧରେ ଦସ୍ତଖତ ଅଭିଯାନ'ର ଦେଶର କୋଟିକୋଟି ଲୋକ ଭାଗ ନେଇଥିବାରୁ ସେଦିନ ବିଭିନ୍ନ ରାଜ୍ୟରୁ ଆସି ଉକ୍ତ ମୈଦାନରେ ଲକ୍ଷେ ଲୋକ ଠୁଳ ହେବେ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କେବଳ ଓଡ଼ିଶାରୁ ୫ ହଜାର ଲୋକ ଭାଗ ନେବାକୁ ଦିଲ୍ଲୀ ଯିବେ ବୋଲି ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି।

ଆଜିର ପ୍ରଥମ ବୈଠକରେ ପିସିସି କର୍ମକର୍ତ୍ତା, ଡିସିସି ସଭାପତି ଓ ଛାମୁଆଁ ସଂଗଠନ/ବିଭାଗ/ପ୍ରକୋଷ୍ଠର ମୁଖ୍ୟମାନେ ଭାଗ ନେଇଥିବା ବେଳେ ଦ୍ୱିତୀୟ ବୈଠକରେ

**■ ସମାବେଶ ପାଇଁ ଓଡ଼ିଶାରୁ ଯିବେ ୫ ହଜାର ଲୋକ**
**■ ୨୬ରେ ସମ୍ବିଧାନ ବଞ୍ଚାଅ ଦିବସ ପାଳିବ ଦଳ**

ଦଳର ବିଧାୟକବୃନ୍ଦ, ଗତ ନିର୍ବାଚନରେ ଲଢ଼ିଥିବା ଦଳର ପ୍ରାର୍ଥୀମାନେ ଯୋଗ ଦେଇ ନେତୃବୃନ୍ଦଙ୍କ ସହ ଭାବ ବିନିମୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ଦୁଇ ପୂର୍ବତନ ପିସିସି ସଭାପତି ନିରଂଜନ ପଟ୍ଟନାୟକ ଓ ଜୟଦେବ ଜେନା, ୩ ଉପସଭାପତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

■ ଦଶରଥପୁରରେ ଶିଶୁବିକ୍ରି ଅଭିଯୋଗ

## ନବଜାତକଙ୍କୁ ୬୦ ହଜାରରେ ବିକିଦେଲେ ଦମ୍ପତି

ଦଶରଥପୁର, ୨୩।୧୧(ସମିସ): ୬୦ ହଜାର ଟଙ୍କାରେ ନବଜାତ ଶିଶୁକନ୍ୟାକୁ ବିକିଦେଲେ ଶ୍ରମିକ ଦମ୍ପତି। ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ୍ ଗୋପାଳପୁର ପଞ୍ଚାୟତ ବିଭୂତିପୁର ଗ୍ରାମରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି।

ଅଭିଯୋଗ ମୁତାବକ, ଦଶରଥପୁର ବ୍ଲକ ଗୋପାଳପୁର ପଞ୍ଚାୟତ ବିଭୁତିପୁର ଗ୍ରାମର ଦମ୍ପତି ନରେନ୍ଦ୍ର ଯେନା ଓ ସୁଲୋଚନା ଯେନାଙ୍କର ପୂର୍ବରୁ ୩ଟି ଝିଅ ଏବଂ ଗୋଟିଏ ପୁଅ ରହିଥିବା ବେଳେ ୨ଦିନ ତଳେ ସୁଲୋଚନା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଉ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ତେବେ ସେଠାରୁ ଫେରିବା ପରେ ସେମାନଙ୍କ କୋଳରେ ନବଜାତକ ନଥିବା ଦେଖି ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ଖବର ପାଇ ଜଣେ ସମାଜସେବୀ ସମ୍ପୃକ୍ତ ଅଞ୍ଚଳର ଅଙ୍ଗନବାଡ଼ି କର୍ମୀଙ୍କୁ ସୂଚନା ଦେଇଥିଲେ। ଯାଞ୍ଚ କରିବାରୁ, ଜଣେ ମଧ୍ୟସ୍ଥିଙ୍କ ଜରିଆରେ ସେମାନେ ଯାଜପୁର ବ୍ଲକ୍ ମକେଇପୁର ଅଞ୍ଚଳର ଜଣେ ଦମ୍ପତିଙ୍କୁ ୬୦ହଜାର ଟଙ୍କାରେ ବିକି ଦେଇଥିବା ଜଣାପଡ଼ିଥିଲା। ଏ ସଂପର୍କରେ ପଚରାଉଚରା କରିବାରୁ ଦମ୍ପତି ଥଙ୍ଗମଙ୍ଗ ହୋଇଥିଲେ। ତେବେ ଶିଶୁକନ୍ୟାକୁ ସେମାନେ ବିକିନାହାନ୍ତି, ବରଂ ସ୍ୱଇଚ୍ଛାରେ ଜଣେ ସମ୍ପର୍କୀୟ ମହିଳାଙ୍କୁ ଦାନ କରିଦେଇଥିବା କହିଛନ୍ତି।

ଏ ସଂପର୍କରେ ସମ୍ପୃକ୍ତ ସମାଜସେବୀ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ସମେତ ଜିଲ୍ଲା ଚାଇଲଡ ଲାଇନ୍ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ ଖବର ଲେଖା ହେବା ପର୍ଯ୍ୟନ୍ତ ଉଭୟ ବିଭାଗ ବିକ୍ରି ଶିଶୁକନ୍ୟାକୁ ଉଦ୍ଧାର କରିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏହାକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ଚାଇଲଡ ଲାଇନ୍ ସଂଯୋଜକଙ୍କୁ ଯୋଗାଯୋଗ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ହେଁ ତାହା ସମ୍ଭବପର ହୋଇନଥିଲା। ଅପରପକ୍ଷେ ବିଭାଗୀୟ ଅବହେଳା ଯୋଗୁ ବିକ୍ରି ଶିଶୁକନ୍ୟାକୁ ଆଜି ରାତିରେ ରାଜ୍ୟ ବାହାରକୁ ସ୍ଥାନାନ୍ତର କରାଇବା ପାଇଁ ମସୁଧା ଚଳାଇଥିବା ଅଭିଯୋଗ ହୋଇଛି।

## ବାଲି ବୋଝେଇ ଟ୍ରାକ୍ଟର ଓଲଟି ନାବାଳକ ମୃତ

ଦିଗପହଣ୍ଡି, ୨୩।୧୧(ସମିସ): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ ସମାସିଙ୍ଗି ଗ୍ରାମ ନିକଟ ବାହୁଦା ନଦୀପଠାରେ ଏକ ବାଲି ବୋଝେଇ ଟ୍ରାକ୍ଟର୍ ଓଲଟି ପଡ଼ିବାରୁ ଜଣେ ନାବାଳକର ମୃତ୍ୟୁ ଘଟିଛି। ମୃତ ନାବାଳକଜଣଙ୍କ ହେଲ, ଭ୍ରମରପୁର ଗ୍ରାମର ପ୍ରଫୁଲ୍ଲ ନାଇକଙ୍କ ପୁଅ ପ୍ରକାଶ ନାଇକ (୧୧)। ପ୍ରକାଶ ଗାଁ ସ୍କୁଲରେ ୫ମ ଶ୍ରେଣୀରେ ପଢୁଥିଲା। ପରିବାରର ଆର୍ଥିକ ସ୍ଥିତି ଭଲ ନଥିବାରୁ ତା' ବାପା ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ପରିବାର ଗୁଜୁରାଣ ମେଣ୍ଟାଇବା ପାଇଁ ପ୍ରକାଶ ମଧ୍ୟ କାମ କରୁଥିଲା। ଗାଁର ରବୀନ୍ଦ୍ର ସାହୁଙ୍କ ଟ୍ରାକ୍ଟର୍‌ରେ ଖଲାସି ଭାବେ କାମ କରୁଥିଲା। ରବିବାର ସକାଳେ ସେ କିଛି ଶ୍ରମିକଙ୍କ ସହ ପ୍ରକାଶ ବାଲି ଉତ୍ତୋଳନ ପାଇଁ ଗାଁ ନିକଟ ନଦୀପଠାକୁ ଯାଇଥିଲା। ସେଠାରେ ବାଲି ଲୋଡ୍ ପରେ ଟ୍ରାକ୍ଟରଟି ନଦୀ ହିଡ଼କୁ ଉଠୁଥିବା ବେଳେ ଓଲଟି ପଡ଼ିଥିଲା। ଟ୍ରାକ୍ଟରରେ ବସିଥିବା ପ୍ରକାଶ ବାଲି ବୋଝେଇ ଡାଲା ତଳେ ଚାପି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତା'ର ମୃତ୍ୟୁ ହୋଇଯାଇଥିଲା। ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଶବ ବ୍ୟବଚ୍ଛେଦ କରାଇବା ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏକ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଦିଗପହଣ୍ଡି ତହସିଲଦାର ସନ୍ତୋଷ କୁମାର ସାହୁ ଓ ପୁଲିସ ଟିମ୍ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଅପରପେକ୍ଷ, ଗିରଫ ଭୟରେ ଟ୍ରାକ୍ଟର୍ ଚାଳକ ଫେରାର୍ ହୋଇଯାଇଛି।

## ନଦୀରୁ ନରକଙ୍କାଳ ଉଦ୍ଧାର

ବଲାଙ୍ଗିର,୨୩।୧୧ (ସମିସ): ବଲାଙ୍ଗିର ସଦର ଥାନା ଅଧୀନ କୁମିଆପାଲି ଗାଁ ଦେଇ ପ୍ରବାହିତ ସୁକତେଲ ନଦୀରୁ ପୁଲିସ ଏକ ନରକଙ୍କାଳ ଉଦ୍ଧାର କରିଛି।



ଗ୍ରାମବାସୀଙ୍କ ପାଖରୁ ଖବର ପାଇ ସଦର ପୁଲିସ ନରକଙ୍କାଳ ଉଦ୍ଧାର କରିଥିଲା। ତେବେ ଏହି ଉଦ୍ଧାର କଙ୍କାଳ କାହାର ତାହା ଅସ୍ପଷ୍ଟ ରହିଛି। ଏ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଗତ ୨ ମାସ ତଳେ ବଲାଙ୍ଗିର ଜିଲ୍ଲା ଲରମ୍ବା ଥାନା ଫଟାମୁଣ୍ଡା ଗାଁର ପ୍ରଶାନ୍ତ ଡୁଡୁକା(୨୭) ନଦୀକୁ ଗାଧୋଇବାକୁ ଯାଇ ନିଖୋଜ ଅଛନ୍ତି। ଏଣୁ ଏହା ତାଙ୍କ କଙ୍କାଳ ହୋଇଥିବା ପରିବାର ଲୋକେ ସନ୍ଦେହ କରୁଛି; କିନ୍ତୁ ଏନେଇ କିଛି ସ୍ପଷ୍ଟ ହୋଇନାହିଁ। ପରିଚୟ ସ୍ପଷ୍ଟ କରିବାକୁ ଉଦ୍ଧାର କଙ୍କାଳର ଡିଏନଏ ପରୀକ୍ଷା ପାଇଁ ନମୁନା ପଠାଯିବ ବୋଲି ବଲାଙ୍ଗିର ସଦର ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି।

■ ଭଣଜା ମୃତ୍ୟୁ ଖବର ଶୁଣି ଭଉଣୀ ଘରକୁ ଆସିଥିଲେ

## କାଠଫାଳିଆ ମାଡ଼ରେ ଗଲା ଜୀବନ

ବାଲିଗୁଡ଼ା, ୨୩।୧୧(ସମିସ): ଭଣଜାର ଅକାଳ ମୃତ୍ୟୁ ଖବର ଶୁଣି ଭଉଣୀ ଘରକୁ ଧାଇଁ ଆସିଥିଲେ। ଭଉଣୀର ଦୁଃଖରେ ଭାଗି ହେବା ସହ ତାକୁ ସାନ୍ତ୍ୱନା ଦେବା ପାଇଁ ତା' ଘରେ ରାତିକ ପାଇଁ ଅଟକି ଯାଇଥିଲେ। କିନ୍ତୁ ସେ ରାତିରେ ଦୁର୍ବୃତ୍ତର କାଠଫାଳିଆରେ ଯେ ତାଙ୍କ ଜୀବନ ଚାଲିଯିବ, ତାହା ସେ ଜାଣିନଥିଲେ। କନ୍ଧମାଳ ଜିଲ୍ଲା କ. ନୂଆଗାଁ ଥାନା ଯୁଗାପଦର ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, କ. ନୂଆଗାଁ ଥାନା କଞ୍ଚାମେଣ୍ଡି ଅଞ୍ଚଳର ଅଲେଖ ନାୟକ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରିଛି। ଅପରପକ୍ଷେ, ଏହି ହତ୍ୟାକାଣ୍ଡର ଅଭିଯୁକ୍ତ ମିଥୁନ ମଲ୍ଲିକ ଥାନାରେ ଆତ୍ମସମର୍ପଣ କରିଛି। କେଉଁ କାରଣରୁ ସେ ଅଲେଖଙ୍କୁ ହତ୍ୟା କଲା, ସେ ସଂପର୍କରେ ପୁଲିସ୍ ତାକୁ ପଚରାଉଚରା କରୁଛି। ସୂଚନାନୁସାରେ, ଅଲେଖ ନିଜର ସମ୍ପର୍କୀୟ ଭଣଜାର ଅକାଳ ମୃତ୍ୟୁ ଖବର ଶୁଣି ଶନିବାର ସନ୍ଧ୍ୟାରେ ଯୁଗାପଦର ଗାଁସ୍ଥିତ ତାଙ୍କ ଭଉଣୀଘରକୁ ଆସିଥିଲେ। ରାତିରେ ଖାଇପିଇ ଶୋଇଥିବା ବେଳେ ମିଥୁନ ନିଶାସକ୍ତ ଅବସ୍ଥାରେ ସେଠାରେ ପହଞ୍ଚି ଏକ କାଠଫାଳିଆରେ ତାଙ୍କୁ ନିର୍ଦ୍ଧୁମ୍ ପିଟିଥିଲା। ଏଥିରେ ଅଲେଖଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା।

## ଦୁଇ ପୁଲିସ ଏସ୍‌ଆଇ ଚାକିରି ଆଶାୟୀଙ୍କୁ ସିବିଆଇର ଜେରା

ଭୁବନେଶ୍ୱର,୨୩।୧୧(ସମିସ): ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ଭୁବନେଶ୍ୱର ସିବିଆଇ ରବିବାର ୨ପରୀକ୍ଷାର୍ଥୀଙ୍କୁ ଜେରା କରିଛି। ନୋଟିସ ଅନୁଯାୟୀ ଆଶାୟୀମାନେ ଭୁବନେଶ୍ୱର ସିବିଆଇ କାର୍ଯ୍ୟାଳୟରେ ହାଜର ହୋଇଥିଲେ। ସିବିଆଇ ଅଧିକାରୀମାନେ ସେମାନଙ୍କୁ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ପଚରାଉଚରା କରିଥିଲେ। ଏହି ପଚରାଉଚରା ସମ୍ପର୍କରେ ଚାକିରିରେ ଅନିୟମିତତା ସଂକ୍ରାନ୍ତରେ ଅନେକ ତଥ୍ୟ ମିଳିଥିବା କୁହାଯାଉଛି।

**୩ ଦିନରେ ଜେରା ହେଲେଣି ମୋଟ ୧୦ ଜଣ**

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଲଗାତାର ୩ଦିନ ମଧ୍ୟରେ ମୋଟ୍ ୧୦ଜଣଙ୍କୁ ଜେରା କରିଛି ସିବିଆଇ। ସେମାନଙ୍କୁ ୬ଘଣ୍ଟା ଧରି ପଚରାଉଚରା କରାଯିବା ବେଳେ ଏହି ରାକେଟର କିଏ ମାଷ୍ଟରମାଇଣ୍ଡ ସେ ସମ୍ପର୍କରେ ପଚରାଯାଇଛି। ଗିରଫ ହୋଇଥିବା ଅଭିଯୁକ୍ତଙ୍କ ସହ ସେମାନଙ୍କର କିଭଳି ଲିଙ୍କ୍ ରହିଛି। ଦଲାଲ୍ ସେମାନଙ୍କୁ କେଉଁ ମାଧ୍ୟମରେ ଯୋଗାଯୋଗ କରିଥିଲା। ଆଶାୟୀମାନେ କାହାକୁ ଟଙ୍କା ଦେଇଛନ୍ତି। କେତେଟଙ୍କା ଦେଇଛନ୍ତି। ଏଥିରେ କେଉଁ ସରକାରୀ କର୍ମଚାରୀଙ୍କ ସମ୍ପୃକ୍ତି ରହିଛି। ଆଶାୟୀମାନଙ୍କୁ ଆନ୍ଧ୍ର କଣ ପାଇଁ ନିଆଯାଇଥିଲା। ଏଠାରେ ଦଲାଲଙ୍କ ଭୂମିକା କଣ ରହିଥିଲା। ଏଭଳି ଅନେକ ପ୍ରଶ୍ନ ପଚାରିବା ପରେ ଶେଷରେ ସେମାନଙ୍କୁ ଛାଡି ଦିଆଯାଇଥିଲା।

## ନକଲି ପୁଲିସକୁ ବାନ୍ଧିଲା ଅସଲି

ବ୍ରହ୍ମପୁର/କୁକୁଡ଼ାଖଣ୍ଡି, ୨୩।୧୧ (ସମିସ): ବ୍ରହ୍ମପୁର ସଦର ଥାନା ପୁଲିସ ଆଜି ଜଣେ ନକଲି ପୁଲିସ କନେଷ୍ଟବଲକୁ ପଦରବାଲି ଛକରୁ ଗିରଫ କରିଛି। ସେ ହେଲା, ନାରାୟଣପୁର ଗ୍ରାମର କେଦାରନାଥ ସ୍ୱାଇଁ ଓରଫ୍ ମନୋଜ କୁମାର ସ୍ୱାଇଁ (୩୭)। ପୁଲିସ ତା' ପାଖରୁ ପୁଲିସ ପୋଷାକ,



ଖେଳଣା ବନ୍ଧୁକ, ଜୋତା, ବେଲ୍ଟ, ପୁଲିସ ଲାଠି, ନକଲି ନେମ୍ ପ୍ଲେଟ୍ ଜବତ କରିଛି। ନିଜକୁ ପୁଲିସ ପରିଚୟ ଦେଇ ସେ ବିଲଡର୍, ବ୍ୟବସାୟୀ, ଅପରାଧୀଙ୍କଠାରୁ ବଟି ଆଦାୟ କରୁଥିଲା ବୋଲି ପୁଲିସ ଜାଣିବାକୁ ପାଇଛି।

ସୂଚନାନୁସାରେ, ରବିବାର ସକାଳେ ପଦରବାଲି ଛକ ରାଜ୍ୟ ରାଜପଥ-୧୭ ଉପରେ ଜଣେ ପୁଲିସ କନଷ୍ଟେବଳ ଗାଡ଼ିମଟର ଯାଞ୍ଚ କରି ଚାଳକଙ୍କଠାରୁ ଟଙ୍କା ଆଦାୟ କରୁଥିବା ସଦର ଥାନାକୁ ଖବର ମିଳିଥିଲା। ଏଏସ୍‌ଆଇ ଡି.ପି ପଟ୍ଟନାୟକ ଓ ତାଙ୍କ ଟିମ୍ ଘଟଣାସ୍ଥଳ ଅଭିମୁଖେ ଯାଇଥିଲେ। ପୁଲିସ ଗାଡ଼ି ଆସିବା ଦେଖି ସେଠାରେ ପୁଲିସ ପୋଷାକ ପିନ୍ଧି ଛିଡ଼ା ହୋଇଥିବା ଅଭିଯୁକ୍ତ ମନୋଜ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲା। ହେଲେ ପୁଲିସ ତାକୁ ମାଡ଼ି ବସିଥିଲା। ପଚରାଉଚରା କରିବାରୁ ମନୋଜ ଲାଠିରେ ଘର ଭଡ଼ା ନେଇ ରହୁଥିବା ପୁଲିସ ଜାଣିବାକୁ ପାଇଥିଲା। ସେହିକ୍ରମରେ

**ପୋଷାକ, ଜୋତା ଓ ଖେଳନା ବନ୍ଧୁକ ଜବତ**

ପୁଲିସ ଲାଠି ସ୍ଥିତ ମନୋଜଙ୍କ ଭଡ଼ା ଘରେ ଚଢ଼ଉ କରିଥିଲା। ସେଠାରୁ ଉପରୋକ୍ତ ସାମଗ୍ରୀ ଜବତ ହୋଇଥିଲା। ଅଭିଯୁକ୍ତ ମନୋଜ ଘର ମାଲିକଙ୍କୁ ପୁଲିସ କନଷ୍ଟେବଳ ବୋଲି କହି ଘର ଭଡ଼ା ନେଇଥିଲେ ଓ ୧୦ ମାସ ହେବ ଭଡ଼ା ଦେଇନାହାନ୍ତି ବୋଲି ଜଣାପଡ଼ିଥିଲା। ସେ ପୁଲିସ ପୋଷାକ ପିନ୍ଧି କନେଷ୍ଟେବଳ ବୋଲି କହି ବିଭିନ୍ନ ଜିଲ୍ଲାକୁ ମାଗଣାରେ ବସ ଓ ଟ୍ରେନ ଯୋଗେ ଯିବା ଆସିବା କରୁଥିଲା। ଘଟଣାକୁ ନେଇ ସଦର ଥାନାରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

## ଠାକୁରାଣୀ ପୀଠରେ ହତ୍ୟା

ରାଜନଗର,୨୩।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ରିଘାଗଡ଼ର ମା' ଥାନପତି ଠାକୁରାଣୀ ପୀଠରେ ରବିବାର ଅପରାହ୍ଣ ପ୍ରାୟ ୩ଟାରେ ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ରିଘାଗଡ଼ ଗାଁର ବୁଦ୍ଧିଆ ସାହୁ (୫୫)। ଏହି ଘଟଣାରେ ପୁଲିସ ୩ ଜଣଙ୍କୁ ଅଟକ ରଖିଛି।



ମିଳିଥିବା ସୂଚନାନୁଯାୟୀ, କଣ୍ଡିରା ପଞ୍ଚାୟତ ଜଗନ୍ନାଥପୁର ଗାଁର କିଛି ଯୁବକ ଥାନପତି ଠାକୁରାଣୀ ପୀଠରେ ରନ୍ଧାଭୋଗ କରିଥିଲେ। ରୋଷେଇ ପରେ ପୂଜା କରି ଖାଇସାରିବା ପରେ ଟାଟା ଏସିଇ ଗାଡ଼ିରେ ରୋଷେଇ ସରଞ୍ଜାମ ଲଦି ଘରକୁ ନେଉଥିଲେ। ଏହି ସମୟରେ ଦୁଇ ଯୁବକ ଗାଡ଼ି ଅଟକାଇ ସେମାନଙ୍କୁ ମଦ ମାଗିଥିଲେ। ଡ୍ରାଇଭର ସହ ଦୁଇ ଯୁବକଙ୍କ ବଚସା ହୋଇଥିଲା। ଦୁଇ ଯୁବକ ଡ୍ରାଇଭରଙ୍କୁ ମାଡ଼ ମାରିଥିଲେ। ସେଠାରେ ଜଗନ୍ନାଥପୁର ଗାଁର ଯୁବକମାନେ ପହଞ୍ଚି ଡ୍ରାଇଭରଙ୍କୁ ମାଡ଼ ମରିଥିବା ଯୁବକଙ୍କୁ ମାଡ଼ ମାରିଥିଲେ। ଏହାକୁ ନେଇ ଠାକୁରାଣୀ ପୀଠରେ ରିଘାଗଡ ଗାଁ ଲୋକ ଏକାଠି ହୋଇ ଜଗନ୍ନାଥପୁର ଲୋକଙ୍କୁ ଘେରି ଯାଇଥିଲେ। ଠାକୁରାଣୀ ପୀଠରେ ଉଭୟ ପକ୍ଷ ମଧ୍ୟରେ ବାଡ଼ିଆପିଟା ଯାଏଁ କଥା ଯାଇଥିଲା। ଗଣ୍ଡଗୋଳ ଭିତରେ ରିଘାଗଡ ଗାଁର ବୁଦ୍ଧିଆ ସାହୁ(୫୫)ଙ୍କୁ କେହି ଠେଲି ଦେବାରୁ ସେ ତଳେ ପଡ଼ି ଚେତାଶୂନ୍ୟ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ସୂଚନା ମୁତାବକ, ଯୁବକମାନେ ଗାଁ ରାସ୍ତାରେ ଗାଡ଼ି ରଖି ରାସ୍ତା ଅବରୋଧ କରିବା ସହ ମଦ ପିଇ ହୋହାଲ୍ଲା କରିଥିଲେ। ଏହାକୁ ଗ୍ରାମବାସୀ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ଉଗ୍ରରୂପ ନେଇଥିଲା। ଏହି ସମୟରେ ଥାନପତି କମିଟି ସଦସ୍ୟ ବୁଦ୍ଧିଆ ସାହୁ ଉତ୍ୟକ୍ତ ଯୁବକମାନଙ୍କୁ ବୁଝାସୁଝା କରିବା ବେଳେ ସେମାନେ ଆକ୍ରମଣ କରିଥିଲେ। ଫଳରେ ବୁଦ୍ଧିଆଙ୍କ ମୃତ୍ୟୁ ଘଟିଛି ବୋଲି ଗ୍ରାମବାସୀ କହିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ତେବେ ଗଣ୍ଡଗୋଳ ସମୟରେ ଉତ୍ତୋଳନ କରାଯାଇଥିବା ଭିଡିଓରେ ଟାଟା ଏସିଇ ଗାଡ଼ି ରାସ୍ତା କଡ଼ରେ ଥିବା ଦେଖାଯାଉଛି।

■ ଆଜି ମନ୍ତ୍ରୀ ପରିଷଦ ବୈଠକ

## ୧୩ ହଜାର କୋଟି ମଧ୍ୟରେ ରହିବ ଅତିରିକ୍ତ ବଜେଟ

ଭୁବନେଶ୍ୱର,୨୩।୧୧(ସମିସ): ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନରେ ଅପରାହ୍ନରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ଆଗତ ହେବାକୁ ଥିବା ଅତିରିକ୍ତ ବଜେଟକୁ ଅନୁମୋଦନ ପ୍ରଦାନ କରାଯିବ। ମିଳିଥିବା ସୂଚନା ଅନୁଯାୟୀ ବୈଠକରେ ଚଳିତ ଆର୍ଥିକ ବର୍ଷ ପାଇଁ ଆଗତ ଅତିରିକ୍ତ ବଜେଟ୍ ୧୩ ହଜାର କୋଟି ଟଙ୍କା ମଧ୍ୟରେ ରହିବ। ଚଳିତ ଆର୍ଥିକ ବର୍ଷରେ ଅଧିକାଂଶ ବିଭାଗଗୁଡ଼ିକ ସେମାନଙ୍କର ମୂଳ ବଜେଟ ବରାଦ ଖର୍ଚ୍ଚ କରିବାରେ ବ୍ୟର୍ଥ ହୋଇଛନ୍ତି। ଏବେବି ବହୁ ବିଭାଗର ବଜେଟ ଆବଣ୍ଟିତ ଅର୍ଥ ଖର୍ଚ୍ଚ ଅତ୍ୟନ୍ତ୍ ନିରୁତ୍ସାହଜନକ ରହିଛି। ସେଥିଲାଗି ଅତିରିକ୍ତ ବଜେଟରେ ସମ୍ପୃକ୍ତ ବିଭାଗଗୁଡ଼ିକ ପାଇଁ କମ୍ ଅର୍ଥ ବରାଦ ହୋଇଛି। କେବଳ ଅଣ ଯୋଜନା ବ୍ୟୟ ବାବଦରେ ସମ୍ପୃକ୍ତ ବିଭାଗ ପାଇଁ ଆବଶ୍ୟକ ଅର୍ଥ ବରାଦ କରାଯିବ ବୋଲି ଅର୍ଥନୀତି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ମୋଟ ୧୨୧୫୬ କୋଟି ଟଙ୍କାର ଅତିରିକ୍ତ ବଜେଟ ବିଧାନସଭାରେ ଆଗତ କରିଥିଲେ। ଏଥିରେ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ୧୦୧୫୫ କୋଟି ଟଙ୍କା ଆବଣ୍ଟିତ ହୋଇଥିବା ବେଳେ ପ୍ରଶାସନିକ ବ୍ୟୟ ପାଇଁ ୧୬୮୫ କୋଟି ଟଙ୍କା ଆବଣ୍ଟିତ ହୋଇଥିଲା। ଚଳିତ ବର୍ଷ ଅତିରିକ୍ତ ବଜେଟ୍‌ର ଆକାର ପୂର୍ବବର୍ଷଠାରୁ ସାମାନ୍ୟ ଅଧିକ ରହିପାରେ ବୋଲି କୁହାଯାଉଛି। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ମୋଟ ୨.୯୦ ଲକ୍ଷ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ଆଗତ ହୋଇଥିଲା। ଏଥିରୁ ଅଣଯୋଜନା ଅର୍ଥାତ୍ ପ୍ରଶାସନିକ ବ୍ୟୟ ବ୍ୟତୀତ ଅନ୍ୟ ଯୋଜନା ଓ କାର୍ଯ୍ୟକ୍ରମ ବ୍ୟୟ ବରାଦଗୁଡ଼ିକ ନିରୁତ୍ସାହଜନକ ରହିଛି।

■ ପଛୁଆ ବର୍ଗ କମିଶନଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

## ଏସ୍‌ଇବିସି ବର୍ଗଙ୍କୁ ଓବିସି ସୂଚୀଭୁକ୍ତ କରାଯାଉ

ଭୁବନେଶ୍ୱର,୨୩।୧୧(ସମିସ): ରାଜ୍ୟର ଏକାଧିକ ଜାତିଙ୍କୁ କେନ୍ଦ୍ରୀୟ ଓବିସି (ଅନ୍ୟାନ୍ୟ ପଛୁଆ ବର୍ଗ) ତାଲିକାରେ ସାମିଲ କରିବା ପାଇଁ ରାଷ୍ଟ୍ରୀୟ ପଛୁଆ ବର୍ଗ ଆୟୋଗର ଅଧ୍ୟକ୍ଷ ହଂସରାଜ ଅହିରଙ୍କୁ ଚିଠି ଲେଖିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ନିଜ ଚିଠିରେ ଓଡ଼ିଶା ସରକାରଙ୍କ ଏସଇବିସି ତାଲିକାଭୁକ୍ତ ଖଣ୍ଡାୟତ, ପାଇକ, ଚଷା ପାଇକ, ଆଳିଆ, ପାଇକାଳି, କଳିଙ୍ଗୀ ଶୂଦ୍ର ଖଣ୍ଡାୟତ, ମହାନାୟକ ଶୂଦ୍ର, ଓଡ଼-ଖଣ୍ଡାୟତ, ବୟାଳିଶା, ଓଡ଼, ଓଡ଼ ପାଇକ, ଓଡ଼ ପାଇକୋ, ହଳଦିଆ ତେଲି ଏବଂ ରାଜଶ୍ରୀବଳାସୀ/ବଳାସୀ ବର୍ଗଗୁଡ଼ିକୁ ଓବିସି ତାଲିକାରେ ସ୍ଥାନ ଦେବା ପାଇଁ ଅନୁରୋଧ କରିଛନ୍ତି।


**ତାଲିକାଭୁକ୍ତ ହୋଇ ନ ଥିବାରୁ ମିଳୁନି ଯୋଜନାର ସୁବିଧା**

ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟ ଏସ୍‌ଇବିସି ତାଲିକାରେ ଥିବା ଅନେକ ଜାତି କେନ୍ଦ୍ରୀୟ ଓବିସି ତାଲିକାରେ ନ ଥିବାରୁ ଏହି ସମାଜର ଲୋକମାନେ କେନ୍ଦ୍ର ସରକାରଙ୍କ ଚାକିରି, ଶିକ୍ଷା ଓ ବୈଷୟିକ ଶିକ୍ଷାନୁଷ୍ଠାନରେ ନାମଲେଖା ତଥା ସରକାରଙ୍କ ଅନେକ କଲ୍ୟାଣକାରୀ ଯୋଜନାରେ ସଂରକ୍ଷଣର ଲାଭ ପାଇବାରୁ ବଞ୍ଚିତ ହେଉଛନ୍ତି। କେନ୍ଦ୍ରୀୟ ଓବିସି ତାଲିକାରେ ଏହି ବର୍ଗର ଜାତିଙ୍କୁ ସାମିଲ କରାଗଲେ ସେମାନଙ୍କର ସାମାଜିକ-ଅର୍ଥନୈତିକ ବିକାଶ ଘଟିବ। ଓଡ଼ିଶାର ଏହି ବୃହତ୍ ସମାଜକୁ ସେମାନଙ୍କର ଅଧିକାର ଦେବା ଦିଗରେ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସୂଚନାଯୋଗ୍ୟ ଯେ ଗତ ମାସରେ ଜାତୀୟ ପଛୁଆ ବର୍ଗ କମିଶନ ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଅହିର ଓଡ଼ିଶା ଗସ୍ତରେ ଆସିଥିଲେ। ଏହି ଅବସରରେ କମିଶନ ରାଜ୍ୟର ବିଭିନ୍ନ ଜାତିବର୍ଗଙ୍କଠାରୁ ସେମାନଙ୍କ ଦାବି ସଂପର୍କରେ ଶୁଣିବା ସହ ଏ ସମ୍ପର୍କିତ ତଥ୍ୟ ସମ୍ବନ୍ଧିତ କାଗଜପତ୍ର ଗ୍ରହଣ କରିଥିଲେ। ଭୁବନେଶ୍ୱର ସ୍ଥିତ ରାଜ୍ୟ ଅତିଥି ଭବନଠାରେ ଏହି ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ପ୍ରାୟ ୫୦ରୁ ଉଦ୍ଧ୍ୱର୍ ଜାତିବର୍ଗ, ସଂଗଠନର ୫୦୦ରୁ ଉଦ୍ଧ୍ୱର୍ ପ୍ରତିନିଧି କମିଶନ ଅଧ୍ୟକ୍ଷ ଏବଂ ସଦସ୍ୟଙ୍କୁ ସାକ୍ଷାତ କରି ସେମାନଙ୍କର ଦାବିପତ୍ର ପ୍ରଦାନ କରିଥିଲେ।

## ମହାପ୍ରଭୁଙ୍କ ପାଖରେ ବାପା ମା'ଙ୍କ ଭିକ୍ଷା

# ଅସୁସ୍ଥ ପୁଅକୁ ସିଂହଦ୍ୱାରରେ ଗଡ଼ାଇ କାନି ପାତିଲେ ମା'

ପୁରୀ,୨୩।୧୧(ସମିସ): ଯେଉଁଠି ଚିକିତ୍ସା ବିଜ୍ଞାନ ଫେଲ୍ ମାରେ, ସେଠି ଅସହାୟ ମଣିଷ ଭଗବାନଙ୍କ ପାଖରେ ନିଜକୁ ସମର୍ପି ଦିଏ। ଏମିତି ସମର୍ପଣ ମନୋଭାବ ରଖି ଶ୍ରୀକ୍ଷେତ୍ରକୁ ପ୍ରତିଦିନ ଛୁଟି ଆସନ୍ତି ବହୁ ଅସହାୟ ମଣିଷ। ଶ୍ରୀମନ୍ଦିର ସିଂହଦ୍ୱାରରେ ବହୁବାର ଏମିତି କିଛି ଦୃଶ୍ୟ ଦେଖିବାକୁ ମିଳିଛି। ଦୁଇ ସପ୍ତାହ ତଳେ ରାଜସ୍ଥାନର ଜଣେ ଯୁବକ ନିଜ ପୁଅକୁ ମହାବାହୁଙ୍କୁ ସମର୍ପି ତା'ର ଜୀବନଭିକ୍ଷା କରିବାର ଦୃଶ୍ୟ ଏବେ ବି ସାମାଜିକ ଗଣମାଧ୍ୟମରେ ତାଜା ରହିଛି। ତେବେ ରବିବାର ପୁଣି ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ସିଂହଦ୍ୱାର ନିକଟରେ ଏକ ଅସହାୟ ଦମ୍ପତି ଜଗା ଦୁଆରେ ନିଜ କୁନି ପୁଅର ଜୀବନ ଭିକ୍ଷା କରିଛନ୍ତି। ପତିତପାବନଙ୍କ ପାଦପଦ୍ମରେ ଅସୁସ୍ଥ



ପୁଅକୁ ଗଡାଇ ପଣତ କାନି ପତେଇଥିଲେ ମା'। କାନ୍ଦି କାନ୍ଦି ନିଜ କୁନି ପୁଅକୁ ଭଲ କରିଦେବା ପାଇଁ ନେହୁରା ହେଉଥିଲେ। କାଳିଆ ଠାକୁରଙ୍କ ପାଖରେ ହାତପାତି ନିଜ ପୁଅର ଜୀବନ ପାଇଁ କାକୁତି ମିନତି ହେଉଥିଲେ ଦମ୍ପତି। ଏହି ଦୃଶ୍ୟ ଶ୍ରଦ୍ଧାଳୁଙ୍କ ଆଖି ଓଦା କରି ଦେଇଥିଲା।

ସୂଚନାନୁଯାୟୀ, ରବିବାର ଭୋରରୁ ସିଂହଦ୍ୱାର ଫିଟିବା ପରେ ଏହି ଭାବବିହ୍ୱଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ପୁଅର ସୁସ୍ଥତା କାମନା କରି ସିଂହଦ୍ୱାରରେ ବାପା, ମା' ମହାପ୍ରଭୁଙ୍କୁ ଆକୁଳ ନିବେଦନ କରୁଥିଲେ। ଅସୁସ୍ଥ କୁନି ପୁଅକୁ ଶୁଆଇଦେଇ କାନି ପତେଇ ମହାପ୍ରଭୁଙ୍କୁ ନିଜର ଦୁଃଖ ଜଣାଇଥିଲେ ତାଙ୍କ ମା'। ଦଣ୍ଡ ପ୍ରଣାମ କରି ମହିଳାଜଣଙ୍କ ସିଂହଦ୍ୱାର ନିକଟରେ ନିଜ ଛୁଆ ପାଇଁ ଗୁହାରି କରୁଥିଲେ। ଲାଗୁଥିଲା, ସତେଯେମିତି ସେ ମାନସିକ କରିଛନ୍ତି ଦଣ୍ଡ ପ୍ରଣାମ କରି କାଳିଆ ଦୁଆରେ ନିଜ ପିଲାକୁ ଗଡ଼ାଇଦେଲେ ସେ ସୁସ୍ଥ ହୋଇଯିବ।

ଶନିବାର ମଧ୍ୟ ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଗତ ୯ ତାରିଖରେ ରାଜସ୍ଥାନର ନିଖିଲ ଭୋଇ ବ୍ରେନ ଷ୍ଟ୍ରୋକ ଯୋଗୁ କୋମାରେ ଥିବା ୮ ବର୍ଷର ପୁଅକୁ ଆଣି ମହାପ୍ରଭୁଙ୍କ ନିକଟକୁ ଆସିଥିଲେ। ଭାବର ଠାକୁର ଶୁଣିଲେ ଭକ୍ତର ଡାକ। କୋମାରେ ଥିବା ତାଙ୍କ ପୁଅ ଧୀରେ ଧୀରେ ସୁସ୍ଥ ହେବାରେ ଲାଗିଛି। ହାତଗୋଡ ହଲାଇବା ଆରମ୍ଭ କରିବା ପରେ ପୁଣି ନିଖିଲ ପୁଅକୁ ଧରି ଶନିବାର ମହାପ୍ରଭୁଙ୍କୁ ଧନ୍ୟବାଦ ଜଣାଇ କୃପା ଭିକ୍ଷା କରିଛନ୍ତି। ମହାପ୍ରଭୁଙ୍କର ଏହି ଚମତ୍କାରିତା ନେଇ ଏବେ ସବୁଠି ଚର୍ଚ୍ଚା ଭିତରେ ରବିବାର ଅସୁସ୍ଥ କୁନି ପୁଅକୁ ଧରି କାଳିଆ ଠାକୁରଙ୍କ ଶରଣ ପଶିଛନ୍ତି ଦମ୍ପତି।

# ନୟାହାଟ-ଶିଖରଘାଟ ରାସ୍ତା ପାଇଁ ୫କୋଟି ମଞ୍ଜୁର



**ନୟାହାଟ,୨୩।୧୧(ସମିସ):** ବହୁଦିନ ହେଲା ନୟାହାଟ-ଶିଖରଘାଟ ରାସ୍ତା ଅତି ଶୋଚନୀୟ ହୋଇପଡ଼ିଥିଲା। ଯାତାୟତରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ ସାଧାରଣ ଜନତା। ବର୍ଷାଦିନେ ବଡ଼ ବଡ଼ ଖାଲରେ ପାଣି ଜମିରହିବା ଫଳରେ ଯାତ୍ରୀବାହୀ ବସ୍, ଟ୍ରକ ବିପଜ୍ଜନକ ଭାବେ ଯାତାୟତ କରୁଥିଲେ। ଏ ସମ୍ପର୍କରେ ସମ୍ବାଦ ପତ୍ରରେ ଖବର ପ୍ରକାଶ ପାଇବା ପରେ ବି ପ୍ରଶାସନ କର୍ଣ୍ଣପାତ କରିନଥିଲା। ଧୂମାଳ ପଞ୍ଚାୟତବାସୀ ଓ ସମାଜସେବୀ ଅଭିମନ୍ୟୁ ସିଂହ, ଅଶୋକ ସାହୁ, ଦିଲ୍ଲୀପ ରାୟ, ସହଦେବ ମାଣିକ ପ୍ରମୁଖ ଜନଆନ୍ଦୋଳନ କରିବେ ବୋଲି ପ୍ରଶାସନକୁ ଲିଖିତ ଭାବେ ଜଣାଇବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଗୋପ ଥାନା ଅଧିକାରୀ ପ୍ରଶାନ୍ତ ପଡ଼ିଆରୀ, ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ, ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ପ୍ରମୁଖ ଏମାନଙ୍କ ସହିତ ଆଲୋଚନା କରି ରାସ୍ତା ରୋକ ସ୍ଥଗିତ ରଖି ରାସ୍ତା କାମ କରିବେ ବୋଲି ସମୟ ମାଗିଥିଲେ। ଗତ ୨୦ ତାରିଖ ଦିନ ଏହି ରାସ୍ତା ପାଇଁ ୫ କୋଟି ଟଙ୍କା ଟେଣ୍ଡର ହୋଇଥିବା ବେଳେ ଧୂମାଳ ଗୋହରିରେ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା ହୋଇଛି।

# ବାଲୁଗାଁ ବନଖଣ୍ଡ ପକ୍ଷରୁ ସମୁଦ୍ରରେ ପଇଁତରା

ବ୍ରହ୍ମଗିରି/କୃଷ୍ଣପ୍ରସାଦ,୨୩।୧୧(ସମିସ)



ଓଡ଼ିଶା ଉପକୂଳରେ ବିରଳ ପ୍ରଜାତିର ସାମୁଦ୍ରିକ କଇଁଛ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷିତ ଅଣ୍ଡା ଦାନ ପାଇଁ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବାଲୁଗାଁ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବାଲୁଗାଁ ବନଖଣ୍ଡ ଅଧିକାରୀ ଅମ୍ଳାନ ନାୟକଙ୍କ ନିର୍ଦ୍ଦେଶକ୍ରମେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ରବିବାର ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ତରଫରୁ କୃଷ୍ଣପ୍ରସାଦ ବ୍ଲକର ଅରଖକୁଦାଠାରୁ ରାଜହଂସ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟରେ ଟ୍ରଲର, ଟାପା ଯୋଗେ ବନଖଣ୍ଡ ଅଧିକାରୀ ଅମ୍ଳାନ ନାୟକ ପଇଁତରା ମାରି ପାଟ୍ରୋଲିଂ ବ୍ୟବସ୍ଥାକୁ ତଦାରଖ କରିଛନ୍ତି। ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବା ଟ୍ରଲର ପ୍ରବେଶକୁ ବାରଣ କରାଯିବା ସହିତ ଅବାଧ ପ୍ରବେଶ ଉପରେ ତୀକ୍ଷ୍ଣ ନଜର ରଖିଥିବା ଅରଖକୁଦା ବନପାଳ ପ୍ରଣୟ କୁମାର ଜୟସିଂହ ପ୍ରକାଶ କରିଛନ୍ତି। ତେଣୁ ଜନସାଧାରଣ ଓ ମତ୍ସ୍ୟଜୀବୀମାନେ କଇଁଛ ଓ ଶାବକଙ୍କ ସୁରକ୍ଷା ନେଇ ସଚେତନତା ହେବା ଜରୁରୀ ଅଟେ। ଯଦି ଯନ୍ତ୍ର ଚାଳିତ ବୋଟ୍‌କୁ ନେଇ ମତ୍ସ୍ୟଜୀବୀଙ୍କ ଅବାଧ ପ୍ରବେଶ ଦେଖାଦିଏ ତେବେ ନିକଟସ୍ଥ ବନ୍ୟପ୍ରାଣୀ ଅଧିକାରୀ କିମ୍ବା କର୍ମଚାରୀଙ୍କୁ ଜଣାଇବାକୁ ନିହାତି ଆବଶ୍ୟକ ବୋଲି ସାତପଡ଼ା ବନାଞ୍ଚଳ ଅଧିକାରୀ ରଞ୍ଜନ କୁମାର ବେହେରା ଅନୁରୋଧ କରିଛନ୍ତି। ଡିଏଫ୍‌ଓଙ୍କ ସମେତ ସାତପଡ଼ା ବନପାଳ ସୁଜିତ କୁମାର ବେହେରା, ରାଜହଂସ ବନପାଳ ବିଶ୍ୱନାଥ ଟୁଡୁ, ବନରକ୍ଷୀ ଶିବ ପ୍ରସାଦ ପଲେଇ, ବନରକ୍ଷୀ ଅବଦୁଲ ଓକିଲ ଖାନଙ୍କ ସମେତ ସୁରକ୍ଷା କର୍ମୀ ଏହି ସାମୁଦ୍ରିକ ପ୍ରାଟ୍ରୋଲିଙ୍ଗରେ ସାମିଲ ହୋଇଥିଲେ।

ସେହିପରି ପାଇକରାପୁର ଠାରୁ ନବା ସମୁଦ୍ର ତଟଦେଶରେ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ରେଞ୍ଜର ମାନସ ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ବନପାଳ ଦୁର୍ଗା ଚରଣ ଟୁଡୁ, ବନପାଳ ଦିଲ୍ଲୀପ କୁମାର ସ୍ୱାଇଁଙ୍କ ସମେତ ବନ ବିଭାଗ କର୍ମଚାରୀ ଏବଂ ସୁରକ୍ଷା କର୍ମୀ ନିୟୋଜିତ ଅଛନ୍ତି। ସମୁଦ୍ର ନିଷିଦ୍ଧାଞ୍ଚଳ ଅବାଧ ପ୍ରବେଶ ଉପରେ କଡ଼ା ନଜର ରଖାଯିବା ସହ ଉପକୂଳରେ ବସବାସ କରୁଥିବା ମତ୍ସଜୀବୀୟଙ୍କୁ କଇଁଛ ଓ ଶାବକଙ୍କ ସୁରକ୍ଷା ଦିଗରେ ସଚେତନ କରାଯାଉଥିବା ବନଖଣ୍ଡ ଅଧିକାରୀ ଅମ୍ଳାନ ନାୟକ ପ୍ରକାଶ କରିଛନ୍ତି। ବନଖଣ୍ଡ ଅଧିକାରୀଙ୍କ ଏଭଳି ପ୍ରୟାସକୁ ପରିବେଶବିତ ଧନେଶ୍ୱର ବିଧାର ସମେତ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

# ରାସ୍ତା କାମ ନିମ୍ନମାନର ଅଭିଯୋଗ



**ବଳଙ୍ଗା,୨୩।୧୧(ସମିସ):** ବଳଙ୍ଗା-ନିମାପଡ଼ା ମୁଖ୍ୟ ରାସ୍ତା ଦୀର୍ଘଦିନ ହେବ ଖରାପ ଥିବାବେଳେ ବର୍ତ୍ତମାନ ନୂତନ ରାସ୍ତା କାମ ଚାଲିଛି। ତେବେ ଏଥିରେ ଅନିୟମିତତା ଓ ନିମ୍ନମାନର କାମ ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକୁ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଅଞ୍ଚଳବାସୀଙ୍କ ବାରମ୍ବାର ଅଭିଯୋଗ ପରେ ଦୁଇମାସ ତଳେ ୧୪ କିମି ରାସ୍ତାର ନିର୍ମାଣ ଓ ସଂପ୍ରସାରଣ ପାଇଁ ପୂର୍ତ୍ତ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୪୨ କୋଟି ୮୮ ଲକ୍ଷ ବ୍ୟୟ ବରାଦରେ କାମ ଆରମ୍ଭ ହୋଇଛି। ଠିକା ସଂସ୍ଥା ନିର୍ମାଣ କାର୍ଯ୍ୟ ଆରମ୍ଭରୁ ଅତ୍ୟନ୍ତ ନିମ୍ନମାନର କରୁଥିବା ଅଭିଯୋଗ ହୋଇଛି। ରାସ୍ତାର ଉଭୟ ପାଶ୍ୱର୍ ଯେତିକି ଚଉଡ଼ା କରାଯିବା କଥା ସେତିକି କରୁନାହାନ୍ତି। ତରବରିଆ ଭାବେ ଜିଏସ୍‌ବି ପଠାଯାଉଛି। ବ୍ୟବହୃତ ଜିଏସ୍‌ବି ମାନ ଠିକନଥିବା କୁହାଯାଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ଜିଏସ୍‌ବି ଉପରେ ପାଣି ପକାଯାଉନାହି କି କମ୍ପାକ୍ସନ କରାଯାଉନାହିଁ। ଫଳରେ ଦୀର୍ଘ ଦିନ ଧରି ରାସ୍ତା କାମ ହେଲେ ମଧ୍ୟ ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ଆଶଙ୍କା ଦେଖାଦେଇଛି। ସେହିଭଳି ନିର୍ମାଣ ସମୟରେ ବିଭାଗୀୟ ଯନ୍ତ୍ରୀ କିମ୍ବା କୌଣସି କର୍ମଚାରୀ ଉପସ୍ଥିତ ରହୁନଥିବାରୁ ଠିକାଦାର ମନ ଇଚ୍ଛା କାମ କରୁଥିବା ଅଭିଯୋଗ ହୋଇଛି। ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ କୁଶାଳ ହେମ୍ବ୍ରମ ପ୍ରକାଶ କରିଛନ୍ତି ଯେ ନିର୍ମାଣ କାର୍ଯ୍ୟ ଏବେ ଆରମ୍ଭ ହୋଇଛି, ନିମ୍ନମାନର କାର୍ଯ୍ୟକୁ ଖଣ୍ଡନ କରିବା ସହ ସମସ୍ତ ଗାଇଡ୍‌ଲାଇନ ଅନୁଯାୟୀ କାର୍ଯ୍ୟ କରାଯାଉଛି ବୋଲି କହିଛନ୍ତି।

# ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ଏନ୍‌ସିସି ଦିବସ




**ଚାରିଛକ,୨୩।୧୧(ସମିସ):** ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ୭୮ ତମ ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଏନ୍‌ସିସି ଧ୍ୱଜା ଉତ୍ତୋଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନିମାପଡ଼ାର ଉପ ଆରକ୍ଷୀ ଅଧୀକ୍ଷକ ଜନାର୍ଦ୍ଦନ ପାଢ଼ୀ ଯୋଗଦେଇ ଦେଶପ୍ରତି ସମର୍ପିତ ହେବା ସହ ଏକତା ଏବଂ ଶୃଙ୍ଖଳା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ କ୍ରୀଡ଼ା ଅଧିକାରୀ ସଚ୍ଚିଦ୍ର ମାଝୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ପୂର୍ବତନ ପରିଚାଳନା କମିଟି ସଭାପତି ଡଃ ସନ୍ତୋଷ ମିତ୍ର ଏବଂ ଚାରିଛକ ଥାନାର ଅଧିକାରିଣୀ ମମତା ବିଶ୍ୱାଳ ଯୋଗ ଦେଇଥିଲେ। ଏନ୍‌ସିସି ବିଭାଗର ମୁଖ୍ୟ ମେଜର ପୁଷ୍ପଲତା ଦତ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ମିହିର ମହାପାତ୍ର, ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର, ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରଭାତ ଚନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ଭାରତୀୟ ରାଜସ୍ୱ ସେବା ଅଧିକାରୀ ଚନ୍ଦ୍ରକାନ୍ତ ଦଳାଇ, ବିଶିଷ୍ଟ ସମାଜସେବୀ ସନାତନ ପାତ୍ର ଏବଂ କୁଳମଣି ସାହୁ ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ଡଃ କେଦାରନାଥ ସାହୁ ଯୋଗଦେଇ ତାଙ୍କର ଅଭିଭାଷଣ ପ୍ରଦାନ କରିଥିଲେ। କଲେଜର ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କୃତୀ କ୍ୟାଡେଟମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ କ୍ୟାଡେଟମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କଳି ଭାଗବତ ଆଲୋଚନା

**କଣାସ,୨୩।୧୧(ସମିସ):** କଣାସ ବ୍ଲକ ନୂଆଗାଁସ୍ଥିତ ମହାଦେବ ରାମକଥା ପରିଷଦ ସଭାମଣ୍ଡପରେ ଠାକୁର ଶ୍ରୀଅଭିରାମ ପରମହଂସ ଦେବଙ୍କ କଳିଭାଗବତ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଭ୍ରମରବର ସାହୁଙ୍କ ସଭାପତିତ୍ୱରେଶିକ୍ଷାବିତ ମୃତ୍ୟୁଞ୍ଜୟ ଦକ୍ଷିଣରାୟ, ଜନାର୍ଦ୍ଦନ ରାଉତରାୟ,କବି ଅଜୟ କୁମାର ସେଠୀ,ପ୍ରବଚକ ଦିଲ୍ଲୀପ ଶ୍ରୀଚନ୍ଦନ, କାଳୁଚରଣ ନନ୍ଦ ପ୍ରମୁଖ କଳିଭାଗବତ ଓ ସ୍ୱାଧୀନତା ଆନ୍ଦୋଳନ ଶ୍ରୀ ଅଭିରାମଙ୍କ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଗୀତାପାଠ ସହ ଜାତୀୟ ସଂଗୀତ ଗାନ କରାଯାଇଥିଲା। ଛାତ୍ରଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ ୪ଟି ପଞ୍ଚାୟତର ଛାତ୍ରଛାତ୍ରୀ ଓ ଅଭିଭାବକ ଏଥିରେ ଅଂଶ ଗ୍ରହଣ କରିଥିଲେ। ହଳଧର ଶ୍ରୀଚନ୍ଦନ ଓ ଦିଶାରାଣୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାକ୍ଷୀଗୋପାଳ କଲେଜରେ ତମାଖୁ ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ

**ସାକ୍ଷୀଗୋପାଳ,୨୩।୧୧(ସମିସ):** ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ସାକ୍ଷୀଗୋପାଳ ସଭାଗୃହ ପରିସରରେ ଯୁବ ରେଡକ୍ରସ ବିଭାଗ ଏବଂ ଅଳଗୁମ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମିଳିତ ସହଯୋଗରେ ତମାଖୁ ନିୟନ୍ତ୍ରଣ ନେଇ ସଚେତନତା କାର୍ଯ୍ୟକ୍ରମ ସହିତ ଯୁବ ରେଡକ୍ରସ ଇଣ୍ଡକ୍ସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଭୁ ଜଗନ୍ନାଥ ଏବଂ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପ୍ରଫେସର ପଟ୍ଟନାୟକ ନିଜ ସଭାପତିତ୍ୱ ଅଭିଭାଷଣରେ ଛାତ୍ରଛାତ୍ରୀମାନଙ୍କୁ ତମାଖୁ ସେବନ ଠାରୁ କିପରି ଦୁରେଇ ରହିବେ ସେ ସମ୍ବନ୍ଧରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସାକ୍ଷୀଗୋପାଳ ଅଧୀକ୍ଷକ ଡାକ୍ତର ଦେବାଶିଷ ନାୟକ, ଡାକ୍ତର ଗାଥାନି ଦାଶ, ଡାକ୍ତର ମନସ୍ୱତା ତ୍ରିପାଠୀ ଓ ଡାକ୍ତର ପୁନମ ବେହେରା ପ୍ରମୁଖ ଯୋଗଦେଇ ତମାଖୁ ସେବନର ଯୁବ ସମାଜ ଉପରେ କୁପ୍ରଭାବ ଓ ତା'ର କୁପରିଣାମ ଉପରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୁବ ରେଡକ୍ରସର ଉପଦେଷ୍ଟା ପ୍ର. ସ୍ୱର୍ଣ୍ଣଲତା ମାହାରୀ ପରିଚାଳନା କରିଥିବା ବେଳେ ପ୍ର. ଜିତେନ୍ କୁମାର ଦାସ୍, କାର୍ଯ୍ୟକ୍ରମର ସଫଳତା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ ଲଙ୍କେଶ୍ୱରୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଡିସେମ୍ବର ୨୪ରେ



**ବଳଙ୍ଗା,୨୩।୧୧(ସମିସ):** ବଳଙ୍ଗା ମିନି ଷ୍ଟାଡିୟମରେ ଲଙ୍କେଶ୍ୱରୀ ଫୁଟବଲ କ୍ଲବ୍ ବଳଙ୍ଗା ପକ୍ଷରୁ ୨୪ତମ ରାଜ୍ୟସ୍ତରୀୟ ଲଙ୍କେଶ୍ୱରୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆସନ୍ତା ଡିସେମ୍ବର ୨୪ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ କ୍ଲବ୍ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ମା' ଉତ୍ତରାୟଣୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୮ଟି ଦଳ ଅଂଶ ଗ୍ରହଣ କରିବା ବେଳେ ଟୁର୍ଣ୍ଣାମେଣ୍ଟରେ ବିଦେଶୀ ଖେଳାଳି ମୁଖ୍ୟ ଆକର୍ଷଣ ହେବେ ବୋଲି କ୍ଲବ୍ ସଭାପତି କୃପାସିନ୍ଧୁ ଦତ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ କ୍ଲବ୍ ସମ୍ପାଦକ ରଶ୍ମି ରଞ୍ଜନ ସାହୁ, ବରିଷ୍ଠ ସଭ୍ୟ ଶରତ ବିଶ୍ୱାଳ, ତୋଫାନ ପ୍ରଧାନ, ଶୁଭ୍ରାଂଶୁ ବେହେରା, ଆଦିତ୍ୟ ଲେଙ୍କା, ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମୃତ୍ୟୁବରଣ କରିଥିବା କ୍ଲବର ପୂର୍ବତନ ସଭ୍ୟ ହରିହର ସେଠୀ, ଭାଗୀରଥି ରାଉତ, ମନୋଜ ବେହେରା, ସୁରେନ୍ଦ୍ର ପଣ୍ଡାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

# ଦ୍ୱିତୀୟ ସ୍ମାରକୀ ଆୟାନ ମିଶ୍ର ବିଜ୍ଞାନ ମେଳା



**ନିମାପଡ଼ା,୨୩।୧୧(ସମିସ):** ସ୍ଥାନୀୟ ଭେଙ୍କେଟେଶ୍ୱର ବିଦ୍ୟାଳୟ ପରିସରରେ ଦ୍ୱିତୀୟ ସ୍ମାରକୀ ଆୟାନ ମିଶ୍ର ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟର ପ୍ରତିଷ୍ଠାତା ବିଷ୍ଣୁ ପ୍ରସାଦ ଦାଶ ଓ ପରିଚାଳନା ନିର୍ଦ୍ଦେଶିକା ସୁଶ୍ରୀ ଅନନ୍ୟା ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ବିଜ୍ଞାନ ମେଳାରେ ପ୍ରାୟ ଦେଢ଼ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମେଳାରେ ନର୍ସରୀରୁ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁମାନେ ଚିତ୍ରକଳା ଏବଂ ତୃତୀୟ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଉଚ୍ଚମାନର ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଶରତ କୁମାର ପ୍ରଧାନ, ଶିକ୍ଷାବିତ୍ ଡଃ ରବୀନ୍ଦ୍ରନାଥ ପାଢ଼ୀ, ଅବସରପ୍ରାପ୍ତ ବିଇଓ ଅନୀଲ କୁମାର ବିଶ୍ୱାଳ, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ଅଶୋକ କୁମାର ସ୍ୱାଇଁ, ପ୍ରଭାତୀ ମହାପାତ୍ର, ନିର୍ମଳ କୁମାର ମିଶ୍ର, ପ୍ରଶାନ୍ତ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳକ ସନ୍ତୋଷ କୁମାର ପରିଡ଼ାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ନିମାପଡ଼ା,୨୩।୧୧(ସମିସ):** ନିମାପଡ଼ା ବ୍ଲକ୍ ସଲଙ୍ଗ ପଞ୍ଚାୟତ ଭଂଟି ଗ୍ରାମ ଶ୍ରୀରାମଚନ୍ଦ୍ର ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଗଙ୍ଗାଧର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ଉକ୍ତ ଉତ୍ସବରେ ଅତିଥିଭାବେ ସିଆରସିସି ବିଷ୍ଣୁ ମୋହନ ପରିଡା, ରବୀନ୍ଦ୍ରନାଥ ମହାନ୍ତି, ପରିଚାଳନା କମିଟି ସଭାପତି ସ୍ୱାଗତିକା ଜେନା, ବରିଷ୍ଠ ସାମ୍ବାଦିକ ମାନସ ରଞ୍ଜନ ଦାସ, ପୁରାତନ ଛାତ୍ରସଂସଦ ସଭାପତି ସୁବୋଧ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ସ୍ୱାଇଁଙ୍କୁ ବିଦ୍ୟାଳୟ ପରିସରରୁ ଏକ ଶୋଭାଯାତ୍ରାରେ ତାଙ୍କ ବାସଭବନକୁ ପାଛୋଟି ନେଇଥିଲେ।

# ଅଗ୍ନିଶମ ବିଭାଗର ମକ୍ ଡ୍ରିଲ୍

**ସାକ୍ଷୀଗୋପାଳ,୨୩।୧୧(ସମିସ):** ସତ୍ୟବାଦୀ ଅଗ୍ନିଶମ ବିଭାଗ ତରଫରୁ ସତ୍ୟବାଦୀ ଆଦର୍ଶ ବିଦ୍ୟାଳୟ ପରିସର ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ନେଇ ମକ୍ ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗର ଅଧିକାରୀମାନେ ଶିକ୍ଷାର୍ଥୀମାନଙ୍କୁ ଅଗ୍ନିଜନିତ ବିପର୍ଯ୍ୟୟର କାରଣ, ଏହାର ବିଭିନ୍ନ ପ୍ରକାର ଏବଂ ନିରାକରଣ ପାଇଁ କେଉଁ ସବୁ ସତର୍କତା ଏବଂ ପଦକ୍ଷେପ ନିଆଯାଇପାରିବ ତାହା ସମ୍ବନ୍ଧରେ ବୁଝାଇବା ସହ ଏହି ଅଗ୍ନିର କିପରି ନିର୍ବାପନ କରାଯାଇପାରିବ ତାହା ଦର୍ଶାଇଥିଲେ। ଏହା ନିଶ୍ଚିତ ରୂପେ ଭବିଷ୍ୟତରେ ଛାତ୍ରଛାତ୍ରୀଙ୍କ ଜୀବନ ରକ୍ଷାରେ ସହାୟକ ହେବ, ଏହି ଆଶା ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ପାଢ଼ୀ ବ୍ୟକ୍ତ କରିଛନ୍ତି। ଏଥି ସହିତ ସଚେତନ କରାଇବା ପାଇଁ ଅଧ୍ୟକ୍ଷ ଶ୍ରୀ ପାଢ଼ୀ କୃତଜ୍ଞତା ପ୍ରକାଶ କରିଥିଲେ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ମିନତୀ କାନୁନଗୋ
ନଗେଶପୁର, ସାଲେପୁର
ତିରୋଧାନ - ୦୫/୧୨/୨୦୨୪

ମାଆ,
ଆପଣଙ୍କ ପରଲୋକ ଗମନ କରିବାର ଏକ ବର୍ଷ ବିତିଗଲା। ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ। ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ:
ସମସ୍ତ କାନୁନଗୋ ପରିବାରବର୍ଗ

# ଲଘୁଚାପ ଜନିତ ବାତ୍ୟା ଆଶଙ୍କା; ଚାଷୀ ଭୟଭୀତ

ଚାରିଛକ,୨୩।୧୧(ସମିସ)



ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବାତ୍ୟାରେ ପରିଣତ ହେବା ଆଶଙ୍କାରେ ଅଞ୍ଚଳର ଚାଷୀମାନେ ଏକ ପ୍ରକାର ଭୟଭୀତ ଅବସ୍ଥାରେ ଥିବା ଜଣାପଡ଼ିଛି। ଚାରିଛକ ଅଞ୍ଚଳରେ ଥିବା ବିଭିନ୍ନ ପଞ୍ଚାୟତଗୁଡ଼ିକରେ ଚାଷୀମାନଙ୍କ ହଜାର ହଜାର ହେକ୍ଟର ଜମିରେ ଚାଷ ହୋଇଥିବା ପାଚିଲାଧାନ ସବୁ କ୍ଷେତରେ ପଡ଼ିରହିଛି। ଚାଷ ଜମି ଓଦା ଥିବାରୁ ଚାଷୀମାନେ ଧାନ କାଟିବା ସମ୍ଭବପର ହୋଇପାରିନଥିବାରୁ ପାଣିପାଗ ବିଭାଗ ବାତ୍ୟା ଆକଳନ କରିବା ଦ୍ୱାରା ଚାଷୀମାନଙ୍କ ଭିତରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି।

କେତେକ ଚାଷୀ ତାଙ୍କ ଚାଷ ଜମିରୁ ତରବରିଆ ଭାବେ ଧାନକୁ କାଟି ଉଚ୍ଚସ୍ଥାନକୁ ବୋହି ଆଣୁଥିବା ଦେଖିବାକୁ ମିଳିଛି। ଲଘୁଚାପ ଅବପାତ ୪ଦିନ ବାକିଥିବା ବେଳେ ଆଜିଠାରୁ କୋହଲାପାଗ ଦେଖି ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ବାତ୍ୟା ବର୍ଷାରେ ଧାନ ଫସଲ ସହ ପନିପରିବା ନଷ୍ଟ ହେବାର ଆଶଙ୍କା ରହିଛି। ଚାରିଛକ ଅଞ୍ଚଳର ଜନସାଧାରଣ ଚାଷ ଉପରେ ନିର୍ଭର କରି ଚଳିଥାନ୍ତି। ଅଧିକାଂଶ ଚାଷଜମି ଖାଲଖମା ହୋଇଥିବାରୁ ଧାନ ଅମଳରେ ବାଧା ଉପୁଜୁଥିବା ଲକ୍ଷ୍ୟ କରାଯାଉଛି।

# କାକଟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା

**କୁଣ୍ଢେଇ,୨୩।୧୧(ସମିସ):** କାକଟପୁର ବ୍ଲକ୍ କାକଟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର୍ ୩୧ତମ ବାର୍ଷିକ କ୍ରୀଡ଼ା ଶନିବାର ଶେଷ ହୋଇଛି। ଏହି ସମାରୋହରେ ବିଦ୍ୟାଳୟର ମୋଟ ୧୩ ଟି କ୍ରୀଡ଼ାରେ ୩୦୦ରୁ ଊର୍ଦ୍ଧ୍ୱ ଶିଶୁ ବର୍ଗର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାରଳା ମହାବିଦ୍ୟାଳୟର ପରିଚାଳକ ଚିତ୍ତରଞ୍ଜନ ପରିଡ଼ା ଯୋଗଦେଇ ଥିଲେ। ଉଦ୍‌ଯାପନୀ ସମାରୋହରେ ବିଦ୍ୟାଳୟ ସଭାପତି ପ୍ରମୋଦ କିଶୋର ପୃଷ୍ଟି ଯୋଗଦେଇ କ୍ରୀଡ଼ା ପତାକା ଓ କ୍ରୀଡ଼ା ଜ୍ୟୋତିକୁ ନିର୍ବାପିତ କରିଥିଲେ। ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଶିଶୁ ଭାଇ ଭଉଣୀଙ୍କୁ ଆସନ୍ତା ଡିସେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ବିଦ୍ୟାଳୟର ରଜତ ଜୟନ୍ତୀ ଉତ୍ସବରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତନ୍ମୟ କୁମାର ପାତ୍ର ପ୍ରକାଶ କରିଛନ୍ତି। ଅଷ୍ଟମ ଶ୍ରେଣୀର ଛାତ୍ର ଶ୍ରୀ ପ୍ରକାଶ ସାହୁ ଉଚ୍ଚ ଡିଆଁରେ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ସଙ୍କୁଳ ସ୍ଥରୀୟ କ୍ରୀଡ଼ାକୁ ମନୋନୀତ ହୋଇଥିବା ପ୍ରଧାନ ଆଚାର୍ଯ୍ୟ ଜୟନ୍ତୀ ବାଳା କହିଛନ୍ତି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112



‘ସକାଳ’ ସ୍ୱନକ୍ଷତ୍ର ବିତର୍କ ପ୍ରତିଯୋଗିତା

# କନିଷ୍ଠରେ ଶୁଭାଙ୍ଗୀ, ବରିଷ୍ଠରେ ରୋଜାଲିନ୍ ପ୍ରଥମ





**ପୁରୀ,୨୩।୧୧(ସମିସ):** ଦୈନିକ ଖବରକାଗଜ ‘ସକାଳ’ର ପଞ୍ଚମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ରବିବାର ପୁରୀ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଘୋଡ଼ାବଜାର, ପୁରୀର ନବମ ଶ୍ରେଣୀ ଛାତ୍ରୀ ଶୁଭାଙ୍ଗୀ ସାହୁ ଏବଂ ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରୀର ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀ ରୋଜାଲିନ ରାଉତ ଯଥାକ୍ରମେ କନିଷ୍ଠ ଏବଂ ବରିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଉଭୟେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ରବିବାର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସରରେ ଏହି ବିତର୍କ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ (ଅଷ୍ଟମ, ନବମ ଓ ଦଶମ) ନେଇ ପ୍ରଥମେ କନିଷ୍ଠ ବର୍ଗରେ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ବିଭିନ୍ନ ସରକାରୀ ଏବଂ ଘରୋଇ ବିଦ୍ୟାଳୟ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବକ୍ତୃତାର ବିଷୟ ‘ବହିପଢା: ଜରୁରୀ ଆବଶ୍ୟକତା? ଅନାବଶ୍ୟକ ବୋଝ? ଓ କମୁଛି କି ବହି ପ୍ରତି ଆକର୍ଷଣ? ଉପରେ ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ୪ ମିନିଟ୍ ସମୟ ଦିଆଯାଇଥିଲା। ପ୍ରତ୍ୟେକ ପ୍ରତିଯୋଗୀ ପୁସ୍ତକ ପଠନର ଜରୁରୀ ଆବଶ୍ୟକତା ରହିଛି। ଏହା ସେମାନଙ୍କ ପାଇଁ ବୋଝ ନୁହେଁ। ବହି ପ୍ରତି ଆକର୍ଷଣକୁ ନେଇ ମିଶ୍ରିତ ପ୍ରତିକ୍ରିୟା ରଖିଥିଲେ। ଯେଉଁମାନଙ୍କର ବହି ପ୍ରତି ଆକର୍ଷଣ କମୁଛି ସେମାନେ ଗୁଗୁଲ୍‌ରୁ ତାହା ପଢି ପାରୁଛନ୍ତି ବୋଲି ମତ ରଖିଥିଲେ।

ମୋଟାମୋଟି ବହି ପଢିବା ସେମାନଙ୍କ ଉଜ୍ଜଳ ଭବିଷ୍ୟତ ଗଢିବାରେ ସହାୟକ ହୋଇଥାଏ ବୋଲି ଅଧିକାଂଶ ଛାତ୍ରଛାତ୍ରୀ କହିଥିଲେ। ଏଥିରେ ଘୋଡାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନବମ ଶ୍ରେଣୀ ଛାତ୍ରୀ ଶୁଭାଙ୍ଗୀ ସାହୁ ପ୍ରଥମ, ଚନ୍ଦ୍ରଶେଖର ଏକାଡେମୀର ଅଷ୍ଟମ ଶ୍ରେଣୀ ଛାତ୍ରୀ ପ୍ରାଚୀ ପ୍ରଧାନ ଦ୍ୱିତୀୟ ଏବଂ ବଳଗଣ୍ଡି ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ (ଉତ୍କଳ ବାଳାଶ୍ରମ ଅନ୍ତେବାସୀ) ରୂପାଲି ଭୋଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କୁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା।

ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ହୋଇଥିବା ବରିଷ୍ଠ ବର୍ଗ ପ୍ରତିଯୋଗିତାର ବିଷୟ ‘ଜେନ୍ ଜି: ବିଦ୍ରୋହର ଆଦ୍ୟ ସ୍ଫୁଲିଙ୍ଗ ନା ଯୌବନର ଉଦ୍ଦାମତା’? ଉପରେ ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ୪ ମିନିଟ୍ ସମୟ ଦିଆଯାଇଥିଲା। ଏଥିରେ ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀ ରୋଜାଲିନ ରାଉତ ପ୍ରଥମ, ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ର ଆର୍ଯ୍ୟମାନ କର ଦ୍ୱିତୀୟ ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ଯୁକ୍ତ ତିନି ଚତୁର୍ଥ ବର୍ଷ ଛାତ୍ରୀ ଅର୍ପିତା ପଟ୍ଟନାୟକ ତୃତୀୟ ସ୍ଥାନ ହାସଲ କରି ଟ୍ରଫି ଓ ମାନପତ୍ର ପାଇଛନ୍ତି। ଏତଦ୍‌ବ୍ୟତୀତ ସବୁ ପ୍ରତିଯୋଗୀଙ୍କୁ ମଧ୍ୟ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

ବିଚାରକ ଭାବେ ଶ୍ରୀସଦାଶିବ ପରିସରର ପ୍ରଫେସର ବିଶ୍ୱରଞ୍ଜନ ପତି, ପୁରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଡ. ପ୍ରଦ୍ୟୁତି ଦାଶ, ବରିଷ୍ଠ ଶିକ୍ଷାବିତ୍ ରବୀନ୍ଦ୍ରନାଥ ବାହିନୀପତି, ବିଶିଷ୍ଟ ସାମାଜିକ କର୍ମୀ ସିଦ୍ଧାର୍ଥ ରାୟ, ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣେନ୍ଦୁ ପଟ୍ଟନାୟକ ପିଲାଙ୍କ ବୁଦ୍ଧିମତାକୁ ପରଖି ମାର୍କ ଦେଇଥିଲେ। ଏଥିସହ ପ୍ରତିଯୋଗୀମାନଙ୍କୁ ଶିକ୍ଷଣୀୟ ଉପଦେଶ ପ୍ରଦାନ କରିଥିଲେ।

ଏହି ଅବସରରେ ଅତିଥି ଏବଂ ବିଚାରକମାନଙ୍କୁ ‘ସକାଳ’ ପରିବାର ପକ୍ଷରୁ ଜିଲ୍ଲା ପ୍ରତିନିଧି ହେମନ୍ତ କୁମାର ନାୟକ, ‘ନନ୍ଦିଘୋଷ’ ଟିଭିର ବ୍ୟୁରୋଚିଫ୍ ସୌମିତ୍ର ହରିଚନ୍ଦନ, ରିପୋର୍ଟର ଶିବ ପ୍ରସାଦ ଦାସ, ସାଗର ମଲ୍ଲିକ, ଅନୀଲ ସାହୁ, ବିକାଶ ମହାନ୍ତି, ଅଜିତ କିଶୋର ସାହୁ ଉତ୍ତରୀୟ ଏବଂ ମେମୋଣ୍ଟୋ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଇପିଏଫ୍ ପେନସନର୍ସ ଆସୋସିଏସନ ପୁରୀ ଜିଲ୍ଲା ବୈଠକ

**ପୁରୀ,୨୩।୧୧(ସମିସ):** ଅଲ୍ ଓଡିଶା ଇପିଏଫ୍ ପେନସନର୍ସ ଆସୋସିଏଶନ ପୁରୀ ଜିଲ୍ଲା କମିଟିର କାର୍ଯ୍ୟକାରିଣୀ ବୈଠକ ରବିବାର ସଭାପତି କୈଳାସ ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ କମିଟିର ପ୍ରତିନିଧି ତଥା ରାଜ୍ୟ ସଙ୍ଗଠନର ଉପଦେଷ୍ଟା ନଟବର ଆଚାର୍ଯ୍ୟ ଉପସ୍ଥିତ ରହି ସଙ୍ଗଠନର ଉନ୍ନତି ଓ ସୁପରିଚାଳନା ନିମନ୍ତେ ଦିଗ୍‌ଦର୍ଶନ ଦେଇଥିଲେ। ଆସନ୍ତା ଡିସେମ୍ବର ୧୦ ତାରିଖରେ ସାରା ରାଜ୍ୟର ଇପିଏଫ୍ ପେନ୍‌ସନଭୋଗୀ ବରିଷ୍ଠ ନାଗରିକମାନେ ସର୍ବନିମ୍ନ ପେନ୍‌ସନ ୯୦୦୦ ଟଙ୍କା, ମହଙ୍ଗା ଭତ୍ତା, ଚିକିତ୍ସା ସୁବିଧା ଇତ୍ୟାଦି ଦାବି ହାସଲ ପାଇଁ ଦିଲ୍ଲୀ ଯିବା ଆହ୍ୱାନକୁ ସ୍ୱାଗତ କରାଯାଇଥିଲା। ଜଣେ ପୂର୍ବତନ କର୍ମକର୍ତ୍ତା ତାଙ୍କ ନିକଟରେ ଥିବା ନଗଦ ତହବିଲ ଓ ଦାୟୀତ୍ୱ କମିଟିକୁ ହସ୍ତାନ୍ତର ନ କରି ଅନ୍ୟ ଗୋଟିଏ ସଙ୍ଗଠନ



ପରିଚାଳନା କରୁଥିବାରୁ ତାଙ୍କ ବିରୋଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ପାଇଁ ସ୍ଥିର କରାଯାଇଥିଲା ।ଏହାକୁ କାର୍ଯ୍ୟକାରୀ କରିବା ଲାଗି ସଭାପତି ଶ୍ରୀ ସାହୁ ଓ ସମ୍ପାଦକ ସଂଜିତ କୁମାର ମହାନ୍ତିଙ୍କୁ ସଭା ତରଫରୁ କ୍ଷମତା ଦିଆଗଲା। ଶେଷରେ ରାଜ୍ୟ ସଭାର ଉପଦେଷ୍ଟାଙ୍କୁ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

ଆଇଏମ୍‌ଟି ଫାର୍ମାସୀ କଲେଜରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

## ‘ରୋଗ ନିରୂପଣ କ୍ଷେତ୍ରରେ ଏଲ୍‌ଟିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ’




**ପୁରୀ,୨୩।୧୧(ସମିସ):** ସ୍ଥାନୀୟ ଗୋପାଳପୁରସ୍ଥିତ ଆଇଏମ୍‌ଟି ଫାର୍ମାସୀ କଲେଜର ଆଲାଏଡ୍ ସାଇନ୍ସ ବିଭାଗ ଦ୍ୱାରା ଦିନିକିଆ ରାଜ୍ୟସ୍ତରୀୟ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ପ୍ରେକ୍ଷାଳୟରେ ଆୟୋଜିତ ସଭାରେ ସଭାପତିତ୍ୱ କରି କଲେଜର ପ୍ରଶାସନିକ ନିର୍ଦ୍ଦେଶକ ମନୋଜ କୁମାର ରଥ ମେଡିକାଲ ଲ୍ୟାବ୍ ଟେକ୍ନୋଲୋଜି, ଶିକ୍ଷା ଓ ଆଲୋଚନାଚକ୍ରର ସାର୍ଥକତା ପାଇଁ ଶୁଭେଚ୍ଛା ଜଣାଇଥିଲେ। ଶୈକ୍ଷିକ ନିର୍ଦ୍ଦେଶକ ଡ. ଅନ୍ନଦା ପ୍ରସାଦ ମହାପାତ୍ର ଛାତ୍ରଛାତ୍ରୀମାନଙ୍କୁ ଆଲୋଚ୍ୟ ଶୀର୍ଷକ “ରୋଗ ନିରୂପଣ କ୍ଷେତ୍ରରେ ଲ୍ୟାବ୍ ଟେକ୍ନିସିଆନ୍(ଏଲ୍‌ଟି)ଙ୍କ ଭୂମିକା’ ସମ୍ବନ୍ଧରେ କହିଥିଲେ। ଅନୁଷ୍ଠାନର ଆଲାଏଡ୍ ସାଇନ୍ସ ବିଭାଗ ଅଧକ୍ଷ ଡ. ବିଭୂତି ଭୂଷଣ ଦାଶ ଓ ଫାର୍ମାସୀ କଲେଜ ଅଧକ୍ଷ ଡ. ଅଗ୍ନିମିତ୍ର ଦିଣ୍ଡା ତଥା ବିତ୍ତୀୟ ନିର୍ଦ୍ଦେଶିକା ଦେବସ୍ମିତା ରଥ ଉପସ୍ଥିତ ଥିଲେ। ସଭାରେ ଅତିଥି ପରିଚୟ ପ୍ରଦାନ କରିଥିଲେ ବିଭାଗ ମୁଖ୍ୟ କମଳାକାନ୍ତ ଆଚାର୍ଯ୍ୟ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡିଲେନା ନାୟକ ପରିଚଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ଶକ୍ତି ଶେଖର ଜେନା।

ଏହି ଆଲୋଚନାଚକ୍ରରେ ବୈଷୟିକ ଉପସ୍ଥାପନା ଦେଇଥିଲେ ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜର ଅଧ୍ୟପିକା ଡା. ସନ୍ଧ୍ୟାରାଣୀ ସାହୁ, ଶିକ୍ଷା ଓ ଅନୁସଂଧାନ ବିଶ୍ୱବିଦ୍ୟାଳୟର ଡା. ଦେବଜ୍ୟୋତି ସାହୁ, ଶ୍ରୀଜଗନ୍ନାଥ ମେଡିକାଲ କଲେଜର ଡା. ପଲ୍ଲବୀ ବଳିଆରସିଂ ଓ ସଦ୍‌ଗୁରୁ ଆଲାଏଡ୍ କଲେଜର ଡା. ପ୍ରିତିମୟୀ ବେହେରା। କାର୍ଯ୍ୟକ୍ରମରେ ଓଡିଶାର ଅନ୍ୟ ପ୍ରତିଷ୍ଠିତ ଅନୁଷ୍ଠାନ ଯଥା ସେଞ୍ଚୁରିୟନ୍ ବିଶ୍ୱବିଦ୍ୟାଳୟ, ସାଲେପୁର ଫାର୍ମାସୀ କଲେଜ, ସିପିଏସ୍ କଲେଜ ପୁରୀ ଇତ୍ୟାଦିର ଛାତ୍ରଛାତ୍ରୀମାନେ ମଧ୍ୟ ନିଜ କୃତି ପୋଷ୍ଟେର ମାଧ୍ୟମରେ ଉପସ୍ଥାପନା କରିଥିଲେ। ରୋଗ ନିରୁପଣ କ୍ଷେତ୍ରରେ ଏଲ୍‌ଟିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ ଅଧ୍ୟାପକ ଅଭିଷେକ ପ୍ରଧାନ ଓ ସହଯୋଗ କରିଥିଲେ ଭବାନୀ ପ୍ରସାଦ ସାମନ୍ତରାୟ, ନିହାରିକା ଜେନା, ନିରଞ୍ଜନ ନାୟକ, ଆଦିତ୍ୟ ପ୍ରଧାନଙ୍କ ସମେତ ସମସ୍ତ କର୍ମକର୍ତ୍ତା।

## ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

**ପୁରୀ,୨୩।୧୧(ସମିସ):** ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶ ଅନୁଯାୟୀ, ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷା ତଥା ଜିଲ୍ଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ଆଦେଶ ଅନୁଯାୟୀ ରବିବାର ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମେତ ତାଲୁକ ଆଇନ ସେବା କମିଟି ତଥା ପିପିଲି, ନିମାପଡା, କୋଣାର୍କ ଓ କଣାସ ଠାରେ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଓ ଦୌରାଜଜ୍ ଶ୍ରୀମତୀ ଷଡଙ୍ଗୀ ଉଦ୍‌ଘାଟନ କରିଥିଲେ। ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀ ଏହାକୁ ପରିଚାଳନା କରିଥିଲେ। ଏହି ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ୩୮୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ଶ୍ରୀମତୀ ଷଡ଼ଙ୍ଗୀଙ୍କ ସହ ଅନ୍ୟମାନଙ୍କ ମଧ୍ୟରେ ପରିବାର ବିଚାର ବିଭାଗୀୟ ବିଚାରପତି ସୁମିତା ଜେନା, ପ୍ରଥମ ଅତିରିକ୍ତ ଜିଲ୍ଲା ଜଜ୍ ଶୈକତ ପାତ୍ର, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜଜ୍ ଚିନ୍ମୟ ମିଶ୍ର, ତୃତୀୟ ଅତିରିକ୍ତ ଜିଲ୍ଲା ଜଜ୍ ଚିନ୍ମୟୀ ଦେହୁରୀ, ପୋକ୍ସୋ ଜଜ୍ ହୃଷୀକେଶ ସାହୁ, ରେଜିଷ୍ଟ୍ରାର ସିଭିଲ କୋର୍ଟ ସୋଭେନ କାନୁନ୍‌ଗୋଙ୍କ ଉପସ୍ଥିତରେ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା।

## ‘ସତ୍ କର୍ମ ଓ ସତ୍ ଆଚରଣ ମୋକ୍ଷର ମାର୍ଗକୁ ବାଟ କଢ଼ାଏ’

ତୃତୀୟ ନିର୍ବାଣ ମହୋତ୍ସବ



**ପୁରୀ,୨୩।୧୧(ସମିସ):** ସତ୍ କର୍ମ, ସତ୍ ପଥ ଓ ସତ୍ ଆଚରଣ ମୋକ୍ଷର ମାର୍ଗକୁ ବାଟ କଢାଇ ନିଏ। ଏହି ମାର୍ଗକୁ ପାଇବା କଠିନ ନୁହେଁ। ନମ୍ରତା, କଠିନ ଅଧ୍ୟବସାୟ ମୋକ୍ଷର ମାର୍ଗ ପ୍ରାପ୍ତିକୁ ସହଜ କରିଦିଏ। ଭଗବତ୍ ଧର୍ମ ଧାରଣାରେ ରହି ମୋକ୍ଷ ପ୍ରାପ୍ତି ହୁଏ। ସର୍ବୋପରି ଶ୍ରୀକ୍ଷେତ୍ରର ରେଣୁର ଦର୍ଶନଠାରୁ ଆରମ୍ଭ କରି ନୀଳଚକ୍ର, ଶ୍ରୀଜଗନ୍ନାଥ, ମହୋଦଧିର ଦର୍ଶନ ସହିତ ଏହି କ୍ଷେତ୍ରର ଜଳ, ସ୍ଥଳ ଓ ଆକାଶରେ ମଧ ମୋକ୍ଷ ପ୍ରାପ୍ତି ହୁଏ ବୋଲି ବିଦ୍ୱାନ ଓ ସାଧୁସନ୍ଥମାନେ ମତ ବ୍ୟକ୍ତ କରିଛନ୍ତି। , ପୁରୀର ମିଶନ ଓଡ଼ିଶା ସହାୟତାରେ ରବିବାର ନୂଆଦିଲ୍ଲୀର ସର୍ବପୁରାତନ ଓଡ଼ିଆ ସଙ୍ଗଠନ ପଲ୍ଲୀବାଣୀ ମିଶନ ପକ୍ଷରୁ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ଆୟୋଜିତ ହୋଇଥିଲା ତୃତୀୟ ନିର୍ବାଣ ମହୋତ୍ସବ। ଏଥିରେ ବକ୍ତା ଭାବେ ଶ୍ରୀମନ୍ଦିରର କୁଳ ପୁରୋହିତ ଡ. ସିଦ୍ଧେଶ୍ୱର ମହାପାତ୍ର, ଶ୍ରୀଜଗନ୍ନାଥ କଥାମୃତ ପ୍ରଚାରକ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ, ବିଶିଷ୍ଟ ବୈଷ୍ଣବ ସନ୍ଥ ବାବାଜୀ, ମହିପ୍ରକାଶ ମଠ ମହନ୍ତ ବାବାଜୀ ଶୁଭାନନ୍ଦ ପୁରୀ ମହାରାଜ, ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ ତଥା ସାହିତ୍ୟକ କୃଷ୍ଣକେଶବ ଷଡ଼ଙ୍ଗୀ ଏବଂ ଶ୍ରୀସଦାଶିବ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ୫ଜଣ ଜଗନ୍ନାଥ ଚେତନାର ପ୍ରଚାରକ ଡ. ରାମଚରଣ ଦାସ ମହାରାଜ, ମଧୁସୂଦନ ସିଂହାରୀ, ଜଗନ୍ନାଥ ପୂଜାପଣ୍ଡା, ଶ୍ରୀକାନ୍ତ ପରିଜା ଓ ଶୁଭାନନ୍ଦ ପୁରୀ ମହାରାଜଙ୍କୁ ଶ୍ରୀକ୍ଷେତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ପଲ୍ଲୀବାଣୀ ମିଶନର ଅଧକ୍ଷ ରାମଚନ୍ଦ୍ର ନାଥ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମିଶନ ଓଡ଼ିଶାର ଉପଦେଷ୍ଟା ବଦ୍ରି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମିଶନ ଓଡ଼ିଶାର ସମ୍ପାଦକ ମଧୁସୂଦନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଇପ୍ସା ପ୍ରତିବିମ୍ବିତା ଷଡ଼ଙ୍ଗୀ ଏବଂ ବିଶ୍ୱନାଥ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ଭାବେ ସବ୍ୟସାଚୀ ସେନାପତି, ଲିପ୍ସା ପ୍ରିୟଦର୍ଶିନୀ, ଶିବରାମ ପ୍ରଧାନ, ଚପଳା ବସ୍ତିଆ, ସୂର୍ଯ୍ୟ ସାହୁ, ନିରଞ୍ଜନ ମହାପାତ୍ର, କେଦାରନାଥ ମହାପାତ୍ର, ଜୟନ୍ତୀ ମହାପାତ୍ର, ଆଲୋକ ପାଢ଼ୀ, ବଳରାମ ରଣା, ଆଶୁତୋଷ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଜଗନ୍ନାଥପ୍ରେମୀ ଉପସ୍ଥିତ ଥିଲେ।

## ୨ ବାଇକ୍ ଓ ୬ ମୋବାଇଲ ଜବତ, ଅଭିଯୁକ୍ତ ଗିରଫ

**ପୁରୀ,୨୩।୧୧(ସମିସ):** ମହାପ୍ରଭୁଙ୍କ ଦର୍ଶନ ସାରି ବଡ଼ଦାଣ୍ଡରେ ଯାଉଥିବା ଜଣେ ଭକ୍ତଙ୍କ ମୋବାଇଲ ଫୋନ୍ ଲୁଟ୍ କରିବା ମହଙ୍ଗା ପଡିଛି। ସିଂହଦ୍ୱାର ଥାନା ପୁଲିସ ଖୋଳତାଡ଼ କରିବା ପରେ ଅଭିଯୁକ୍ତକୁ ଗିରଫ କରିବା ସହ ତା’ ନିକଟରୁ ୬ଟି ମୋବାଇଲ ଫୋନ ଏବଂ ଦୁଇଟି ବାଇକ୍ ଜବତ କରିଛି। ଅଭିଯୁକ୍ତ ହେଲେ ପେଣ୍ଟକଟା ମେରାଇନ ଥାନା ଅନ୍ତର୍ଗତ ଗୋପାଳପୁର ବଡ଼ ଭୋଇସାହିର ଛବି ଭୋଇ। ଗତ ଶୁକ୍ରବାର ରାତି ପ୍ରାୟ ୧୨ଟା ୫୦ରେ ଯାଜପୁର କୋରେଇର ଜିତେନ୍ଦ୍ର କୁମାର ମୁଦୁଲି ଓ ତାଙ୍କ ସାଙ୍ଗ ବାପୁଜୀ ସ୍ୱାଇଁ ଦର୍ଶନ ସାରି ବଡ଼ଦାଣ୍ଡରେ ଫେରୁଥିଲେ। ଅଭିଯୁକ୍ତ ବାଇକ୍‌ରେ ଆସି ପଛପଟୁ ଧକ୍କା ଦେଇ ଜିତେନ୍ଦ୍ରଙ୍କ ମୋବାଇଲ ଫୋନ ଛଡାଇ ନେଇ ଫେରାର୍ ହୋଇଯାଇଥିଲେ। ଏ ନେଇ ଜିତେନ୍ଦ୍ର ସିଂହଦ୍ୱାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା (ନଂ.୨୧୯/୨୫) ରୁଜୁ କରି ତଦନ୍ତ ଚଳାଇଥିଲା।

## ସିନିୟର ଷ୍ଟେଟ୍ ସଫ୍ଟବଲ ଚାମ୍ପିଅନଶିପ୍ ଖେଳାଳି ଚୟନ



**ପୁରୀ,୨୩।୧୧(ସମିସ):** ପୁରୀ ଜିଲ୍ଲା ସଫ୍ଟବଲ ଆସୋସିଏଶନ ଆନୁକୂଲ୍ୟରେ ୨୪ ତମ ସିନିୟର ଷ୍ଟେଟ୍ ସଫ୍ଟବଲ ଚାମ୍ପିୟନଶିପ୍ ପାଇଁ ରବିବାର ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମଠାରେ ଖେଳାଳୀ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କ୍ଲବରେ ଖେଳୁଥିବା ୪୦ ଜଣ ପୁରୁଷ ଏବଂ ୩୨ ଜଣ ମହିଳା ଅଂଶଗ୍ରହଣ କରିଥିଲେ। ଚୟନକର୍ତ୍ତାଙ୍କ ଦ୍ୱାରା ୧୫ ଜଣ ପୁରୁଷ ଓ ୧୫ ଜଣ ମହିଳାଙ୍କୁ ଚୟନ କରାଯାଇଛି। ଏମାନେ ଆସନ୍ତା ୨୪ତମ ସିନିୟର ଷ୍ଟେଟ ସଫ୍ଟବଲ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ। ଜିଲ୍ଲା ସଫ୍ଟବଲ ସମ୍ପାଦକ ରଞ୍ଜନ କୁମାର ରଥ, କୋଷାଧକ୍ଷ ବିରଞ୍ଚି ନାରାୟଣ ପଟ୍ଟନାୟକ, ଉପସଭାପତି ଲକ୍ଷ୍ମଣ ଆଚାରୀ, ଗୋପୀନାଥ ମହାସୁଆର, ଲକ୍ଷ୍ମୀପ୍ରିୟା ସେଠୀ, ପିପନ ମହାପାତ୍ର, ରାଜେନ୍ଦ୍ର ନାୟକ, ଅମୀୟ ନାୟକ, ନିରଞ୍ଜନ ମିଶ୍ର, ଲକ୍ଷ୍ମୀ ନାରାୟଣ ପୃଷ୍ଟି ପ୍ରମୁଖ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ଜିଲ୍ଲା ସ୍କୁଲରେ କବାଡ଼ି ଲିଗ୍ ଉଦ୍‌ଘାଟିତ



**ପୁରୀ,୨୩।୧୧(ସମିସ):** ନୀତା ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ କବାଡ଼ି ଲିଗ୍ ୨୦୨୫ ପୁରୀ ଜିଲ୍ଲା ସ୍କୁଲ ସ୍ପୋର୍ଟ୍ସ ଜୋନ ଓ ପୁରୀ ଜିଲ୍ଲା ଆଥେଲେଟିକ ଆସୋସିଏସନ ସହଭାଗିତାରେ ଜିଲ୍ଲା ସ୍କୁଲ ଖେଳ ପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ସମାଜସେବୀ ରାଜକିଶୋର ପାତ୍ର, ଆଇନଜୀବୀ ରାମପ୍ରସାଦ ଦାସ, ଆମ୍ ରଞ୍ଜନ ମହାନ୍ତି, ଶରତ କୁମାର ରାୟଗୁରୁ, ଭଗବାନ ପଡ଼ିଆରୀ, ଦୀପକ କୁମାର ଦାସ, ଅମରେନ୍ଦ୍ର ପାଇକରାୟ, ପୂର୍ଣ୍ଣ ଚନ୍ଦ୍ର ଦାସ, ଇଂ. ସୁବ୍ରତ ଦାସ, ଅଭିଷେକ ପଣ୍ଡା, ସତ୍ୟବ୍ରତ ଷଡ଼ଙ୍ଗୀ ଯୋଗଦାନ କରିଥିଲେ। ପୁରୀ ସହରରେ ପ୍ରଥମଥର ପାଇଁ ନିତା ଏକାଡେମୀର ଏଭଳି ପ୍ରୟାସକୁ ସମସ୍ତ ଅତିଥି ପ୍ରଶଂସା କରିଥିଲେ। ଏହାପରେ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ୮ ଦିନ ଧରି ଜିଲ୍ଲା ସ୍କୁଲ ପଡିଆରେ ଖେଳାଯିବାକୁ ଥିବା କବାଡି ମ୍ୟାଚ୍‌ରେ ପୁରୀ ଜିଲ୍ଲାର ସମସ୍ତ ବ୍ଲକରୁ କ୍ରୀଡାବିତମାନଙ୍କୁ ଚୟନ କରି ୪ଟି ପୁରୁଷ ଓ ୪ଟି ମହିଳା ଦଳରେ ବିଭକ୍ତ କରାଯାଇଛି। ସେମାନଙ୍କ ମଧ୍ୟରେ ମ୍ୟାଚ୍ ଖେଳାଯିବ ବୋଲି ସଂଘ ସମ୍ପାଦକ ସୂଚନା ପ୍ରଦାନ କରିଛନ୍ତି। ସମସ୍ତ କାର୍ଯ୍ୟକ୍ରମକୁ ଆଇନଜୀବୀ ସର୍ବାଣି ଦାସ ପରିଚାଳନା କରିଛନ୍ତି।

## ଘରକୁ ଫେରିଲେ ଶ୍ରୀକ୍ଷେତ୍ରରେ ହଜିଯାଇଥିବା କର୍ଣ୍ଣାଟକ ଶ୍ରଦ୍ଧାଳୁ



**ପୁରୀ,୨୩।୧୧(ସମିସ):** ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସିଥିଲେ। ହେଲେ ସହଯାତ୍ରୀଙ୍କଠାରୁ ସେ ଅଲଗା ହୋଇଯାଇଥିଲେ। ପୁରୀ ପୁଲିସର ଉଦ୍ୟମ ଯୋଗୁ ସେ ତାଙ୍କ ପରିବାରକୁ ଫେରିଯାଇଛନ୍ତି। ଏହି ବ୍ୟକ୍ତି ହେଉଛନ୍ତି କର୍ଣ୍ଣାଟକର ୭୦ ବର୍ଷୀୟ ନାଡିକେରାୟା। ରବିବାର ତାଙ୍କ ପୁଅ ଆସି ବାପାଙ୍କୁ ସାଥୀରେ ନେଇ ଯାଇଛନ୍ତି।

ଘଟଣା ଥିଲା ଏମିତି। ଶନିବାର ସନ୍ଧ୍ୟା ସନ୍ଧ୍ୟା ସମୟରେ ରାମଚଣ୍ଡୀ ଥାନା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଜଣେ ବୃଦ୍ଧଙ୍କୁ ଉଦ୍ଧାର କରିଥିଲେ। ସେହି ବ୍ୟକ୍ତି ଜଣଙ୍କ କନ୍ନଡ ଭାଷାରେ କଥା କହୁଥିବାରୁ ତାଙ୍କର ନିର୍ଦ୍ଦିଷ୍ଟ ପରିଚୟ ତତ୍‌କ୍ଷଣାତ ଜଣାପଡ଼ି ନ ଥିଲା। ଏ ନେଇ ଥାନାଧିକାରୀ ବିଚିତ୍ରାନନ୍ଦ ପରିଡା ଏସ୍‌ପି ପ୍ରତୀକ୍ ସିଂଙ୍କୁ ଜଣାଇଥିଲେ। ସଙ୍ଗେ ସଙ୍ଗେ ଏସ୍‌ପି ଶ୍ରୀ ସିଂ ଜଣେ ଟ୍ରାନ୍ସଲେଟରଙ୍କୁ ଯୋଗାଯୋଗ କରାଇ ସମସ୍ତ ତଥ୍ୟ ଜଣେଇବାକୁ ନିର୍ଦ୍ଦେଶ ଦେଇଥିଲେ। ରାମଚଣ୍ଡୀ ଥାନା ପୁଲିସ ସଠିକ ପରିଚୟ ଯାଞ୍ଚ ପାଇଁ ପଦକ୍ଷେପ ଗ୍ରହଣ କରିଥିଲା। ତାଙ୍କ ନାମ ଲେଡକେରିଆ, ପିତା: ଆପେଲ ଲେଡକେରିଆ, ଗ୍ରାମ: ଏମ୍‌ଜି. ରେଲୱେ କଲୋନୀ, ଥାନା: ମାଜେଷ୍ଟିକ, ଜିଲ୍ଲା ବାଙ୍ଗାଲୁର, କର୍ଣ୍ଣାଟକ ବୋଲି ଜଣାପଡ଼ିଲା। ରାତ୍ରିଯାପନର ବ୍ୟବସ୍ଥା କରି ତାଙ୍କୁ ସେଲ୍‌ଟରରେ ଛଡ଼ାଯାଇଥିଲା। ପରବର୍ତ୍ତୀ ଯାଞ୍ଚରୁ ଜଣାପଡ଼ିଥିଲା ଯେ, ତାଙ୍କର ସଠିକ ନାମ ନାଡିକେରାୟା। ୭୦ ଜଣ ସହଯାତ୍ରୀଙ୍କ ସହ ସେ ୫ ଦିନ ପୂର୍ବେ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ଦର୍ଶନ କରିସାରିବା ପରେ ସେ ତାଙ୍କ ସହଯାତ୍ରୀଙ୍କଠାରୁ ଅଲଗା ହୋଇ ରହିଯାଇଥିଲେ। ସହଯାତ୍ରୀ ଖୋଜାଖୋଜି କରି ନ ପାଇବା ପରେ ପୁରୀ ଛାଡିଥିଲେ, କିନ୍ତୁ କୌଣସି ଥାନାରେ ମିସିଂ ରିପୋର୍ଟ ଦାଖଲ ହୋଇ ନ ଥିଲା। ତେବେ ପରିଚୟ ଜଣାପଡିବା ପରେ ତାଙ୍କ ପରିବାରକୁ ଅବଗତ କରାଯାଇଥିଲା। ସୂଚନା ପାଇ ତାଙ୍କ ପୁଅ ବେଙ୍ଗାଲୁରରୁ ବିମାନ ଯୋଗେ ରବିବାର ଭୁବନେଶ୍ୱର ଆସି ପୁରୀରେ ପହଞ୍ଚିଥିଲେ। ଯାଞ୍ଚ ପରେ ସମ୍ପୃକ୍ତ ବୃଦ୍ଧ ବ୍ୟକ୍ତିଙ୍କୁ ତାଙ୍କ ପୁଅ ସଙ୍ଗେ ଛଡ଼ାଯାଇଛି। ଏଥିପାଇଁ ସେ ପୁରୀ ପୁଲିସକୁ ଧନ୍ୟବାଦ ଜଣାଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଅସ୍ପୃଶ୍ୟତା ବିରୋଧୀ ଅଭିଯାନ ଜରିଆରେ ମୁଁ ଅମାନବିକତା ବିରୋଧରେ ସଂଗ୍ରାମ କରୁଛି ।
-ମହାତ୍ମା ଗାନ୍ଧୀ

## ଶ୍ରମ ସଂହିତାର ବାସ୍ତବତା

ଅର୍ଦ୍ଧଶତାବ୍ଦୀ ଧରି ପ୍ରଚଳିତ ଶ୍ରମ ଆଇନକୁ ହଟାଇ କେନ୍ଦ୍ର ସରକାର ନୂଆ ଶ୍ରମ ଆଇନ କାର୍ଯ୍ୟକାରୀ କରିଛନ୍ତି । ଚାରିଟି ଶ୍ରମ ସଂହିତା ସମ୍ବଳିତ ଏହି ନୂତନ ଶ୍ରମ ଆଇନ୍ କର୍ମଜୀବୀ ମହିଳା, ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଗିଗ୍ ୱାର୍କରଙ୍କ ପ୍ରତି ଅନୁକୂଳ ହୋଇଥିବାରୁ ସ୍ୱାଗତଯୋଗ୍ୟ । ଚାରିଟି ଶ୍ରମ ସଂହିତା ମଧ୍ୟରେ ରହିଛି - ଶ୍ରମ ସଂହିତା ୨୦୧୯, ସାମାଜିକ ସୁରକ୍ଷା ସଂହିତା ୨୦୨୦, ଶିଳ୍ପ ସମ୍ବନ୍ଧ ସଂହିତା ୨୦୨୦, ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ଅବସ୍ଥା ସଂହିତା ୨୦୨୦ । ଅପରପକ୍ଷରେ ଏହା ଦାଦନ ଶ୍ରମିକ ବ୍ୟବସ୍ଥାକୁ ଅଧିକ ପ୍ରୋତ୍ସାହନ ଦେବ ବୋଲି ଅଭିଯୋଗ ଆସିଛି । ସେହିପରି ଶ୍ରମ କ୍ଷେତ୍ର ଓ ଶ୍ରମିକଙ୍କ ପାଇଁ ସେଭଳି କିଛି ବିଶେଷ ଧରଣର ଉତ୍ସାହଜନକ ହେବା ଭଳି ଖବର ଏଥିରେ ନାହିଁ । ଚାରିଟି ଶ୍ରମ ସଂହିତା ବଦଳରେ ବରଂ ଗୋଟିଏ ପ୍ରଚଳନ ହୋଇଥିଲେ ଆହୁରି ଅଧିକ ସରଳ ଓ ପ୍ରଭାବଶାଳୀ ହୋଇଥା'ନ୍ତା ବୋଲି ମତ ପ୍ରକାଶ ପାଇଛି । ନୂଆ ଶ୍ରମ ସଂହିତା ନୂଆ ବୋତଲରେ ପୁରୁଣା ପାନୀୟ ଭଳି ହୋଇଥିବା ଏବଂ ନିୟମଗୁଡ଼ିକର କେବଳ ନାମ ପରିବର୍ତ୍ତନ ହୋଇଥିବା କୁହାଯାଉଛି ।

ଶ୍ରମ ଓ ଶ୍ରମିକ ସମ୍ପର୍କିତ ପ୍ରଚଳିତ ୨୯ଟି ଆଇନକୁ ଏକତ୍ରୀକରଣ କରି ଚାରିଟି ସଂହିତାରେ ବିଭକ୍ତ କରାଯାଇଥିବା ନୂଆ ଶ୍ରମ ଆଇନ୍‌ରେ ୧୨୨୮ ପୁରୁଣା ଧାରାକୁ ହ୍ରାସ କରି ୪୮୦ କରାଯାଇଛି । ସେହିପରି ୧୪୩୬ଟି ନିୟମକୁ ୩୫୧ରେ ସୀମିତ କରାଯାଇଥିବା ବେଳେ ୮୪ଟି ପଞ୍ଜିକରଣ ବ୍ୟବସ୍ଥା ବଦଳରେ ୮ଟି ପ୍ରଚଳନ କରାଯାଇଛି । ୬୫ଟି ଉପଧାରାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଛି । କର୍ମଚାରୀ, ପାରିଶ୍ରମିକ, ଶ୍ରମିକ ଆଦିର ସଞ୍ଜ୍ଞା, ବାଧ୍ୟତାମୂଳକ ଶାରୀରିକ ଉପସ୍ଥିତି ରେକର୍ଡ, ବହୁବିଧ ଲାଇସେନ୍ସ ବ୍ୟବସ୍ଥା, ବିଜ୍ଞପ୍ତି ବିନା କାର୍ଯ୍ୟାନୁଷ୍ଠାନ, ଇନ୍‌ସ୍ପେକ୍ସନ୍ ରାଜ ଆଦି ପାରମ୍ପରିକ ବ୍ୟବସ୍ଥାର ଉଚ୍ଛେଦ କରାଯାଇଥିବା ବେଳେ ପୁରୁଣା ମାମଲାଗୁଡ଼ିକର ଫଇସଲା ପାଇଁ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କଟକଣାକୁ ହଟାଇ ଦିଆଯାଇଛି ଏବଂ ନିଜ ଆଡ଼ୁ କର୍ତ୍ତୃପକ୍ଷ ପୁରୁଣା ମାମଲାର ପୁଣି ବିଚାର ଆରମ୍ଭ କରିପାରିବେ ବୋଲି ପ୍ରାବଧାନ ରହିଛି । ଇପିଏଫ୍ ଜମା ନିୟମକୁ ମଧ୍ୟ କୋହଳ କରାଯାଇଛି । କିନ୍ତୁ ଏବେ ଅନେକ ସଂସ୍ଥା ଉଚ୍ଚ କୁଶଳୀ କର୍ମଚାରୀଙ୍କୁ ଇପିଏଫ୍ ସୁବିଧା ଦେଉନାହାନ୍ତି । ଏ ସମ୍ପର୍କରେ ନୂଆ ଶ୍ରମ ସଂହିତା ନିରବ ଥିବା ମନେ ହୁଏ । ସେହିପରି ନୂଆ ଶ୍ରମ ସଂହିତାରେ ସବୁ କର୍ମଚାରୀଙ୍କୁ ନିଯୁକ୍ତି ପତ୍ର ଦେବା ବାଧ୍ୟତାମୂଳକ କରାଯାଇଥିବା ବେଳେ ଠିକ୍ ସମୟରେ ବେତନ ପ୍ରଦାନ, ବର୍ଷେ କାମ କରିବା ପରେ ଗ୍ରାଚ୍ୟୁଇଟି, ସର୍ବନିମ୍ନ ବେତନ ସୁନିଶ୍ଚିତ କରିବା, ମହିଳାମାନଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କାମ କରିବାର ସୁଯୋଗ ଓ ସୁବିଧା ପ୍ରଦାନ, ନିଯୁକ୍ତିଦାତାଙ୍କ ତରଫରୁ କର୍ମଚାରୀମାନଙ୍କର ନିୟମିତ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା, ଏକ ଦେଶ ଏକ ଲାଇସେନ୍ସ, ଏକ ପଞ୍ଜିକରଣ ଓ ଏକ ରିଟର୍ଣ୍ଣ ବ୍ୟବସ୍ଥା ଆଦି ନୂଆ ଶ୍ରମ ସଂହିତାମାନଙ୍କରେ ରହିଛି ।

ବିଡ଼ମ୍ବନା ହେଉଛି ଆଇନ ୨୦୨୦ ମସିହାରେ ପ୍ରଣୀତ ହୋଇଥିବା ବେଳେ କାର୍ଯ୍ୟକାରୀ ବିଜ୍ଞପ୍ତି ଜାରି କରିବା ପାଇଁ ପ୍ରାୟ ୫ ବର୍ଷ ଲାଗିଗଲା । ତେଣୁ ବାସ୍ତବ କ୍ଷେତ୍ରରେ ରୂପାୟନ କେତେ ପ୍ରଭାବଶାଳୀ ଓ ବାସ୍ତବବାଦୀ ହେବ ଏବଂ ଭାରତୀୟ ଅର୍ଥନୀତିକୁ କେତେ ବେଗଶାଳୀ କରିବ ତାହା ଘରୋଇ ସଂସ୍ଥା ଓ ଶିଳ୍ପପତିଙ୍କ ମାନସିକତା ଉପରେ ନିର୍ଭର କରୁଛି । ବିଶେଷକରି ତୀବ୍ର ପ୍ରତିଯୋଗିତାପୂର୍ଣ୍ଣ ବଜାରରେ ତିଷ୍ଠି ରହିବା ପାଇଁ କ୍ଷୁଦ୍ର ଓ ମଧ୍ୟମ ସଂସ୍ଥାମାନେ ସଂଘର୍ଷ କରୁଥିବା ବେଳେ କର୍ମଚାରୀଙ୍କୁ ପ୍ରତିଶ୍ରୁତି ମୁତାବକ ଦରମା ବା ପାରିଶ୍ରମିକ ଦେବା କାଠିକର ପାଠ ହୋଇଯାଉଛି । ଏହି ପୃଷ୍ଠଭୂମିରେ ଠିକ୍ ସମୟରେ ବେତନ, ସର୍ବନିମ୍ନ ବେତନ ଓ ଗ୍ରାଚ୍ୟୁଇଟି ପ୍ରଦାନ ଆଦି 'ଲଙ୍କାରେ ହରି ଶବ୍ଦ' ପରି ଶୁଭୁଛି । ଯେଉଁଠି ନିଜେ ତିଷ୍ଠି ରହିବା ପାଇଁ ନିଯୁକ୍ତିଦାତା ସଂଘର୍ଷ କରୁଛି ସେଠାରେ ନିଯୁକ୍ତିପତ୍ରର ନିଶ୍ଚିତତା ଯେ ଏକ ପ୍ରହସନ ତାହା କେବଳ ଭୁକ୍ତଭୋଗୀ ହିଁ ଅନୁଭବ କରିପାରିବ । ପ୍ରତିଯୋଗିତାପୂର୍ଣ୍ଣ ବିଶ୍ୱରେ ଶିଳ୍ପପତିମାନେ ଶ୍ରମିକ ଅନୁକୂଳ ପରିବର୍ତ୍ତେ ଅଧିକରୁ ଅଧିକ ଶ୍ରମଅନୁକୂଳ ହେବାର ଦେଖାଯାଉଛି । କମ୍ ପାରିଶ୍ରମିକରେ ଅଧିକ ସମୟ ଖଟାଇ ଅଧିକ କାମ ଆଦାୟ କରିବାର ମାନସିକତା ଯେ ପର୍ଯ୍ୟନ୍ତ ହଟିନାହିଁ ନୂଆ ଶ୍ରମ ଆଇନର ଉପକାରିତା ଓ ଉପଯୋଗିତା ଫଳପ୍ରସୂ ହେବ ନାହିଁ । ସେହିପରି ଯାନ୍ତ୍ରିକ ଯୁଗରେ ବିଶେଷକରି ଏଆଇର ଆତ୍ମପ୍ରକାଶ ପରେ ଶାରୀରିକ ଶ୍ରମ ଓ ମାନବ ସମ୍ବଳର ଆବଶ୍ୟକତା ଓ ଗୁରୁତ୍ୱ ହ୍ରାସ ପାଇବାରେ ଲାଗିଛି । ଏପରି କ୍ଷେତ୍ରରେ ନୂଆ ଶ୍ରମ ସଂହିତା ମାନବ ସମ୍ବଳ ଓ ନିଯୁକ୍ତି କ୍ଷେତ୍ରକୁ କେତେ ସୁରକ୍ଷା ଦେଇପାରିବ ଏବଂ ସର୍ବନିମ୍ନ କାର୍ଯ୍ୟ ଘଣ୍ଟା କେତେ ହେବ ତାହା ସ୍ପଷ୍ଟ ହୋଇନାହିଁ ।

ସାମଗ୍ରିକ ଭାବେ ବିଚାର କଲେ ନୂଆ ଶ୍ରମ ସଂହିତା ବଡ଼ ବଡ଼ ଶିଳ୍ପ ସଂସ୍ଥାଙ୍କୁ ସୁହାଇବ ଏବଂ କ୍ଷୁଦ୍ର ଶିଳ୍ପ ସଂସ୍ଥାଙ୍କ ପାଇଁ ଅନେକ ଆହ୍ୱାନ ଓ ସମସ୍ୟା ସୃଷ୍ଟି କରିବ । ଏପରିକି ଭାରତର ଶ୍ରମ ବଜାରରେ ଚୀନ୍ ଶ୍ରମିକଙ୍କ ଆଧିପତ୍ୟ ବଢ଼ିବ ଏବଂ ରାଜ୍ୟ-ରାଜ୍ୟ ମଧ୍ୟରେ ଅର୍ଥନୈତିକ ଅଭିବୃଦ୍ଧିର ବୈଷମ୍ୟ ଆହୁରି ଉତ୍କଟ ହେବ ବୋଲି କେତେକ ଶିଳ୍ପ ସଂସ୍ଥା ମତ ଦେଇଛନ୍ତି ।

ନୂଆ ଶ୍ରମ ସଂହିତା ଅଧିକ ସଂଖ୍ୟକ ଘରୋଇ ଶିଳ୍ପ ସଂସ୍ଥା ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରମାନଙ୍କୁ କ୍ଷମତାପ୍ରାପ୍ତ ଓ ସୁଯୋଗ ପ୍ରଦାନ କରିଥିବା କୁହାଯାଉଛି । କିନ୍ତୁ ଅର୍ଥନୀତିର ଚାରି ପ୍ରମୁଖ ବାହକଙ୍କ ମଧ୍ୟରୁ କେବଳ ଶ୍ରମିକ ବ୍ୟବସ୍ଥାକୁ ସୁସଂଗତ କଲେ ଚଳିବ ନାହିଁ । ଅନ୍ୟ ତିନି କାରକ ଜମି, ପୁଞ୍ଜି ଓ ସଂଗଠନର ସୁଦୃଢ଼ୀକରଣ ଓ ସରଳୀକରଣ ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ । ସରକାରୀ ପ୍ରୋତ୍ସାହନ ସତ୍ତ୍ୱେ ଭାରତକୁ ବୈଦେଶିକ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ ଉତ୍ସାହଜନକ ଓ ଆଶାନୁରୂପ ନୁହେଁ । ଏ କ୍ଷେତ୍ରରେ ଥିବା ସର୍ତ୍ତ, କଟକଣା ଓ ନିୟମାବଳୀର ସଂଶୋଧନ ଓ ସରଳୀକରଣ ହେବା ଆବଶ୍ୟକ । ୧୯୯୧ ମସିହାରେ ପ୍ରଣୀତ ଯୁଗାନ୍ତକାରୀ ଓ ଐତିହାସିକ ଅର୍ଥନୈତିକ ସଂସ୍କାରରେ ଘରୋଇକରଣ ଓ ଉଦାରୀକରଣକୁ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । କିନ୍ତୁ ଆଜି ୩୫ ବର୍ଷ ପରେ ମଧ୍ୟ ଲାଇସେନ୍ସ ରାଜ୍‌ର ପ୍ରଭାବ ଓ ଆଧିପତ୍ୟ ଜାରି ରହିଛି । ପ୍ରଚଳିତ ବ୍ୟବସ୍ଥାରେ ଭାରତରେ ଶିଳ୍ପ ପ୍ରତିଷ୍ଠା ଓ ବ୍ୟବସାୟ କରିବାକୁ ହେଲେ ସମ୍ପୃକ୍ତ ଶିଳ୍ପ ସଂସ୍ଥା କିମ୍ବା ଉଦ୍ୟୋଗୀ ଆନୁଷଙ୍ଗିକ ୧୫୦୦ରୁ ଊର୍ଦ୍ଧ୍ୱ ଆଇନ, ୬୯, ୦୦୦ରୁ ଊର୍ଦ୍ଧ୍ୱ ଆଦେଶପତ୍ର ଓ ୬, ୫୦୦ରୁ ଊର୍ଦ୍ଧ୍ୱ ସ୍ତର ଦେଇ ଗତି କରିବାକୁ ହୁଏ । ତେଣୁ ଶ୍ରମ ଆଇନ ସହିତ ଏହିସବୁ ବ୍ୟବସ୍ଥା, ନୀତିନିୟମ ଓ କଟକଣାର ମଧ୍ୟ ସରଳୀକରଣ କରାଯିବା ଆବଶ୍ୟକ ।

## # ୱି ଟୁ: ଆମେ ମଧ୍ୟ ହକ୍‌ଦାର

**ଗୌରୀ ପ୍ରସାଦ ମହାପାତ୍ର**

ସଦ୍ୟସମାପ୍ତ ବିହାର ବିଧାନସଭା ନିର୍ବାଚନର ଅପ୍ରତ୍ୟାଶିତ ଓ ଆଚମ୍ବିତ ଫଳରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା ମହିଳା ଭୋଟରଙ୍କ ଅଭୂତପୂର୍ବ ଅଂଶଗ୍ରହଣ । ଭାରତୀୟ ଗଣତନ୍ତ୍ରରେ ମହିଳାମାନେ ନିର୍ଣ୍ଣାୟକ ହୋଇପାରିବେ ଏବଂ ଗତାନୁଗତିକ ଧାରଣା ଓ ଅବଗଣନାକୁ ଓଲଟପାଲଟ କରିପାରିବାର ଦକ୍ଷତା ଯେ ସେମାନଙ୍କ ପାଖରେ ରହିଛି, ତାହା ପୁଣି ଥରେ ପ୍ରମାଣିତ ହୋଇଛି । କିଛିସପ୍ତାହ ପୂର୍ବରୁ ଭାରତୀୟ ମହିଳା କ୍ରିକେଟ୍ ଦଳ ବିଶ୍ୱକପ୍ ଜିତି ପ୍ରମାଣ କରିସାରିଥିଲେ ଯେ 'ଆମେ ମଧ୍ୟ ପାରିବୁ' । ଏହି ଦୁଇ ଘଟଣା ପରେ ଭାରତୀୟ ସାମାଜିକ ସମୀକରଣରେ ପରିବର୍ତ୍ତନ ଏବଂ ଲିଙ୍ଗଭେଦରେ ବିବର୍ତ୍ତନର କ୍ଷୀଣ ସମ୍ଭାବନାଟିଏ ସୃଷ୍ଟି ହୋଇଛି । କିନ୍ତୁ ଭାରତୀୟ ପୁରୁଷକୈନ୍ଦ୍ରିକ ମାନସିକତାର କଳାବାଦଲ୍ ଅପସାରଣକୁ ଏହି ନୂତନ ସମ୍ଭାବନାର ସୂର୍ଯ୍ୟୋଦୟ ଅପେକ୍ଷା କରି ରହିଛି ।

ଏହା ଅନସ୍ୱୀକାର୍ଯ୍ୟ ଯେ ଜ୍ଞାନ, ବିଜ୍ଞାନ, ସାହସ, ରୋମାଞ୍ଚ, କ୍ରୀଡ଼ା ଆଦି ପ୍ରତ୍ୟେକ କ୍ଷେତ୍ରରେ ଭାରତୀୟ ମହିଳାମାନେ ପୁରୁଷଙ୍କ ସମକକ୍ଷ ହୋଇସାରିଛନ୍ତି; ସ୍ଥଳ ବିଶେଷରେ ଦୁଇପାଦ ଆଗକୁ ଯାଇଛନ୍ତି । ଏ ସବୁ ସତ୍ତ୍ୱେ ସ୍ୱାଧୀନତା ଆନ୍ଦୋଳନରୁ ଆରମ୍ଭ କରି ସ୍ୱାଧୀନୋତ୍ତର ଭାରତର ୭୯ ବର୍ଷର ଗଣତନ୍ତ୍ରର ଜୟଯାତ୍ରାରେ ମହିଳାମାନେ ଯଥୋଚିତ ନ୍ୟାୟ, ସ୍ଥାନ ଓ ସମ୍ମାନ ପାଇ ନାହାନ୍ତି- ଏହି ନିଷ୍ଠୁର ସତ୍ୟକୁ ସ୍ୱୀକାର କରିବାକୁ ହେବ । ଲିଙ୍ଗଭେଦ ଆଧାରିତ ବିଷମ ପରିବେଶରେ ସମାନ ପଦବୀରେ ନିୟୋଜିତ ମହିଳାଙ୍କ ପାରିଶ୍ରମିକ ପୁରୁଷଙ୍କ ତୁଳନାରେ ଆଜି ମଧ୍ୟ ହାରାହାରି ୪୮% କମ୍ । ଦେଶର ପ୍ରଥମ ୫୦୦ ବୃହତ୍ ଶିଳ୍ପାନୁଷ୍ଠାନ ବା ବ୍ଲୁଚିପ୍ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପରିଚାଳନା ନିର୍ଦ୍ଦେଶକ ପଦରେ ମହିଳାଙ୍କ ସଂଖ୍ୟା ମାତ୍ର ୧.୬% । ଜିଡିପିରେ ୩୦% ଅବଦାନ ରଖୁଥିବା ଏବଂ ଦେଶର ୨୦ କୋଟି ଶ୍ରମଜୀବୀ ନିୟୋଜିତ ଥିବା ଏମ୍‌ଏସ୍‌ଏମ୍‌ଇର ମାତ୍ର ୨୨% ମାଲିକାନା ମହିଳାଙ୍କ ହାତରେ ରହିଛି, ଯାହାର ଲାଭାଂଶ ବା କାରବାର ନଗଣ୍ୟ । ଭାରତର ଷ୍ଟେମ୍(ସାଇନ୍‌ସ, ଟେକ୍‌ନୋଲଜି, ଇଞ୍ଜିନିୟରିଂ, ମ୍ୟାଥମେଟିକ୍ସ) ଗ୍ରାଜୁଏଟଙ୍କ ମଧ୍ୟରୁ ୪୩% ମହିଳା(ଆମେରିକାରେ ୩୪%, ୟୁରୋପରେ ୩୨%, ଓଇସିଡିରେ ୩୩%); ଅଥଚ ଗବେଷଣା ଓ ବିକାଶ କ୍ଷେତ୍ରରେ ମହିଳାଙ୍କ ପ୍ରତ୍ୟକ୍ଷ ନିଯୁକ୍ତି ମାତ୍ର ୧୯% । କ୍ରୀଡ଼ାରେ ଉଭୟ ପୁରୁଷ ଓ ମହିଳା ସମନୈପୁଣ୍ୟ ପ୍ରଦର୍ଶନ କରୁଥିବା ବେଳେ ମହିଳାଙ୍କ ପାରିଶ୍ରମିକ ପୁରୁଷଙ୍କ ତୁଳନାରେ ନୈରାଶ୍ୟଜନକ । ବିଶ୍ୱର ସବୁଠାରୁ ବିତ୍ତଶାଳୀ କ୍ରୀଡ଼ା ସଂଗଠନ ବିସିସିଆଇ ମହିଳା ଖେଳାଳିଙ୍କ ପାରିଶ୍ରମିକ ପୁରୁଷ ଖେଳାଳିଙ୍କ ସହିତ ସମାନ କରିବା ପାଇଁ ଦୀର୍ଘଦିନ ପୂର୍ବରୁ ଘୋଷଣା କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବାର ମାନସିକତା ସୃଷ୍ଟି କରିପାରିନାହିଁ । ପୁରୁଷ ପ୍ରାଧାନ୍ୟ ମାନସିକତା ଯୋଗୁଁ ମହିଳାମାନଙ୍କ ଖେଳର ସିଧା ପ୍ରସାରଣ କ୍ୱଚିତ ହୁଏ ଏବଂ ପ୍ରାୟୋଜକମାନେ କ୍ୱଚିତ ଆଗ୍ରହ ପ୍ରଦର୍ଶନ କରନ୍ତି । ଭାରତୀୟ ଧର୍ମଧାରଣାରେ ନାରୀମାନଙ୍କୁ ଆମେ ଶକ୍ତିସ୍ୱରୂପିଣୀ ଓ ଅସୁରମର୍ଦ୍ଦିନୀ ଭାବେ ପୂଜା କରୁ, ଅଥଚ ସେନାବାହିନୀରେ ମହିଳା କ୍ୟାଡରଙ୍କୁ କମିଶନ୍ ର୍‍ୟାଙ୍କ ଦେବା ପାଇଁ ଆଜି ମଧ୍ୟ ଆମେ କୁଣ୍ଠିତ ।

ସନାତନ ଧର୍ମରେ ପ୍ରଗାଢ଼ ବିଶ୍ୱାସୀ ଦେବଭୂମି ଭାରତର ଅନ୍ୟତମ ବିଡ଼ମ୍ବନା ହେଉଛି ଲିଙ୍ଗଭେଦ ବିଲକ୍ଷଣଟି ପୌରାଣିକ ଯୁଗରୁ ପ୍ରବାହମାନ । ସମୟସ୍ରୋତରେ ଅନେକ କିଛି ପରିବର୍ତ୍ତନ ଘଟିଥିଲେ ମଧ୍ୟ ମହିଳାଙ୍କୁ ସମାଦର କରିବାର ମାନସିକତାରେ ଉତ୍ତରଣ ଘଟିପାରିନାହିଁ । ଆମେ ମହାଳୟାରେ ମାତୃଶକ୍ତିକୁ ଆବାହନ କରୁ; ଅଥଚ ସେଦିନର ଶ୍ରାଦ୍ଧରେ କେବଳ ପିତୃ ଓ ମାତାମହ(ଅଜା) ତିନିପୁରୁଷଙ୍କୁ ପିଣ୍ଡଦାନ ହୁଏ; ମାଆ ଓ ଆଈମାନଙ୍କୁ ନୁହେଁ । ବୈଶ୍ୱୋଦେବରେ ମଧ୍ୟ ମାତୃପକ୍ଷଙ୍କୁ ଅନ୍ନଦାନର ବିଧି ଶାସ୍ତ୍ରସମ୍ମତ ନୁହେଁ । ଏହି ଇଚ୍ଛାକୃତ ପକ୍ଷପାତିତା ବୈଦିକ ଯୁଗରୁ ପ୍ରଚଳିତ ନା ପରବର୍ତ୍ତୀ ଯୁଗରେ ପ୍ରକ୍ଷିପ୍ତ, ତାହା ଗବେଷଣାସାପେକ୍ଷ ନିଶ୍ଚୟ; କିନ୍ତୁ ପୁରୁଷପ୍ରାଧାନ୍ୟ ସାମାଜିକ ବ୍ୟବସ୍ଥାଟି କେତେ ସ୍ୱାର୍ଥପର ଏବଂ ମହିଳାଙ୍କ ପ୍ରତି କେତେ ନିଷ୍ଠୁର ତାହା ପ୍ରମାଣିତ । ସ୍ୱାମୀ ଓ ପିଲାମାନଙ୍କର ଅଇଁଠା ଥାଳିରେ କିମ୍ବା ସେମାନେ ଛାଡ଼ିଥିବା ଖାଦ୍ୟ ଖାଇବା ଆଜି ମଧ୍ୟ ମହିଳାମାନଙ୍କର ଭାଗ୍ୟଲିଖନ । ଯିଏ ରାନ୍ଧିବ ସିଏ ଗରମ ସଜ ଖାଇବାର ଅଧିକାର କିମ୍ବା ଅନୁମତି ନାହିଁ । ବୋଧହୁଏ ଏହି ମାନସିକତା ଆଧାରରେ ମହାଳୟା କିମ୍ବା ବୈଶ୍ୱୋଦେବରେ ମହିଳାମାନଙ୍କୁ ଅନ୍ନଦାନର ବିଧିଟି ଉଠାଇ ନିଆଯାଇଛି ଏବଂ ଦିବଙ୍ଗତ ପୁରୁଷମାନଙ୍କୁ ଅର୍ପଣ ଅନ୍ନର ଉଚ୍ଛିଷ୍ଟ ସେମାନଙ୍କ ଦିବଙ୍ଗତ ଧର୍ମପତ୍ନୀମାନେ ଗ୍ରହଣ କରିବାର ପରମ୍ପରାଟି ଆମେ ଇହଲୋକରୁ ବିନା ବାଧାରେ ପିତୃଲୋକ ପର୍ଯ୍ୟନ୍ତ ପରିବ୍ୟାପ୍ତ କରିଦେଇଛୁ । ଯେଉଁ ମାଆ ପିଲାକୁ ଜନ୍ମରୁ ଖୁଆଇ ପିଆଇ ଅଳିଅର୍ଦ୍ଦଳି ସହି ମଣିଷ କଲା, ତା'କୁ ହିଁ ତା'ର ଅବର୍ତ୍ତମାନରେ ଅନ୍ନଦାନରୁ ବଞ୍ଚିତ କରିବା କେଉଁ ଶାସ୍ତ୍ର ଓ ତର୍କସମ୍ମତ? ଏହି ଅବାଞ୍ଛିତ ଓ ଅମାନବିକ ଧାରାଟିକୁ କ'ଣ ବଦଳା ଯାଇପାରିବ ନାହିଁ?

ସ୍ୱାଭାବିକ ଭାବରେ ଆମର ପୁରୁଷକୈନ୍ଦ୍ରିକ ସମାଜ ବ୍ୟବସ୍ଥାରେ ସୀତାମାନେ ହିଁ ଅଗ୍ନି ପରୀକ୍ଷା ଦିଅନ୍ତି; ଅହଲ୍ୟାମାନେ ହିଁ ପାଷାଣୀ ହୁଅନ୍ତି; ମାଙ୍ଗଳିକ ଉତ୍ସବରେ ଅପୁତ୍ରିକୀଙ୍କ ଉପସ୍ଥିତି ଅଶୁଭ; ଅମଙ୍ଗୁଳା କନ୍ୟା ପ୍ରଥମେ ଶାହାଡ଼ା କିମ୍ବା କଦଳୀଗଛକୁ ବିବାହ କରିବାକୁ ଏବଂ ବିଧବାମାନେ ସନ୍ନ୍ୟାସିନୀର ଜୀବନ ଜିଇଁବାକୁ ଓ ହବିଷାନ୍ନ ଗ୍ରହଣ କରିବାକୁ ବାଧ୍ୟ । ଏତେ ସବୁ ଅପମାନ ଓ ଅପବାଦ କେବଳ ମହିଳାମାନଙ୍କ ପାଇଁ ହିଁ ସତେଯେପରି ବିଧିନିର୍ଦ୍ଦିଷ୍ଟ । ଅଥଚ ସମଦଶାଭୋଗୀ ପୁରୁଷମାନେ କଟକଣାମୁକ୍ତ । ପାରିବାରିକ ହିଂସା, ଯୌନ ଅତ୍ୟାଚାର, ଡାହାଣୀ ଅପବାଦ ଆଦି ନିର୍ଯାତନା, ଶୋଷଣର କୁତ୍ସିତ ଅବାଞ୍ଛିତ ଧାରା ସହିତ ମହିଳାମାନେ ଅଧିକାଂଶ ଯୋଡ଼ି ହୋଇଯା'ନ୍ତି । ଅଥଚ ସ୍ୱର ଉତ୍ତୋଳନର କ୍ଷମତା, ଅଧିକାର ଓ ସୁଯୋଗ ସେମାନଙ୍କ ପାଖରେ ନଥାଏ । ତେଣୁ ୨୦୦୬ରେ ଜନ୍ମ ନେଇ ୨୦୧୭ରେ ଯୁଗାନ୍ତକାରୀ ବିପ୍ଳବ ଆଣିଥିବା '# ମି ଟୁ' ଆନ୍ଦୋଳନ ପର୍ଯ୍ୟନ୍ତ ଉଚ୍ଚ ପଦପଦବୀରେ ଅଧିଷ୍ଠିତ, ସମ୍ଭ୍ରାନ୍ତ ଓ ପ୍ରତିପତ୍ତିଶାଳୀ ଧନାଢ଼୍ୟ ମହିଳାମାନେ ମଧ୍ୟ ଭୋଗୁଥିବା ନିର୍ଯାତନା ବିରୋଧରେ ସ୍ୱର ଉତ୍ତୋଳନ କରିବାର ସାହସ ଜୁଟାଇ ପାରି ନଥିଲେ । ଏହି ଆନ୍ଦୋଳନ ଅନେକ ନକଲି ଭଦ୍ରମୁଖାଧାରୀଙ୍କ ଅସଲି ଚେହେରାର ଉନ୍ମୋଚନ କରିଥିଲା । ଏହିକ୍ରମରେ ଏବେ ସମୟ ଆସିଛି '# ୱି ଟୁ: ଆମେ ମଧ୍ୟ ହକ୍‌ଦାର' - ଅଭିଯାନ ଆରମ୍ଭ କରିବାର ।

ମହିଳାଙ୍କ ଏହି ହକ୍ ବା ଅଧିକାର ପାଇଁ କିନ୍ତୁ ଲଢ଼ିବ କିଏ? ଦେଶର ୭୫ ବର୍ଷର ନ୍ୟାୟିକ ଇତିହାସରେ ଏ ପର୍ଯ୍ୟନ୍ତ ମାତ୍ର ୧୧ ଜଣ ମହିଳା ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରପତି ଭାବେ ନିଯୁକ୍ତି ପାଇଛନ୍ତି ଏବଂ ଏବେ ମାତ୍ର ଜଣେ ଅଛନ୍ତି । ଦେଶର ୨୫ଟି ଉଚ୍ଚ ନ୍ୟାୟାଳୟରେ ମହିଳା ବିଚାରପତିଙ୍କ ସଂଖ୍ୟା ମାତ୍ର ୭୬ ବା ୧୧.୭% ଥିବା ବେଳେ ଜିଲ୍ଲା ଅଦାଲତମାନଙ୍କରେ ସେମାନଙ୍କ ନିଯୁକ୍ତି ହାର ୨୮% । ସ୍ୱାଧୀନ ଗଣତାନ୍ତ୍ରିକ ଭାରତବର୍ଷରେ ୨୦୨୫ ନଭେମ୍ବର ସୁଦ୍ଧା ନୀତି ନିର୍ଦ୍ଧାରଣର ସର୍ବୋଚ୍ଚ ଅନୁଷ୍ଠାନ ଲୋକସଭା ଓ ରାଜ୍ୟସଭାରେ ମହିଳା ଜନପ୍ରତିନିଧି ହାର ଯଥାକ୍ରମେ ୧୩% ଓ ୧୭% । ସାମଗ୍ରିକ ଭାବେ ସବୁରାଜ୍ୟର ବିଧାନପାଳିକାରେ ସେମାନଙ୍କ ହାରାହାରି ସଂଖ୍ୟା ମାତ୍ର ୧୦% । ଜନସଂଖ୍ୟାରେ ପ୍ରାୟ ଅଧା ଅଂଶ ଥିବା ମହିଳାମାନଙ୍କ ପାଇଁ ବିଧାନପାଳିକାରେ ଏକ-ତୃତୀୟାଂଶ ସ୍ଥାନ ସଂରକ୍ଷଣ ଲାଗି ଆମ ସଂସଦ କୁଣ୍ଠିତ । ବାଧ୍ୟବାଧକତାରେ ୨୦୨୩ରେ ଏ ସମ୍ପର୍କିତ ଆଇନ ପ୍ରଣୟନ ହୋଇଥିଲେ ମଧ୍ୟ ୨୦୨୯ ପର୍ଯ୍ୟନ୍ତ ଗଡ଼ାଇ ନେବାରେ ପୁରୁଷକୈନ୍ଦ୍ରିକ ମାନସିକତାର ପ୍ରତିଫଳନ ସ୍ପଷ୍ଟ । ତେଣୁ ପୁଣି ସନ୍ଦେହ ବିଜଡ଼ିତ ପ୍ରଶ୍ନଟିଏ ଉଠିବା ସ୍ୱାଭାବିକ ଯେ ମହିଳା ସଶକ୍ତୀକରଣ ସ୍ଲୋଗାନ୍‌କୁ ବାସ୍ତବବାଦୀ କରିବା ଲାଗି ଆବଶ୍ୟକ ନୀତି ନିର୍ଦ୍ଧାରଣ ଓ ରୂପାୟନ କରିବ କିଏ?

ବିଖ୍ୟାତ ଆମେରିକୀୟ ସମାଜିକ କର୍ମୀ, ସାମ୍ବାଦିକ, ସ୍ତମ୍ଭକାର ଗ୍ଲୋରିଆ ଷ୍ଟିନେମ୍‌ଙ୍କ 'ଇଫ୍ ମେନ୍ କୁଡ୍ ମେନ୍‌ଷ୍ଟ୍ରୁଏଟ୍'(ପୁରୁଷମାନଙ୍କର ମଧ୍ୟ ଯଦି ଋତୁସ୍ରାବ ହେଉଥା'ନ୍ତା) ଶୀର୍ଷକ ଆଲେଖ୍ୟଟିଏ ୧୯୭୮ ମସିହାରେ ପ୍ରକାଶ ପାଇଥିଲା । ସେହି ଆଲେଖ୍ୟ ଆଧାରରେ ପ୍ରଖ୍ୟାତ ଭାରତୀୟ ବ୍ୟଙ୍ଗକାର ଉରୁଜ୍ ଆଶ୍‌ଫାକ୍ ଏକ ହାସ୍ୟୋଦ୍ଦୀପକ ଅଥଚ ଚେତନାଧର୍ମୀ ସମ୍ବେଦନଶୀଳ କଥାଟିଏ କହିଥିଲେ, ଯାହାର ମର୍ମାନୁବାଦ ହେଉଛି, 'ଯଦି ପୁରୁଷମାନଙ୍କର ଋତୁସ୍ରାବ ହେଉଥା'ନ୍ତା, ତେବେ ୧୫୦ ଥର ପରେ ସେମାନେ ଜୟନ୍ତୀ ପାଳନ କରୁଥା'ନ୍ତେ, ଏକ ଋତୁସ୍ରାବ ମନ୍ତ୍ରଣାଳୟ ଏବଂ ପ୍ରଧାନମନ୍ତ୍ରୀ ରିଲିଫ୍ ପାଣ୍ଠିଟିଏ ଗଠନ ହୋଇସାରିଥା'ନ୍ତା । ଅଥଚ ମହିଳାମାନଙ୍କ ପାଇଁ ଛୁଟିଟିଏ ମଧ୍ୟ ମଞ୍ଜୁର ହୋଇପାରୁନାହିଁ ।'

ଏଭଳି ସ୍ୱାର୍ଥସର୍ବସ୍ୱ ଓ ଅନ୍ଧବିଶ୍ୱାସର ପରିବେଶରେ ଆଶା, ଆଶ୍ୱାସନା ଓ ପ୍ରେରଣାର କ୍ଷୀଣ କିରଣଟିଏ ଦେଖାଯାଉଛି । ମହିଳାମାନେ ସ୍ମରଣ କରିବା ଆବଶ୍ୟକ ଯେ ଭାରତର କୃଷି କ୍ଷେତ୍ରରେ ନିୟୋଜିତ ମାନବ ସମ୍ବଳରେ ମହିଳାଙ୍କ ଅବଦାନ ୬୦% । ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଆଶା କର୍ମୀ ଆଜି ଦେଶର ଜନସ୍ୱାସ୍ଥ୍ୟର ମେରୁଦଣ୍ଡ ଏବଂ ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଅଙ୍ଗନବାଡ଼ି ଦିଦି ଶିକ୍ଷା ବ୍ୟବସ୍ଥାର ଭିତ୍ତିଶିଳା । ତ୍ରିସ୍ତରୀୟ ଶାସନ ବ୍ୟବସ୍ଥାର ତୃଣମୂଳସ୍ତରରେ ମହିଳାମାନଙ୍କ ଉପସ୍ଥିତି ୩୩%; ଓଡ଼ିଶା ପରି କେତେକ ରାଜ୍ୟରେ ଏହା ୫୦% । ସେଠାରୁ ଆରମ୍ଭ ହେଉ ଏହି ଅଭିଯାନ । '# ୱି ଟୁ' ଏହି ସ୍ୱର ତୃଣମୂଳସ୍ତରରୁ ଆରମ୍ଭ ହୋଇ ଜାତୀୟ ଆନ୍ଦୋଳନର ରୂପ ନେଉ । ମହିଳାମାନେ ନିଜକୁ ଦୃଢ଼ ଭାବେ ଉପସ୍ଥାପନ କରନ୍ତୁ ଯେ ପ୍ରଗତି ଯାତ୍ରାରେ ଏବଂ ସ୍ୱାଧୀନତାର ଅମୃତକାଳରେ ସେମାନେ କେବଳ ଅଂଶୀଦାର ନୁହନ୍ତି, ସେମାନେ ହିଁ ଚାଳକ ।

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

## ଅମୃତରେ ବିଷ

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଅମୃତ ରୂପେ ବିଦିତ କ୍ଷୀର ଭାରତରେ ପ୍ରଚୁର ପରିମାଣରେ ବ୍ୟବହୃତ ହୁଏ । କିନ୍ତୁ ଏହାର ପୁଷ୍ଟିକର ଖ୍ୟାତି ପଛରେ ଗମ୍ଭୀର ପ୍ରଶ୍ନଟିଏ ରହିଛି, ଯାହା ଜନସ୍ୱାସ୍ଥ୍ୟ ଓ ଗ୍ରାହକଙ୍କ ବିଶ୍ୱାସ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ପାଣି, ଷ୍ଟାର୍ଚ, ଡିଟରଜେଣ୍ଟ, ୟୁରିଆ, କଷ୍ଟିକ୍ ସୋଡା, ମାଲ୍ଟୋଡେକ୍ସଟ୍ରିନ୍ ଓ ଅତ୍ୟନ୍ତ ବିପଜ୍ଜନକ ରାସାୟନିକ ପଦାର୍ଥ କ୍ଷୀରରେ ମିଶାଯାଏ । ପରିମାଣ ବୃଦ୍ଧି କରିବା, ପରିଚୟ ପରିବର୍ତ୍ତନ କରିବା କିମ୍ବା ଗୁଣବତ୍ତା ପରୀକ୍ଷାକୁ ଠକିବା ପାଇଁ ଏଗୁଡ଼ିକୁ ବ୍ୟବହାର କରାଯାଏ । ପେରୋକ୍ସାଇଡ୍ କର୍କଟ ରୋଗ ସୃଷ୍ଟିକାରୀ ବୋଲି ଜଣାଶୁଣା । ଏହା ମଧ୍ୟ ଯକୃତ ଓ ବୃକ୍‌କ ଭଳି ଅଙ୍ଗ ଉପରେ କୁପ୍ରଭାବ ପକାଇଥାଏ । ପ୍ରଚୁର ଆର୍ଥିକ ଲାଭ ପାଇଁ ଏହି ଅନୈତିକ କାରବାର କ୍ଷୀରର ପ୍ରାକୃତିକ ପୁଷ୍ଟିକର ଗୁଣବତ୍ତା ଓ ମୂଲ୍ୟକୁ କ୍ଷତି ପହଞ୍ଚାଇବା ସହ ଗ୍ରାହକଙ୍କ ସ୍ୱାସ୍ଥ୍ୟ ଓ ଜୀବନ ପାଇଁ ଗମ୍ଭୀର ବିପଦ ସୃଷ୍ଟି କରେ ।

ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ପକ୍ଷରୁ ସରକାରୀ ଭାବେ ତିନି ବର୍ଷ ମଧ୍ୟରେ ନିଆଯାଇଥିବା ଦୁଗ୍ଧଜାତ ଦ୍ରବ୍ୟର ନମୁନା ପରୀକ୍ଷଣ ସମ୍ପର୍କିତ ତଥ୍ୟ ପ୍ରକାଶ କରିଛନ୍ତି । ଏହି ସଂସ୍ଥାର ରିପୋର୍ଟ ଅନୁଯାୟୀ ଫର୍ମାଲିନ୍ ଓ ହାଇଡ୍ରୋଜେନ୍(କ୍ଷୀରରେ ଚର୍ବି ବୃଦ୍ଧି ପାଇଁ ବ୍ୟବହୃତ) ଭଳି ରାସାୟନିକ ପଦାର୍ଥ ସହିତ ଅପମିଶ୍ରିତ କ୍ଷୀର ପ୍ରସ୍ତୁତି ତାଲିକାରେ ଉତ୍ତରପ୍ରଦେଶ ଶୀର୍ଷରେ ଅଛି । ଗତ ପାଞ୍ଚ ବର୍ଷ ମଧ୍ୟରେ ଉତ୍ତରପ୍ରଦେଶର ଅନେକ ସହରରେ କ୍ଷୀର ଅପମିଶ୍ରଣ ଜନିତ ଘଟଣା ପଦାକୁ ଆସିଛି । ତାଲିକାରେ ରାଜସ୍ଥାନ ଦ୍ୱିତୀୟ, ତାମିଲନାଡୁ ତୃତୀୟ ଓ କେରଳ ଚତୁର୍ଥ ସ୍ଥାନରେ ଅଛି । ଉତ୍ତରପ୍ରଦେଶରେ ଅପମିଶ୍ରିତ କ୍ଷୀର ବିକ୍ରୟ କରୁଥିବା ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ସମୁଦାୟ ୧୯୨୮ ଟି ମାମଲା ପଞ୍ଜିକୃତ ହୋଇଛି । ତାମିଲନାଡୁରେ ୯୪୪, କେରଳରେ ୭୩୭, ମହାରାଷ୍ଟ୍ରରେ ୧୯୧ ଓ ବିହାରରେ ୧୭୪ ମାମଲା ପଞ୍ଜିକୃତ ହୋଇଛି ।

ଆମୋନିଆ ଓ ୟୁରିଆ ଦ୍ୱାରା ସୃଷ୍ଟି ହେଉଥିବା ସ୍ୱାଦକୁ ଲୁଚାଇବା ପାଇଁ ଏବେ ଷ୍ଟାର୍ଚ ମିଶାଯାଉଛି । ମେସିନ୍ ଓ ଲ୍ୟାବ ପରୀକ୍ଷା ବିନା ଅପମିଶ୍ରିତ କ୍ଷୀର ଚିହ୍ନଟ କରିବା କ୍ରମଶଃ କଷ୍ଟକର ହୋଇପଡୁଛି । ଜାତୀୟ କ୍ଷୀର ସୁରକ୍ଷା ଓ ଗୁଣବତ୍ତା ସର୍ବେକ୍ଷଣ ତଥ୍ୟ ଅନୁଯାୟୀ ମାନବ ସ୍ୱାସ୍ଥ୍ୟ ପାଇଁ ହାଇଡ୍ରୋଜେନ ପେରକ୍ସାଇଡ, ୟୁରିଆ ଓ ଡିଟରଜେଣ୍ଟ ସହିତ ଦୂଷିତ କ୍ଷୀରକୁ ଅସୁରକ୍ଷିତ ଘୋଷଣା କରାଯାଇଛି । ତଥ୍ୟ ଅନୁଯାୟୀ ଭାରତ ଉତ୍ପାଦନ ଅପେକ୍ଷା ଅଧିକ କ୍ଷୀର ବ୍ୟବହାର କରୁଥିବାରୁ ଏଭଳି କୃତ୍ରିମ କ୍ଷୀରର ବଜାର ଅଂଶ ବଢ଼ିବାରେ ଲାଗିଛି । ଭାରତରେ କ୍ଷୀର ଉତ୍ପାଦନ ୨୦୧୩-୧୪ ରେ ୧୪.୬୯ କୋଟି ଟନ୍‌ରୁ ବୃଦ୍ଧି ପାଇ ଆଜି ୨୩.୦୬ କୋଟି ଟନ୍‌ରେ ପହଞ୍ଚିଛି । ବିଶ୍ୱରେ ହାରାହାରି ବାର୍ଷିକ ଦୁଗ୍ଧ ଉତ୍ପାଦନ ଅଭିବୃଦ୍ଧି ହାର ୨% । ଭାରତରେ ଏହା ପ୍ରତିବର୍ଷ ୬% ହାରରେ ବୃଦ୍ଧି ପାଉଛି ।

ଭାରତରେ କ୍ଷୀର ଉତ୍ପାଦନ କ୍ଷେତ୍ରରେ ନିୟୋଜିତ ୬୮ ପ୍ରତିଶତ ସଂସ୍ଥା ଅସଂଗଠିତ । ଏହାକୁ ସଂଗଠିତ ଓ ଉତ୍ପାଦନ ବୃଦ୍ଧି କରିବା ପାଇଁ ସରକାରୀ ପ୍ରୟାସ ଜାରି ରହିଛି । ବର୍ତ୍ତମାନ ଦେଶରେ କ୍ଷୀର ଉତ୍ପାଦନର ମୂଲ୍ୟ ବାର୍ଷିକ ୧୧.୧୬ ଲକ୍ଷ କୋଟି ଟଙ୍କା । କେନ୍ଦ୍ର ପଶୁପାଳନ ଓ ଦୁଗ୍ଧ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଦେଶରେ ଗୋରୁଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି । ବିଶେଷକରି ଗାଈଙ୍କ ସଂଖ୍ୟା ୧୯.୦୯ କୋଟିରୁ ୧୯.୩୦ କୋଟିକୁ ଏବଂ ମଇଁଷିଙ୍କ ସଂଖ୍ୟା ୧୦.୮ କୋଟିରୁ ୧୧କୋଟିକୁ ବୃଦ୍ଧି ପାଇଛି । ପଶୁପାଳନ ଓ ଦୁଗ୍ଧ ଶିଳ୍ପରେ ୧୨ କୋଟିରୁ ଅଧିକ ଲୋକ ନିଯୁକ୍ତ ଓ ଜଡ଼ିତ ହୋଇଛନ୍ତି ।

ଭାରତ, ଆମେରିକା ଓ ୟୁରୋପ ସମେତ ଅନେକ ଦେଶରେ ଅପମିଶ୍ରଣ କ୍ଷୀର ବିରୋଧରେ କଠୋର ଆଇନ ଅଛି । ଚୀନରେ ମୃତ୍ୟୁଦଣ୍ଡର ବ୍ୟବସ୍ଥା ଅଛି । ଖାଦ୍ୟରେ ଭେଜାଲ, ବିଶେଷକରି ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟକୁ ଏକ ଗମ୍ଭୀର ଅପରାଧ ଭାବରେ ବିବେଚନା କରାଯାଏ । ଚୀନରେ୨୦୦୮ ମସିହାରେ ମେଲାମାଇନ୍ ଦୁର୍ନୀତି ପରେ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ଏହି ଦୁର୍ନୀତି ଫଳରେ ଭେଜାଲ କ୍ଷୀର ଓ ପାଉଡର ଯୋଗୁଁ ହଜାର ହଜାର ପିଲା ଅସୁସ୍ଥ ଓ ମୃତ୍ୟୁବରଣ କରିଥିଲେ । ଦୋଷୀ ସାବ୍ୟସ୍ତ ହୋଇଥିବା ଲୋକଙ୍କୁ ଆଜୀବନ କାରାଦଣ୍ଡ ଓ ମୃତ୍ୟୁଦଣ୍ଡ ମଧ୍ୟ ଦିଆଯାଇଥିଲା ।

ଏହି ପରିପ୍ରେକ୍ଷୀରେ କ୍ଷୀର ଉତ୍ପାଦକମାନଙ୍କୁ ନୈତିକ ମାନଦଣ୍ଡ ପାଳନ କରିବାକୁ ପଡ଼ିବ ଏବଂ ଲାଭ ଅପେକ୍ଷା ଗୁଣବତ୍ତା ଓ ଜନସ୍ୱାସ୍ଥ୍ୟ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ହେବ । ଏହି ସମସ୍ୟାର ସମାଧାନ ପାଇଁ ନୀତି ନିର୍ଦ୍ଧାରକ, ନିୟାମକ, ଦୁଗ୍ଧ ଶିଳ୍ପ ଓ ଗ୍ରାହକଙ୍କ ମିଳିତ ପ୍ରୟାସ ଆବଶ୍ୟକ । ବିଭିନ୍ନ ପ୍ରକାରର ଭେଜାଲକୁ ସଠିକ୍ ଭାବରେ ଚିହ୍ନଟ କରୁଥିବା ଉନ୍ନତ ପରୀକ୍ଷଣ ପ୍ରଯୁକ୍ତିବିଦ୍ୟା ବିକାଶ ଉପରେ ଗୁରୁତ୍ୱ ଦିଆଯିବା ଉଚିତ । ସରକାର କଠୋର ଖାଦ୍ୟ ସୁରକ୍ଷା ନିୟମାବଳୀ କାର୍ଯ୍ୟକାରୀ କରିବା ଆବଶ୍ୟକ, ଯେଉଁଥିରେ ମୃତ୍ୟୁଦଣ୍ଡ, ଆଜୀବନ କାରାଦଣ୍ଡ ଓ ଜରିମାନା ଅନ୍ତର୍ଭୁକ୍ତ ହେବା ଉଚିତ । ଗ୍ରାହକ ସଚେତନତା ଓ ନୈତିକ ଆଚରଣକୁ ପ୍ରୋତ୍ସାହିତ କରି ଆମେ ଜନସ୍ୱାସ୍ଥ୍ୟକୁ ସୁରକ୍ଷା ଦେଇପାରିବା । ଏହା ଦୁଗ୍ଧକୁ ସୁରକ୍ଷିତ ଏବଂ ପୁଷ୍ଟିକର ଅଂଶ ଭାବରେ ରହିବାକୁ ନିଶ୍ଚିତ କରିବ ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ଆମ ବୃକ୍ଷଲତା ଆମ ଜୀବନ

**ସୌଭାଗ୍ୟସୁନ୍ଦର**

### ପାଷାଣଭେଦୀ
Fringed Bergenia or Hairy Leaf Bergenia - Bergenia ciliata

ପ୍ରକୃତି-ପରିବେଶ

ପାଷାଣଭେଦୀ ହିମାଳୟର ନାତିଶୀତୋଷ୍ଣ ଅଞ୍ଚଳରେ ୮୦୦ ରୁ ୩, ୦୦୦ ମିଟର ଉଚ୍ଚତା ମଧ୍ୟରେ ଦେଖିବାକୁ ମିଳେ । ଭାରତରେ ଏହା ଲୁସାଇ ପାହାଡ଼, ପଶ୍ଚିମବଙ୍ଗ, ଅରୁଣାଚଳ ପ୍ରଦେଶ, ମେଘାଳୟ, ହିମାଳୟ (କୁମାଓଁ), କ୍ୟୋଙ୍ଗନୋସଲା, କାର୍ପୋନାନାଗ, ସିକିମର ଗ୍ୟାଙ୍ଗଟକ ଓ ଉତ୍ତରାଖଣ୍ଡରେ ପ୍ରାକୃତିକ ଭାବରେ ବଢୁଥିବା ଜଣାଯାଏ । ଏହା ଏକ ପ୍ରମୁଖ ଆୟୁର୍ବେଦ ଔଷଧୀୟ ଉଦ୍ଭିଦ ଭାବରେ ଜଣାଶୁଣା, ଏବଂ ଭାରତରେ ଏହାକୁ ସାଧାରଣତଃ 'ପଥର ଫୋଡ଼ ବୁଟି' ଅର୍ଥାତ 'ପତ୍ରକୁ ଫଟାଇବା କ୍ଷୁପ' ବୋଲି କୁହାଯାଏ । ଏହାର ଫୁଲକୁ ଉତ୍ତରାଖଣ୍ଡର ପ୍ରସିଦ୍ଧ 'ଫୁଲ ଦେଇ ମହୋତ୍ସବ' ସମୟରେ ଅର୍ପଣ କରାଯାଏ ।

ପାଷାଣଭେଦୀ ଏକ ଛୋଟ ବହୁବର୍ଷୀୟ ରାଇଜୋମାଟସ୍ ବା ଧାବକ କନ୍ଦ ବିଶିଷ୍ଟ କ୍ଷୁପ, ଯାହା ପ୍ରାୟ ୩୦ ସେମି ପର୍ଯ୍ୟନ୍ତ ବଢ଼ିଥାଏ । ଏହାର ଧାବକ କନ୍ଦ କଠିନ, ଉଚ୍ଚା ନୀଚା ଧାର ସହିତ ପିମ୍ପା ଆକାରର, ନଳାକାର, ଅନେକ ଛୋଟ ମୂଳ ବା ଚେର ବହନ କରିଥାଏ । ଲମ୍ବା ଡେଙ୍ଗ ବିଶିଷ୍ଟ ପତ୍ରସଂଖ୍ୟା ଅପେକ୍ଷାକୃତ କମ୍, ବିସ୍ତାରିତ, ମସୃଣ ଓ ବର୍ତ୍ତୁଳାକାର । ଫୁଲ ଡେଙ୍ଗ ଯୁକ୍ତ, ଗୋଲାପୀରୁ ବାଇଗଣୀ ବା ଧଳା ରଙ୍ଗର । ଫୁଲ ପାଖୁଡ଼ା ବର୍ତ୍ତୁଳାକାର, ଶୀର୍ଷ ଭାଗ ଦନ୍ତୁରିତ । ପୁଷ୍ପ ହର୍ମାଫ୍ରୋଡାଇଟ୍ ବା ଉଭୟ ଲିଙ୍ଗୀ । ୫ ଟି ଗୋଲାପୀ ବା ଲାଲ ରଙ୍ଗର ପାଖୁଡ଼ା ବହନ କରିଥାଏ । ଫୁକେଶର ମଣ୍ଡଳ ଅନେକ କେଶ ଧାରଣ କରେ । ଡିମ୍ବାଶୟ ୪ କିମ୍ବା ୫ ଏକତ୍ରିତ ଯୋଡ଼ି ହୋଇ ରହିଥାଏ । ଫଳ କ୍ୟାପସୁଲାର ବା ସ୍ଫୋଟକ । କାର୍ପେଲ ବା ଫଳିକା ଏବଂ ଷ୍ଟାଇଲ୍ ବା ଶଳାକା ସବୁଜ କିମ୍ବା ଗୋଲାପୀ ବର୍ଣ୍ଣ । ବିହନ ସାଧାରଣତଃ ଅନେକ ।

ପାଷାଣଭେଦୀ ପାରମ୍ପରିକ ଭାବରେ ମୂତ୍ର, ପାକସ୍ଥଳୀ, ଚର୍ମ, ଫୁସଫୁସ, ଯକୃତ, ସ୍ତ୍ରୀରୋଗ, ବୃକ୍‌କ, ପ୍ରଦାହ ଓ ସଂକ୍ରାମକ ରୋଗ ଚିକିତ୍ସା ପାଇଁ ବ୍ୟବହୃତ ହୋଇଆସୁଛି । ବିଶେଷକରି ଏହାକୁ ବୃକ୍‌କରେ ପଥର ତରଳାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଔଷଧ ଭାବରେ ବ୍ୟବହାର କରାଯାଉଥିବାରୁ ଭାରତୀୟ ଚିକିତ୍ସାରେ ଏହାକୁ 'ପାଷାଣଭେଦୀ' (ପଥର ତରଳାଇବା) ଭାବେ ପରିଚିତ । ଏହାର ମଧ୍ୟ ଜ୍ୱର, ପତଳାଝାଡ଼ା, ଫୁସଫୁସ ସଂକ୍ରମଣ, ମାଂସପେଶୀ ପୀଡ଼ା, ଲ୍ୟୁକୋରିଆ, ପାଇଲ୍ସ ବା ଅର୍ଶ, ପ୍ଲୀହା ବୃଦ୍ଧି, କାଶ, ଥଣ୍ଡା, ହୃଦରୋଗ, ଚକ୍ଷୁ ରୋଗ ଉପଶମରେ ବ୍ୟବହୃତ ହୁଏ । ପାଷାଣଭେଦୀରେ ବର୍ଗେନିନ୍, କ୍ୟାଟେଚିନ୍, ଗାଲିକ୍ ଏସିଡ୍, ଗାଲିସିନ୍, କ୍ୟାଟେଚିନ୍-୭-ଓ-ଗ୍ଲୁକୋସାଇଡ୍, ବିଟା-ସିଟୋଷ୍ଟେରୋଲ୍, ପାଶନୋଲାକ୍ଟୋନ୍, ସିଟୋଇଣ୍ଡୋସାଇଡ୍, କ୍ୱେରସିଟିନ୍, ଆଫ୍ଜେଲେଚିନ୍, ଫାଇଟୋକେମିକାଲ, ଉଚ୍ଚ ଆଣ୍ଟିଫଙ୍ଗାଲ୍, ଆଣ୍ଟିଭାଇରାଲ୍, ଆଣ୍ଟିପ୍ଲାଜମୋଡିଆଲ୍ ଓ ଆଣ୍ଟିବ୍ୟାକ୍ଟେରିଆଲ୍ ଦ୍ରବ୍ୟ ଗୁଣ ରହିଛି । ଏଥିସହିତ ବିଭିନ୍ନ ଶ୍ରେଣୀର ଯୌଗିକ ରସାୟନ ଯଥା ଫିନୋଲ୍, ଆଲକୋହଲ୍, ଟେର୍ପେନୋଏଡ୍, ଫ୍ୟାଟି ଏସିଡ୍, ଟାନିକ୍ ଏସିଡ୍, ଆଲବୁମେନ୍, ମ୍ୟୁସିଲେଜ୍, ଗ୍ଲୁକୋଜ୍, ମହମ, ମେଟାର୍ବିନ୍ ଓ ଖଣିଜ ଲବଣ ସହିତ ଜଡ଼ିତ ବିଭିନ୍ନ ପ୍ରକାରର ଦ୍ୱିତୀୟ ମେଟାବୋଲାଇଟ୍ ପୃଥକ ହୋଇଥିବା ରିପୋର୍ଟ କରାଯାଇଛି । ଆୟୁର୍ବେଦ ଚିକିତ୍ସା ପଦ୍ଧତିରେ ଏହାକୁ ସାଧାରଣତଃ ଟନିକ୍ ଭାବେ ବ୍ୟବହାର କରାଯାଏ । ପାଷାଣଭେଦୀର ସର୍ବାଧିକ ବ୍ୟବହୃତ ଅଂଶ ହେଉଛି ରାଇଜୋମ୍ ଓ ମୂଳ । ପାରମ୍ପରିକ ଚିକିତ୍ସକମାନେ ଏହାକୁ ପ୍ରାୟତଃ ପାଉଡର ଆକାରରେ ବ୍ୟବହାର କରନ୍ତି ।

ଏହା ସାଧାରଣତଃ ପଥୁରିଆ ପାହାଡ଼ରେ ମିଳିଥାଏ । ଉଦ୍ଭିଦଟି ପଥର ମଧ୍ୟରେ ଉତ୍ପନ୍ନ ହୁଏ ଏବଂ ସେଗୁଡ଼ିକୁ ଭାଙ୍ଗିବା ପରି ଦେଖାଯାଏ କିମ୍ବା ଏଥିରେ ଲିଥୋଟ୍ରିପ୍ସିକ୍ ଗୁଣ ଥାଏ । ପାଷାଣଭେଦୀ ଆର୍ଦ୍ର ଏବଂ ଛାଇ ଅଞ୍ଚଳରେ ଭଲ ଭାବରେ ବଢେ । କେତେକ ସମୟରେ ଖାଦ୍ୟ ପାଇଁ ମଧ୍ୟ ଏହି ଉଦ୍ଭିଦକୁ ଜଙ୍ଗଲରୁ ଅମଳ କରାଯାଏ । ଭାରତରେ ଏହାର ଏପର୍ଯ୍ୟନ୍ତ ଚାଷ କରାଯାଉଥିବା ଜଣାଯାଏ ନାହିଁ । ଏହି ଉଦ୍ଭିଦକୁ ଦୁର୍ବଳ ବର୍ଗରେ ଅନ୍ତର୍ଭୁକ୍ତ କରାଯାଇଛି । ଏହାକୁ ଜାତୀୟ ଔଷଧୀୟ ଉଦ୍ଭିଦ ବୋର୍ଡ, ଆୟୁଷ ମନ୍ତ୍ରଣାଳୟର ଯୋଜନା ଅଧୀନରେ ଚାଷ ପାଇଁ ପ୍ରାଥମିକତାପ୍ରାପ୍ତ ଉଦ୍ଭିଦ ମଧ୍ୟରେ ମଧ୍ୟ ତାଲିକାଭୁକ୍ତ କରାଯାଇଛି । ଉଚ୍ଚ ରାଇଜୋମ୍ ଉତ୍ପାଦନ ଏବଂ ଗୁଣବତ୍ତା ସହିତ ଏହାର ବିକାଶ ପାଇଁ ଗବେଷଣା ଚାଲିଛି ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମା' କ୍ଷୀରରୁ...

ଜଳସେଚନ ପାଇଁ ଭୂତଳ ଜଳର ବହୁଳ ବ୍ୟବହାର ହୋଇଥାଏ। ବିନା ବିଶୋଧନରେ ଲୋକେ ଏହାକୁ ବ୍ୟବହାର କରୁଛନ୍ତି। ଚାଷ କାର୍ଯ୍ୟରେ ରାସାୟନିକ ସାର ଏବଂ କୀଟନାଶକର ବ୍ୟବହାର ବଢ଼ିବାରୁ କ୍ଷୀରରେ ଆର୍ସେନିକ, ଲିଡ ଏବଂ ମରକୁରୀ ଭଳି ଧାତୁର ସ୍ତର ମଧ ବଢ଼ିଛି। ୟୁରାନିୟମ ବୃକକ ଉପରେ ପ୍ରଭାବ ପକାଇ ଥାଏ। ଏହା ସ୍ନାୟବିକ ସମସ୍ୟା ସୃଷ୍ଟି କରିଥାଏ। ଏହା ବଢ଼ି ଚାଲିଲେ କର୍କଟ ଭଳି ବିପଦ ସୃଷ୍ଟି ହୋଇଥାଏ। ତେବେ ଏହାକୁ ନେଇ ଚିନ୍ତା କରିବାର କୌଣସି କାରଣ ନାହିଁ ବୋଲି ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମଏ) ର ଜଣେ ବରିଷ୍ଠ ବୈଜ୍ଞାନିକ କହିଛନ୍ତି। କାରଣ କ୍ଷୀରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଦ୍ୱାରା ଧାର୍ଯ୍ୟ ସ୍ତରଠାରୁ କମ୍ ପରିମାଣର ୟୁରାନିୟମ ଥିବା ସେ କହିଛନ୍ତି।

ଏହା ପୂର୍ବରୁ ବିହାରରେ ମା' କ୍ଷୀରରୁ ଲିଡ୍‌ର ମାତ୍ରା ଅଧିକ ଥିବା ଜଣାପଡ଼ିଥିଲା। ଗଙ୍ଗା ନଦୀ ଅବବାହିକା ଜିଲ୍ଲା ସମସ୍ତିପୁର, ଦରଭଙ୍ଗା, ବେଗୁସରାୟ, ଖଗଡ଼ିଆ, ମୁଙ୍ଗେର, ନାଳନ୍ଦାରେ ଏହା ମିଳିଥିଲା। ମହାବୀର କ୍ୟାନସର ଇନ୍‌ଷ୍ଟିଚ୍ୟୁଟର ରିସର୍ଚ୍ଚ ଡିପାର୍ଟମେଣ୍ଟରୁ ଏହାର ଖୁଲାସା ହୋଇଥିଲା। ଏହା ନବଜାତକର ମାନସିକ ବିକାଶରେ ପ୍ରଭାବ ପକାଇ ଥାଏ।

### ଶେଷ ମିନିଟ୍‌ରେ...

ଟିକଟ୍ ବାତିଲ୍ ହେଲେ ମଧ ୮୦% ପର୍ଯ୍ୟନ୍ତ ଅର୍ଥ ରିଫଣ୍ଡ ପ୍ରଦାନ କରିବ। ବୀମା ପାଇଁ ଏୟାରଲାଇନ୍ସ ଏବଂ ବୀମା କମ୍ପାନୀଗୁଡ଼ିକ ମଧ୍ୟରେ ସହଭାଗିତା ମାଧ୍ୟମରେ ପ୍ରିମିୟମ୍ ପ୍ରଦାନ କରାଯିବ। ବର୍ତ୍ତମାନ, ଉଡ଼ାଣର ୩ ଘଣ୍ଟା ମଧ୍ୟରେ ଟିକଟ ବାତିଲ୍‌କୁ ନୋ-ଶୋ' ଭାବରେ ବିବେଚନା କରାଯାଏ ଏବଂ କୌଣସି ରିଫଣ୍ଡ ମିଳେନାହିଁ।

### ଦ୍ୱନ୍ଦ୍ୱ ବଢ଼ାଇଲା...

ବଙ୍ଗୋପସାଗରରେ ୨ ଟି ଲଘୁଚାପ ସୃଷ୍ଟି ହେଉଛି। ଗୋଟେ ଲଘୁଚାପ ଦକ୍ଷିଣ ଆଣ୍ଡମାନ ସାଗର ଓ ଆଖ ପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ବେଳେ ଏହା ପଶ୍ଚିମ ଓ ଉତ୍ତର ପଶ୍ଚିମ ଦିଗ ଆଡ଼କୁ ଗତି କରୁଛି। ଅନ୍ୟପଟେ ଆଉ ଏକ ଲଘୁଚାପ ଦକ୍ଷିଣ ବଙ୍ଗୋପସାଗରରେ ମଧ ସୃଷ୍ଟି ହେବା ସମ୍ଭାବନା ରହିଛି। ତେବେ କେଉଁ ଲଘୁଚାପ ଶକ୍ତିଶାଳୀ ହେବ କିଏ ଦୁର୍ବଳ ହେବ ଏହା ଏଯାବତ ସ୍ପଷ୍ଟ ହେଉ ନଥିବାରୁ ବଙ୍ଗୋପସାଗରରେ ଯୋଡ଼ା ଲଘୁଚାପରୁ ଗୋଟିଏ ଲଘୁଚାପ ଅଧିକ ଘନୀଭୂତ ହୋଇ ବାତ୍ୟା ରୂପ ନେବ ବୋଲି ଡଃ ସାହୁ ପୂର୍ବାନୁମାନ କରିଛନ୍ତି। ତେଣୁ ଆସନ୍ତା ୪୮ ଘଣ୍ଟା ପରେ ଚିତ୍ର ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

ବାତ୍ୟା କେତେ ସୁଦୃଢ଼ ହେବ କେଉଁ ଦିଗକୁ ଯିବ ଓଡ଼ିଶାରେ ଏହା ର ପ୍ରଭାବ ପଡିବ କି ନାହିଁ ତାହା ବର୍ତ୍ତମାନ ସ୍ପଷ୍ଟ ହେଉ ନାହିଁ। କିନ୍ତୁ ଡିସେମ୍ବର ପହିଲାରୁ ରାଜ୍ୟର ଉପକୂଳ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ବିଭିନ୍ନ ମଡେଲ୍‌ର ବାତ୍ୟାକୁ ନେଇ ଦୁଇଟି ଦୃଶ୍ୟପଟ ଆଙ୍କୁଛନ୍ତି। ଏଥିରେ ଜିଏଫ୍ଏସ୍ ମଡେଲ୍ ବାତ୍ୟା ଦୁଇ ତାରିଖ ବେଳକୁ ଓଡ଼ିଶା ଉପକୂଳ ନିଟତର ହୋଇ ଓଡ଼ିଶାରେ ଘସି ହୋଇ ବଙ୍ଗଲାଦେଶ ମୁହାଁ ହୋଇପାରେ। ମାତ୍ର ଇସିଏମ୍‌ଡବ୍ଲ୍ୟୁଏଫ୍ ଏହାର ଆକଳନ ସମ୍ପୂର୍ଣ୍ଣ ଅଲଗା ରଖିଛି। ଏହି ମଡେଲ୍ ଅନୁଯାୟୀ ବାତ୍ୟାଟି ଡିସେମ୍ବର ୪ ତାରିଖ ବେଳକୁ ଉତ୍ତର ଆନ୍ଧ୍ର ଓ ଦକ୍ଷିଣ ଓଡ଼ିଶା ନିକଟତର ହୋଇପାରେ। ମାତ୍ର ଏହାପରେ ବାତ୍ୟା ଦିଗ ପରିବର୍ତ୍ତନ କରି ଆନ୍ଧ୍ର ଓ ତାମିଲନାଡୁ ମୁହାଁ ହେବ। ଏମିତି ହେଲେ ଓଡ଼ିଶା ଉପରେ ବିଶେଷ ପ୍ରଭାବ ପଡ଼ି ନପାରେ। ଅନ୍ୟପଟେ ସାମ୍ଭାବ୍ୟ ବାତ୍ୟାକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବନ୍ୟା ଓ ବାତ୍ୟା ପରିଚାଳନା କରିବାରେ ଓଡିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦେଶରେ ସବୁଠୁ ଆଗରେ। ଯେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ତାକୁ ସାମ୍ନା କରିବାରେ ଆମ ରାଜ୍ୟର ବିପର୍ଯ୍ୟୟ ପପରିଚାଳନା ବିଭାଗ, ଅଗ୍ନିଶମ ବିଭାଗ, ଓଡିଆରଏଫ, ଏନଡିଆରଏଫ ବିଭାଗ ଆଦି ନିକଟରେ ବହୁତ ଅନୁଭବ ରହିଛି। ଜିଲ୍ଲା ପ୍ରଶାସନର ମଧ ଚମତ୍କାର ପରିଚାଳନା ଦକ୍ଷତା ରହିଛି। ବିଗତ ଦିନରେ ଭଲ ଅଭିଜ୍ଞତା ଥିଲା ଏଥିରେ ଜିରୋ କାଜୁଆଲିଟି ରହିଛି। ତେଣୁ ଆମେ ସମ୍ଭାବ୍ୟ ବାତ୍ୟା ପାଇଁ ପୁରାପୁରି ପ୍ରସ୍ତୁତ ଅଛୁ ବୋଲି ମନ୍ତ୍ରୀ କହିଛନ୍ତି।

### ହୃଦୟବିଦାରକ ଓ...

ମହିଳାମାନେ ନିସ୍ତୁକ ମାଡ଼ ମାରିବା ଘଟଣା ସଭ୍ୟ ସମାଜରେ କଦାପି ଗ୍ରହଣୀୟ ନୁହେଁ। ବିଜୁ ଜନତା ଦଳର ସରକାର ସମୟରେ ମିଶନ ଶକ୍ତି ଜରିଆରେ ମା'ମାନେ ସଫଳତାର ସିଢ଼ି ଚଢୁଥିଲେ, ନିଜର ପରିଚୟ ସୃଷ୍ଟି କରୁଥିଲେ। ମାତ୍ର ବିଜେପି ସରକାରରେ ମା'ମାନେ ସବୁଠୁ ଅସୁରକ୍ଷିତ ହୋଇପଡିଛନ୍ତି, ବିକାଶ ଠପ୍ ହୋଇଛି। ସରକାର ନିଦରୁ ଉଠନ୍ତୁ, ଦୋଷୀଙ୍କ ବିରୋଧରେ ତୁରନ୍ତ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ରାଜ୍ୟ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି ନବୀନ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟରେ ଗତ ୧୭ ମାସ ମଧ୍ୟରେ ମହିଳା ବିରୋଧୀ ହିଂସା ଉଦ୍ଧ୍ୱର୍ମୁଖୀ ହୋଇଛି । ବିଶେଷକରି ଦୁଷ୍କର୍ମ, ଗଣଦୁଷ୍କର୍ମର୍, ଅତ୍ୟାଚାର ପରି ଘଟଣା ସୀମା ଟପିଛି। ଗୋପାଳପୁର ଗଣଦୁଷ୍କର୍ମ, ବାଲେଶ୍ୱରରେ ଏଫଏମ କଲେଜରେ ଛାତ୍ରୀ ଆତ୍ମାହୂତି, ବଲଙ୍ଗା ଆତ୍ମାହୂତି ପରି ଘଟଣା ପାଇଁ ଓଡ଼ିଶା ସମଗ୍ର ଦେଶରେ ନିନ୍ଦିତ ହୋଇଛି। ଦିନକୁ ରାଜ୍ୟରେ ହାରାହାରି ୧୫ ମହିଳା ଓ ଯୁବତୀ ଦୁଷ୍କର୍ମ ବା ଗଣଦୁଷ୍କର୍ମର ଶିକାର ହେଉଛନ୍ତି । ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ନବୀନ ବାରମ୍ବାର ସ୍ୱର ଉତ୍ତୋଳନ କରିବା ସହ ସରକାର ନିଦରୁ ଉଠି କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ପରାମର୍ଶ ଦେଇ ଦେଇଛନ୍ତି।

### ୧୯ ଦିନରେ...

ହୋଇଛନ୍ତି। ମଧ ପ୍ରଦେଶର ରାୟସେନରେ ଶନିବାର ବିଏଲ୍‌ଓ ରମାକାନ୍ତ ପାଣ୍ଡେ ମୃତ୍ୟୁବରଣ କରିଛନ୍ତି। ସେହିପରି ବିଏଲ୍‌ଓ ଯୋଗେଶ ୪ ରାତି ଶୋଇ ପାରି ନାହାନ୍ତି ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ଅନ୍‌ଲାଇନ୍ ମିଟିଂ ପରେ ସେ ବୋହେଶ ହୋଇ ତଳେ ପଡିଯାଇଥିଲେ ଓ ତାଙ୍କର ଜୀବନ ରକ୍ଷା ହୋଇ ପାରିନଥିଲା। ସେହିପରି ଦମହୋରେ ୫୦ ବର୍ଷୀୟ ଶୀତାରାମ ଗୋଣ୍ଡ ଫର୍ମ ପୁରଣ କରୁଥିବା ବେଳେ ଅସୁସ୍ଥ ଅନୁଭବ କରିଥିଲେ ଓ ଚିକିତ୍ସା ସମୟରେ ସେ ମୃତ୍ୟୁବରଣ କରିଥିଲେ। ସେହିପରି ରାୟସେନରେ ବିଏଲ୍‌ଓ ନାରାୟଣ ସୋନୀ ୬ ଦିନ ହେଲା ନିଖୋଜ ଅଛନ୍ତି। ଟାର୍ଗେଟ, ବିଳମ୍ବିତ ରାତିରେ ବୈଠକ ଓ ନୀଳମ୍ବନର ଚେତାବନୀ ଯୋଗୁ ସେ ଚିନ୍ତିତ ଥିଲେ। ଭୋପାଳରେ କାର୍ଯ୍ୟରତ ବିଏଲ୍‌ଓ କିର୍ତ୍ତୀ କୌଶଲ ଓ ମହମ୍ମଦ ଲଇକ୍ ଡ୍ୟୁଟି କରୁଥିବା ବେଳେ ହୃଦ୍‌ଘାତ୍‌ର ଶିକାର ହୋଇଥିଲେ ଓ ଦୁଇଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିପରି ନଭେମ୍ବର ୬ରେ ଦମୋହରରେ ସଡ଼କ ଦୁର୍ଘଟଣାରେ ଶ୍ୟାମ ଶର୍ମା (୪୫) ମୃତ୍ୟୁବରଣ କରିଛନ୍ତି। ଦତିଆର ଉଦୟଭାନ ସିହାର (୫୦) ନଭେମ୍ବର ୧୧ରେ ଆତ୍ମହତ୍ୟା କରିଥିଲେ।

### ଏସ୍‌ସିବିରେ ଡାଏଲିସିସ୍...

ଜରିଆରେ ପିଡି ଫ୍ଲୁଇଡ୍ ବ୍ୟବହାର ଦ୍ୱାରା ରୋଗୀର ରକ୍ତରୁ ବର୍ଜ୍ୟବସ୍ତୁ ଏବଂ ଅତ୍ୟଧିକ ତରଳ ପଦାର୍ଥ ନିଷ୍କାସନ କରାଯାଇଥାଏ। ଦୀର୍ଘବର୍ଷ ଧରି ଏସ୍‌ସିବିରେ ରୋଗୀଙ୍କୁ ନିଃଶୁଳ୍କରେ ଡାଏଲିସିସ ସେବା ଯୋଗାଇ ଦିଆଯାଉଛି। ଓଏସ୍ଏମସି ପକ୍ଷରୁ ପିଡି ଫ୍ଲୁଇଡ୍ ଯୋଗାଇ ଦିଆଯାଏ। ନଚେତ୍ ଡିଏମଇଟି କାର୍ଯ୍ୟାଳୟରୁ ଆସୁଥିବା ଅନୁଦାନ ଟଙ୍କାରେ ଏସ୍‌ସିବି କର୍ତ୍ତୃପକ୍ଷ ପିଡି ଫ୍ଲୁଇଡ୍ କ୍ରୟ କରିଥା'ନ୍ତି। ଏବେ ପିଡି ଫ୍ଲୁଇଡ୍ ନଥିବାରୁ ଡାଏଲସିସି ବନ୍ଦ ହୋଇ ଯାଇଥିବା ଅଭିଯୋଗ ଉଠିଛି।

## ସ୍କର୍ପିଓ ଧକ୍କାରେ ୨ ଗୁରୁତର

# ଗାଡ଼ି ଛାଡ଼ି ପଳାଇଲେ ବିଧାୟକ, ଚାଳକ






ଖୁଣ୍ଟା/କୁଆମରା, ୨୩।୧୧ (ସମିସ): ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅଧୀନ ଟିଟିଆ ନିକଟ ଟାଙ୍ଗଣା ଛକରେ ସାରସକଣା ବିଧାୟକ ଭାଦବ ହାଁସଦାଙ୍କ ସ୍କର୍ପିଓ ଧକ୍କାରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତଙ୍କୁ ଚିକିତ୍ସା ପାଇଁ ପଠାଇବା ପରିବର୍ତ୍ତେ ବିଧାୟକ ଓ ତାଙ୍କ ଗାଡ଼ି ଚାଳକ ଗାଡ଼ି ଛାଡ଼ି ଦୌଡ଼ି ପଳାଇବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ଉଦଳା-ବାରିପଦା ରାସ୍ତାର ତେରମାଇଲ ନିକଟରେ ରାସ୍ତା ଅବରୋଧ କରିଥିଲେ। ଗୁରୁତରଦ୍ୱୟ ହେଲେ, ମିଠୁ ସିଂ (୬୦) ଓ ସନ୍ନ୍ୟାସୀ ସିଂ (୫୫)।

ସୂଚନା ମୁତାବକ, ରବିବାର ସଂଧ୍ୟା ପ୍ରାୟ ୫ଟାରେ ବିଧାୟକ ନିଜ ସ୍କର୍ପିଓରେ ବାରିପଦାରୁ ଉଦଳାକୁ ଯାଉଥିଲା। ଏହି ସମୟରେ ହାଟରୁ ସଉଦା ସାରି ମିଠୁ ଓ ସନ୍ନ୍ୟାସୀ ଏକ ସ୍କୁଟିରେ ଘରକୁ ଫେରୁଥିବା ବେଳେ ଦ୍ରୁତଗତିରେ ଆସୁଥିବା ସ୍କର୍ପିଓଟି ସେମାନଙ୍କୁ ଧକ୍କା ଦେଇଥିଲା। କାର୍‌ଟି ଦୁହିଁଙ୍କୁ ଧକ୍କା ଦେବା ପରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ବଉଳ ଗଛରେ ପିଟି ହୋଇ ଅଟକି ଯାଇଥିଲା। ଏହା ଦେଖି ବିଧାୟକ, ପିଏସ୍‌ଓ ଓ ଗାଡ଼ି ଚାଳକ ସେଠାରୁ ଗାଡ଼ି ଛାଡ଼ି ପଳାଇଥିଲେ। ଅପରପକ୍ଷେ, ଗୁରୁତର ମିଠୁ ଓ ସନ୍ନ୍ୟାସୀଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏଭଳି ଏକ ହୃଦୟବିଦାରକ ଘଟଣା ପରେ ବିଧାୟକ ଶ୍ରୀ ହାଁସଦା ଗୁରୁତରଙ୍କୁ ଚିକିତ୍ସା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନଥିବାରୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ରାଜପଥ ଅବରୋଧ କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା। ପରେ ବିଧାୟକ ମଧ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା।

## ଆଇନଜୀବୀ ପୀତବାସ ହତ୍ୟା ମାମଲା


# ହେଲ୍‌ମେଟ୍‌ଧାରୀ କୁରୁପତି ଓ ଚିଣ୍ଟୁଙ୍କୁ ସାକ୍ଷୀ ଚିହ୍ନିଲେ କିପରି?

ବ୍ରହ୍ମପୁର, ୨୩।୧୧(ସମିସ): ସ୍ଥାନୀୟ ବୈକୁଣ୍ଠନଗର ବିଟ୍ ରାସ୍ତାରେ ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ହେଲମେଟ୍ ପିନ୍ଧିଥିବା ୨ଜଣ ଆତତାୟୀ ଗୁଳି କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଖବର ପାଇ ଆଇଜି ନିତିଶେଖର, ବ୍ରହ୍ମପୁର ଅତିରିକ୍ତ ଦାୟିତ୍ୱରେ ଥିବା ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର ଓ

**ଆଇନଜୀବୀ ମଦନ ଦଳାଇଙ୍କ ଜାମିନ ଆବେଦନ ଖାରଜ**

ଅନ୍ୟ ପୁଲିସ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲେ। ଏପରିକି, ସ୍ଥାନୀୟ ତଥା ଆଖପାଖ ଅଞ୍ଚଳର ବହୁ ବ୍ୟକ୍ତିଙ୍କ ବୟାନ ରେକର୍ଡ କରାଯାଇଥିଲା। ଘଟଣାର ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ପୁଲିସକୁ ପ୍ରାୟ ୧୨ଦିନ ଲାଗିଥିଲା। ପରେ ପୁଲିସ ପର୍ଯ୍ୟାୟକ୍ରମେ ଜଣଙ୍କ ପରେ ଜଣଙ୍କୁ ଉଠାଇ ନେଇ ଜେରା କରିଥିଲା। କିଛି ଦିନର ଜେରା ପରେ ସାକ୍ଷୀଙ୍କ ବୟାନ ଓ ପୁଲିସର ତଦନ୍ତ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିଲା। ପୀତବାସଙ୍କୁ ଗୁଳି କରିବା ବେଳେ ଗାଡ଼ି ଚଳାଉଥିବା ଚିଣ୍ଟୁ ପ୍ରଧାନଙ୍କ ସମେତ ୧୨ଜଣଙ୍କୁ ପୁଲିସ ପ୍ରଥମେ ଗିରଫ କରିଥିଲା। ବର୍ତ୍ତମାନ ଗିରଫ ସଂଖ୍ୟା ୧୬ରେ ପହଞ୍ଚିଛି। ବଡ଼ କଥା ହେଲା, ପୁଲିସ କହିବା ପ୍ରକାରେ ପୀତବାସ ପଣ୍ଡାଙ୍କୁ ଦୁଇଜଣ ହେଲମେଟ ପିନ୍ଧିଥିବା ଯୁବକ 'ପଣ୍ଡାବାବୁ ନମସ୍କାର' କହି ଗୁଳି ଚଳାଇ ହତ୍ୟା କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏଠାରେ ପ୍ରଶ୍ନ ଉଠୁଛି କୁରୁପତି ଭୂୟାଁ ଓ ଚିଣ୍ଟୁ ପ୍ରଧାନ





ଦୁହେଁ ପୀତବାସଙ୍କୁ ଗୁଳି କରି ହତ୍ୟା କରିଥିବା ନେଇ କେଉଁ ସାକ୍ଷୀ ପୁଲିସକୁ ସୂଚନା ଦେଲେ ଏବଂ ସାକ୍ଷୀଜଣଙ୍କ ହେଲମେଟ ପିନ୍ଧିଥିବା ଦୁଇ ଯୁବକଙ୍କୁ କୁରୁପତି ଓ ଚିଣ୍ଟୁ ବୋଲି ଜାଣିଲେ କିଭଳି।

ଯେଉଁ ସାକ୍ଷୀଜଣଙ୍କ ପୁଲିସକୁ କୁରୁପତି ଓ ଚିଣ୍ଟୁଙ୍କ ସମ୍ପର୍କରେ ସୂଚନା ଦେଇଛନ୍ତି, ସେ ପୂର୍ବରୁ ଉଭୟଙ୍କ ସଂସ୍ପର୍ଶରେ ଆସିଥିଲେ କି? ଯଦି ନୁହେଁ, ତେବେ ହତ୍ୟାକାରୀ ଦୁଇଜଣ କୁରୁପତି ଓ ଚିଣ୍ଟୁ ବୋଲି କେମିତି ଜାଣିଲେ? ଅନ୍ୟପକ୍ଷରେ ଅଭିଯୁକ୍ତଙ୍କୁ ଗିରଫ ପରେ ପୁଲିସ ପକ୍ଷରୁ ଜାରି ପ୍ରେସ ନୋଟ୍ ଓ ଅଭିଯୁକ୍ତଙ୍କୁ ମୁହଁଖୋଲି କୋର୍ଟଚାଲାଣ କରିବା ପ୍ରକ୍ରିୟା ଯୋଗୁ ହିଁ ସାକ୍ଷୀମାନେ କୁରୁପତି ଓ ଚିଣ୍ଟୁଙ୍କୁ ଚିହ୍ନିଥିବା ନେଇ ଆଲୋଚନା ହେଉଛି।

ହତ୍ୟାକାଣ୍ଡରେ ଗିରଫ ୧୬ ଅଭିଯୁକ୍ତଙ୍କ ମଧ୍ୟରୁ ୮ଜଣଙ୍କର ଟିଆଇ ପରେଡ୍ ହୋଇଥିଲା। ସାକ୍ଷୀମାନେ ସେଥିରେ କେବଳ କୁରୁପତି ଓ ଚିଣ୍ଟୁଙ୍କୁ ହିଁ ଚିହ୍ନଟ କରିଥିବା ସୂଚନା ରହିଛି। ଇତିମଧ୍ୟରେ ପୁଲିସ ଦୁଇ ଦୁଇଥର କୁରୁପତି ଭୂୟାଁ, ଚିଣ୍ଟୁ ପ୍ରଧାନ, ଉମା ବିଷୋୟୀ ଓ ଯୋଗୀ ରାଉତଙ୍କୁ ରିମାଣ୍ଡରେ ନେଇ ଜେରା କରିଥିଲା। ସେପଟେ ପୁଲିସ ଏହି ମାମଲାରେ ୨୫ରୁ ଉର୍ଦ୍ଧ୍ୱ ସାକ୍ଷୀଙ୍କୁ ରଖିବା ସହ ସେମାନଙ୍କ ବୟାନ ମଧ ରେକର୍ଡ କରିଛି। ବର୍ତ୍ତମାନ ମାମଲାର ତଦନ୍ତ ଜାରି ରହିଛି। ସେହିପରି ମାମଲାରେ ଗିରଫ ଆଇନଜୀବୀ ମଦନ ଦଳାଇଙ୍କ ପାଇଁ ତାଙ୍କ ଓକିଲ ଦୀପକ ପଟ୍ଟନାୟକ କରିଥିବା ଜାମିନ ଆବେଦନକୁ ଏସଡିଜେଏମ୍ ଖାରଜ କରିଛନ୍ତି। ସୋମବାର ପିଣ୍ଟୁ ଦାଶଙ୍କ ସର୍ତ୍ତମୂଳକ ଖଲାସ ନେଇ ଦାଖଲ ପିଟିସନର ରାୟ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଧାନ ସଂଗ୍ରହ କମିଟି ବୈଠକ

# ଖରିଫ୍ ଓ ରବିରେ ସଂଗ୍ରହ ହେବ ୯୩ ଲକ୍ଷ ଟନ୍ ଧାନ

ଭୁବନେଶ୍ୱର, ୨୩।୧୧ (ସମିସ): ୨୦୨୫-୨୬ ବର୍ଷ ପାଇଁ ୧୯.୬୮ ଲକ୍ଷ ଚାଷୀ ଧାନ ବିକ୍ରୟ ପାଇଁ ସେମାନଙ୍କର ନାମ ପଞ୍ଜୀକରଣ କରିଛନ୍ତି। ଗତ ବର୍ଷ ଏହି ସଂଖ୍ୟା ୧୭.୫୦ଲକ୍ଷ ଥିଲା। ଏବର୍ଷ ୯୩ ଲକ୍ଷ ମେଟ୍ରିକ୍ ଟନ ଧାନ ଉଭୟ ଖରିଫ ଓ ରବି ଋତୁ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ମୁଖ୍ୟ

**ଧାନ ସଂଗ୍ରହ କାର୍ଯ୍ୟକୁ ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ କରିବାକୁ ନିର୍ଦ୍ଦେଶ ଏବଂ ପରାମର୍ଶ**

ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଖରିଫ୍ ମାର୍କେଟିଂ ଋତୁ ୨୦୨୫-୨୬ ପାଇଁ ଧାନ ସଂଗ୍ରହ କମିଟି ବୈଠକରୁ ଉପରୋକ୍ତ ତଥ୍ୟ ସାମ୍ନାକୁ ଆସିଛି। ଧାନକ୍ରୟ ସହ ସଂପୃକ୍ତ ବିଭାଗ ଏବଂ ଜିଲ୍ଲାପାଳମାନଙ୍କ ସମନ୍ୱୟରେ ଆସନ୍ତା ଧାନ ସଂଗ୍ରହ କାର୍ଯ୍ୟକୁ ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ ଭାବେ କରାଯିବା ପାଇଁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

ନଭେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଖରିଫ୍ ଧାନ ସଂଗ୍ରହ ପାଇଁ ସମୟ ଧାର୍ଯ୍ୟ କରାଯାଇଥିବା ବେଳେ ବିଭିନ୍ନ ଜିଲ୍ଲାରେ ଧାନ ସଂଗ୍ରହ ନିର୍ଦ୍ଦିଷ୍ଟ କେଉଁ ତାରିଖରୁ ଆରମ୍ଭ ହେବ, ତାହା ଅମଳ ସ୍ଥିତିକୁ ଦେଖି ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟିରେ ନିଷ୍ପତ୍ତି ନେବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି। ଧାନ କ୍ରୟ ସଂପର୍କିତ ସୂଚନା ଓ ପ୍ରଚାର ପ୍ରସାର ସଂପର୍କରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ରାଜ୍ୟରେ ୩୧୩୪ଟି ସେବା ସମବାୟ ସମିତି ଓ ଲ୍ୟାମ୍ପସ୍ ଆଦି ଧାନ ସଂଗ୍ରହରେ ସାମିଲ ହେବେ। ୧୪୧୯ କଷ୍ଟମ ମିଲର ଧାନ ସଂଗ୍ରହ କରିବେ। ମୋଟ ୪୦୮୮ଟି ମଣ୍ଡି ଏବଂ ଏଫ୍‌ସିଆଇ ଏବଂ ଯୋଗାଣ ନିଗମର ୧୬୩ଟି ଗୋଦାମ ଘର ଥିବା ବେଳେ ସେସବୁର ନିଜସ୍ୱ ଓ ଭଡ଼ାସୂତ୍ରରେ ମିଶାଇ ମୋଟ ୬.୬୮ ଲକ୍ଷ ମେଟ୍ରିକ୍ ଟନ୍ ଭଣ୍ଡାର କ୍ଷମତା ରହିଛି। ସମସ୍ତ ଜିଲ୍ଲାରେ ଚାଷୀ ପଞ୍ଜୀକରଣ କାର୍ଯ୍ୟ ସରିଛି। ଶୀଘ୍ର ଧାନ ସଂଗ୍ରହ କରୁଥିବା ଜିଲ୍ଲାମାନଙ୍କୁ ୨୫ନଭେମ୍ବର ସୁଦ୍ଧା ଏବଂ ବିଳମ୍ବରେ ଧାନ ସଂଗ୍ରହ କରୁଥିବା ଜିଲ୍ଲାମାନଙ୍କୁ ନଭେମ୍ବର ୩୦ତାରିଖ ସୁଦ୍ଧା କୃଷକଙ୍କ ଜମି ଅନୁସାରେ ଆବଶ୍ୟକ ପ୍ରମାଣୀକୃତ ବ୍ୟବସ୍ଥା ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଚାଷୀ ପଞ୍ଜୀକରଣ, ରାଜ୍ୟରେ କେତେ ଜମିରେ ଧାନ ଚାଷ କରାଯାଇଛି, ତାହାକୁ ଡିଜିଟାଲ ସର୍ବେକ୍ଷଣ ସହିତ ସମନ୍ୱିତ କରି ଅନୁଧ୍ୟାନ କରିବାକୁ ପରାମର୍ଶ ଦେଇଛନ୍ତି। ପ୍ରକୃତ ଚାଷୀ ଯେପରି ଧାନ ବିକ୍ରୟ କରି ତାର ପ୍ରାପ୍ୟ ଠିକ୍ ସମୟରେ ପାଏ, ସେଥିପ୍ରତି ସେ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ରାଜ୍ୟ ସରକାରଙ୍କ ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ।

# ମଇଁଷି ଚରାଳିଙ୍କ ସନ୍ଦେହଜନକ ମୃତ୍ୟୁ

ଖଲ୍ଲିକୋଟ, ୨୩।୧୧(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ବାଣିଆ ଗ୍ରାମର ଜଣେ ମଇଁଷି ଚରାଳିଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ, କୈଳାଶ ଗୌଡ଼ (୪୫)। ଗତକାଲି ସେ ମଇଁଷି ଚରାଇବାକୁ ଯାଇ ନିଖୋଜ ହୋଇଯାଇଥିଲେ। ୨୪ ଘଣ୍ଟା ପରେ ପୋଖରୀରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଛି।



ସୂଚନାନୁଯାୟୀ, କୈଳାଶ ଶନିବାର ମଇଁଷିପଲ ନେଇ ବାଣିଆ ନିକଟସ୍ଥ ଖାରିଣୀପଡ଼ା ଗ୍ରାମକୁ ଯାଇଥିଲେ। ଦିନ ୧୨ଟା ପରେ ମଇଁଷିମାନେ ସେଠାରେ ଚରୁଥିବା ବେଳେ କୈଳାଶଙ୍କ ଦେଖାନଥିଲା। ପରିବାରଲୋକେ ସେଠାରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ ତାଙ୍କ ସନ୍ଧାନ ମିଳିନଥିଲା। ଖବର ପାଇ ଖଲ୍ଲିକୋଟ ଅଗ୍ନିଶମବାହିନୀ ପହଞ୍ଚି ନିକଟରେ ଥିବା ଏକ ଦଳଭର୍ତ୍ତି ପୋଖରୀରେ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜିଥିଲେ ମଧ କୌଣସି ସନ୍ଧାନ ନ ପାଇ ଫେରି ଆସିଥିଲେ। କୈଳାଶଙ୍କ ପତ୍ନୀ ବନିତା ଗୌଡ଼ ରବିବାର ଖଲ୍ଲିକୋଟ ଥାନାରେ ଏତଲା ଦେଇଥିଲେ। ରବିବାର ମଧ୍ୟାହ୍ନରେ ପୁଣି ଅଗ୍ନିଶମ ବାହିନୀ ପୋଖରୀ ଭିତରେ ଖୋଜାଖୋଜି କରିବା ପରେ କୈଳାଶଙ୍କ ମୃତଦେହ ମିଳିଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏନେଇ ଖଲ୍ଲିକୋଟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବେଆଇନ ଲଘୁ ଖଣିଜ ଚାଲାଣ; ୨୫ ଗାଡ଼ି ଜବତ

ଛତ୍ରପୁର, ୨୩।୧୧ (ସମିସ): ଗଞ୍ଜାମ ପୁଲିସ ଜିଲ୍ଲା ଅଧୀନ ଖଲ୍ଲିକୋଟ, ଛତ୍ରପୁର, ଚମାଖଣ୍ଡି, ହିଞ୍ଜିଳି, ସୋରଡ଼ା, ବଡ଼ଗଡ଼, ବେଗୁନିଆପଡା, ବେଲଗୁଣ୍ଠା ପୋଲସରା, ପୁରୁଷୋତ୍ତମପୁର ଓ କବିସୂର୍ଯ୍ୟନଗର ଥାନାରେ ଅଞ୍ଚଳରେ ବାଲି, ମୋରମ ଆଦି ଲଘୁ ଖଣିଜ ପଦାର୍ଥଗୁଡ଼ିକ ଚୋରାଚାଲାଣ ବେଳେ ଚଢ଼ଉ କରାଯାଇଛି। ଏନେଇ ଗୋଟିଏ ଦିନରେ ୨୫ଟି ଗାଡ଼ିକୁ ଧରିଛି ପୁଲିସ। ଯାଞ୍ଚ ବେଳେ ଗାଡି ଚାଳକ ଯେଉଁ ଫର୍ମ ଦେଖାଇଥିଲେ ତାହା ଇନ୍‌ଭାଲିଡ୍ ରହିଥିବା ସୂଚନା ମିଳିଛି। ଏନେଇ ଏକ୍ସ ଯୋଗେ ସୂଚନା ଦିଆଯାଇଛି।

# ସ୍ୱର୍ଗଦ୍ୱାରରୁ ଫେରିଲା ଶବ

ପୁରୀ, ୨୩।୧୧(ସମିସ): ସ୍ୱର୍ଗଦ୍ୱାରରେ ଭିନ୍ନ ଏକ ଦୃଶ୍ୟ ଦେଖିବାକୁ ମିଳିଛି। ସ୍ୱର୍ଗଦ୍ୱାରକୁ ଦାହ ପାଇଁ ଆସିଥିବା ବ୍ୟକ୍ତି ଜୀବିତ ଥିବା ଆଶଙ୍କା କରିଥିଲେ ପରିଜନ। ତାଙ୍କୁ ସ୍ୱର୍ଗଦ୍ୱାରରୁ ମେଡିକାଲକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ପୁଣି ସ୍ୱର୍ଗଦ୍ୱାରକୁ ଫେରିଥିଲା ମୃତଦେହ। ଶନିବାର ଏମିତି ଏକ ଘଟଣା ଘଟିଛି। ମୃତକ ହେଲେ, ପୁରୀର ମକୁନ୍ଦ ପ୍ରଧାନ। ଶନିବାର ବୃଦ୍ଧ ମକୁନ୍ଦଙ୍କୁ ଅସୁସ୍ଥ ଲାଗିବାରୁ ପରିବାରଲୋକେ ତାଙ୍କୁ ପୁରୀ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ତାଙ୍କର ଜଣେ ସମ୍ପର୍କୀୟ କହିଛନ୍ତି। ତେଣୁ ପରିବାର ଲୋକେ ତାଙ୍କର ଅନ୍ତିମ ସଂସ୍କାର ପାଇଁ ସ୍ୱର୍ଗଦ୍ୱାରକୁ ନେଇଥିଲେ। ସେଠାରେ ଦାହ ଲାଗି ପ୍ରକ୍ରିୟା ଚାଲିଥିବା ବେଳେ ତାଙ୍କ ପାଟିରୁ ଫେଣ ବାହାରୁଥିବା ପରିବାରଲୋକେ ଦେଖିବାକୁ ପାଇଥିଲେ। ତେଣୁ ସେ ଜୀବିତ ଥିବା ଆଶଙ୍କା କରି ପରିବାରଲୋକେ ତାଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ପୁନର୍ବାର ମୃତ ଘୋଷଣା କରିଥିଲେ। ଫଳରେ ପୁନଶ୍ଚ ପରିବାରଲୋକେ ଶେଷକୃତ୍ୟ ପାଇଁ ତାଙ୍କୁ ସ୍ୱର୍ଗଦ୍ୱାର ନେଇଥିଲେ।

# ରାଜ୍ୟର ଏକମାତ୍ର କତାଶିଳ୍ପ ତାଲିମ କେନ୍ଦ୍ର ବନ୍ଦ

ପିପିଲି, ୨୩।୧୧(ସମିସ): ରାଜ୍ୟର ଏକମାତ୍ର କତା ଶିଳ୍ପ ତାଲିମ ଓ ରୂପାୟନ କେନ୍ଦ୍ର ଗତ ୪ବର୍ଷ ହେଲା ବନ୍ଦ ହୋଇ ପଡ଼ିଛି। ପୁରୀ ଜିଲ୍ଲା ତେଇଶିପୁରଠାରେ ୧୯୭୫ ମସିହାରେ ତତ୍‌କାଳୀନ ରାଜ୍ୟ ସରକାର ଏହି ଶିଳ୍ପ ତାଲିମ କେନ୍ଦ୍ରଟି ପ୍ରତିଷ୍ଠା କରିଥିଲେ। ଏହି ତାଲିମ କେନ୍ଦ୍ରରେ ବିଭିନ୍ନ ପଦବୀ ଖାଲି ପଡ଼ିଥିବାରୁ ଏହା ଆଉ ଚାଲିପାରୁନାହିଁ। ତାଲିମ କେନ୍ଦ୍ରରେ ୯ଜଣ ବୈଷୟିକ କର୍ମଚାରୀଙ୍କ ସମେତ ୧୨ଜଣ କର୍ମଚାରୀ ନିଯୁକ୍ତିର ବ୍ୟବସ୍ଥା ଅଛି। ପ୍ରତିବର୍ଷ ୩୦ଜଣ ବେକାର ଯୁବକ ଯୁବତୀ ଏଠାରେ ପ୍ରଶିକ୍ଷଣ ନେଇ ରୋଜଗାର କରି ସ୍ୱାବଲମ୍ବୀ ହୋଇପାରୁଥିଲେ। ୨୦୨୩ ମସିହା ସୁଦ୍ଧା ଏଠାରୁ ୫୦୦ରୁ ଊର୍ଦ୍ଧ୍ୱ ଯୁବକ ଯୁବତୀ ତାଲିମ ପାଇ ରୋଜଗାରକ୍ଷମ ହୋଇପାରିଛନ୍ତି। ରାଜ୍ୟର ୧୨ଟି ଜିଲ୍ଲାରେ ୧୫ ହଜାରରୁ ଅଧିକ ଲୋକଙ୍କୁ ଏହି କତା ଶିଳ୍ପ ତାଲିମ କେନ୍ଦ୍ର କର୍ମ ସଂସ୍ଥାନ ଯୋଗାଇଛି। ସେହି ୧୨ଟି ଜିଲ୍ଲାର କତା ଶିଳ୍ପ କେନ୍ଦ୍ରରେ ୨୫ଟି ବୈଷୟିକ ପଦ



ପୂରଣ ନ ହେବାରୁ ବାଲେଶ୍ୱର ଭୋଗରାଇ, ଜଗତସିଂହପୁରର ବାଲିକୁଦା ଓ ଗଞ୍ଜାମର ଗୋଳାବନ୍ଧଠାରେ ଥିବା ଜିଲ୍ଲାସ୍ତରୀୟ କତା ଶିଳ୍ପ ତାଲିମ କେନ୍ଦ୍ରଗୁଡ଼ିକ ମଧ ବନ୍ଦ ହୋଇଯାଇଛି। ଏପରିକି, ତାଲିମ କେନ୍ଦ୍ରରେ ଅବ୍ୟବହୃତ ହୋଇ ପଡ଼ିଥବା ମେସିନ ଓ ଛୋଟ ବଡ଼ ଯନ୍ତ୍ରପାତିରେ କଳଙ୍କି ଲାଗିଗଲାଣି।

ସୂଚନାନୁସାରେ, ଜିଲ୍ଲା ଶିଳ୍ପ କେନ୍ଦ୍ର ତତ୍ତ୍ୱାବଧାନରେ କତା କ୍ଲଷ୍ଟର ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ଏସ୍ଏଚ୍‌ଜି ମହିଳାମାନଙ୍କୁ ତାଲିମ ଦିଆଯାଉଥିଲା। ଏହି ମହିଳାମାନେ କତା ରଶି, ପାପୋଛ, କତାରେ ନିର୍ମିତ ବିଭିନ୍ନ ଘରକରଣା ସାମଗ୍ରୀ ଆଦି ତିଆରି କରି ଜୀବିକା ନିର୍ବାହ କରୁଥିଲେ। ଓଡ଼ିଶା ସମବାୟ କତା ନିଗମ ଲିମିଟେଡ୍‌କୁ କତା ରଶି ବିକ୍ରୟ କରୁଥିଲେ। ସେହି କତା ରଶିରୁ କତା ନିଗମ ମହାପ୍ରଭୁ ଜଗନ୍ନାଥଙ୍କ ରଥ ଦଉଡ଼ି ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ହେଉଥିବା ରଥଯାତ୍ରାକୁ ଦଉଡ଼ି ଯୋଗାଉଥିଲା। ତେବେ ଗତ ୪ବର୍ଷ ହବ ଏହି କତା ଶିଳ୍ପ ତାଲିମ କେନ୍ଦ୍ରଟି ବନ୍ଦ ହେବା ଫଳରେ ଓଡ଼ିଶାର

**ଖତ ଖାଉଛି ମେସିନ୍**

ଶହଶହ ବେକାର ଯୁବକ ଯୁବତୀ ନିଜର ରୋଜଗାର ହରାଇବାକୁ ବସିଛନ୍ତି। କତା ଶିଳ୍ପ ତାଲିମ କେନ୍ଦ୍ରଗୁଡ଼ିକରେ ବିଭିନ୍ନ ପଦ ପୂରଣ ରିବା ପାଇଁ ସରକାର ଖୁବ୍‌ଶୀଘ୍ର ପଦେକ୍ଷପ ନେଲେ ରାଜ୍ୟର ହଜାରହଜାର ବେକାର ଯୁବକ ଯୁବତୀ ଉପକୃତ ହୋଇପାରନ୍ତେ ବୋଲି ମତପ୍ରକାଶ ପାଇଛି।

# ସିଜେଆଇ କେନ୍ଦ୍ର କୋର୍ଟକୁ ପଠାଇଲେ ସଂରକ୍ଷଣର ସ୍ୱଚ୍ଛଳ ବର୍ଗ ଗୋଟି

ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି): ଜାତି ଆଧାରିତ ସଂରକ୍ଷଣର ଥିବା କ୍ରିମିଲେୟର (ସ୍ୱଚ୍ଛଳ) ବର୍ଗ ସମସ୍ୟାକୁ ନେଇ ସୁପ୍ରିମକୋର୍ଟ ନିଜ କାମ କରିସାରିଛନ୍ତି। ଏବେ କେନ୍ଦ୍ର ଏବଂ ସଂସଦ ଏହା ଉପରେ ପରବର୍ତ୍ତୀ ପଦକ୍ଷେପ ନେବ ବୋଲି ଭାରତର ପ୍ରଧାନ ବିଚାରପତି ବିଆର ଗଭାଇ କହିଛନ୍ତି। ସେ ଏପରି କହି ସଂରକ୍ଷଣର ସ୍ୱଚ୍ଛଳ ବର୍ଗ ଗୋଟିକୁ କେନ୍ଦ୍ର ଉପରେ ଛାଡ଼ି ଦେଇଛନ୍ତି। ସୋମବାର ଅବସର ଗ୍ରହଣ କରିବାକୁ ଯାଉଥିବା ସିଜେଆଇ ଗଭାଇ ଏକ ସାକ୍ଷାତକାରରେ ଏହି ଟିପ୍ପଣୀ ଦେଇଛନ୍ତି। ଗତ ବର୍ଷ ସଂରକ୍ଷଣକୁ ନେଇ ସୁପ୍ରିମକୋର୍ଟ ଐତିହାସିକ ରାୟ ଦେଇଥିଲେ। ଏସ୍‌ସି ଏବଂ ଏସ୍‌ଟି ବର୍ଗର ଗରିବ ଲୋକଙ୍କୁ ସଂରକ୍ଷଣର ଲାଭ ଦେବା ପାଇଁ ଉପ-ବର୍ଗୀକରଣର ରାସ୍ତାକୁ ପ୍ରଶସ୍ତ କରିଦେଇଥିଲେ। ଏହି ରାୟ ଦେଇଥିବା ଖଣ୍ଡପୀଠରେ ସିଜେଆଇ ଗଭାଇ ସାମିଲ ଥିଲେ। ସେ ପୁଣିଥରେ କଲେଜିୟମ ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି। ଏହା ଜାରି ରହିବା ଉଚିତ ବୋଲି କହିଛନ୍ତି। କାରଣ ଏହା ନ୍ୟାୟପାଳିକା ଉପରେ ଜନସାଧାରଣଙ୍କ ବିଶ୍ୱାସକୁ ସୁଦୃଢ଼ କରୁଛି।

# 'ଇଣ୍ଡିଆ ଗେଟ୍'ରେ ପ୍ରଦୂଷଣ ବିରୋଧୀ ବିକ୍ଷୋଭ

ନୂଆଦିଲ୍ଲୀ, ୨୩।୧୧ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରେ ପ୍ରଦୂଷଣ ବୃଦ୍ଧିକୁ ନେଇ ରବିବାର ଇଣ୍ଡିଆ ଗେଟ୍ ସାମ୍‌ନାରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ସମୟରେ ସ୍ଥିତି ଅଚାନକ ବିଗିଡ଼ା ଯାଇଥିଲା। ବିକ୍ଷୋଭକାରୀଙ୍କୁ ହଟାଇବା ସମୟରେ କିଛି ଜଣ ପୁଲିସ ଉପରେ ପେପର ସ୍ପ୍ରେ ମାଡ଼ କରିଥିଲେ। ଏଥିରେ ୪ ଜଣ ପୁଲିସ କର୍ମଚାରୀ ଆହତ ହୋଇଥିଲେ। ଆରଏମଏଲ ହସ୍ପିଟାଲରେ ସେମାନଙ୍କର ଚିକିତ୍ସା ଚାଲିଛି। ପୁଲିସ ସୂଚନା ଅନୁଯାୟୀ, ଖରାପ ବାୟୁ ଗୁଣବତ୍ତା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଇଣ୍ଡିଆ ଗେଟ୍ ନିକଟରେ ବିକ୍ଷୋଭକାରୀମାନେ ଏକାଠି ହୋଇଥିଲେ। ଏହି ସମୟରେ, କିଛି ଲୋକ ସି-ହେକ୍ସାଗନ୍ ପହଞ୍ଚି ବ୍ୟାରିକେଡ୍ ଭାଙ୍ଗି ରାସ୍ତାରେ ବସିପଡ଼ିଥିଲେ। ଆମ୍ବୁଲାନ୍ସ ଏବଂ ଜରୁରୀ ଗାଡ଼ିକୁ ଯିବାକୁ ଦେଇ ନ ଥିଲେ। ସେମାନଙ୍କୁ ଶାନ୍ତ କରିବାକୁ ପ୍ରୟାସ କରାଯାଇଥିଲା। କିନ୍ତୁ ଭିଡ଼ ଆକ୍ରମଣାତ୍ମକ ହୋଇ ଯାଇଥିଲା।


**AFFIDAVIT**

By virtue of an affidavit sworn before EXECUTIVE MAGISTRATE, cuttack Sadar on Dated 11/11/2025, I, Reshma Bibi W/O Abdul Wazid, Resident of Village: MUGABHANGA, PO-PHUL AKHARA, PS-CUTTACK SADAR, DIST CUTTACK, ODISHA, 754001, I have changed my name from "RUKHASHANA PRAVIN" to "RESHAMA BIBI". Henceforth, I shall be known as "RESHAMA BIBI" for all purposes.

ADMISSION NOTICE-2025-26

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

Campus:
262, Puranpadhan, Balakati, Bhubaneswar

Mob. 7019799641, 7978608747
9853801459
Email: mdscnbbsr@gmail.com

• **B. Pharm**
Rs. 58,000/- P.A.
Eligibility: +2 Sc. (PCB/M & OJEE Appeared)

• **D. Pharm**
Rs. 48,000/- P.A.
Eligibility: +2 Sc. (PCB/M)

• **B.M.L.T.**
Rs. 58,000/- P.A.
Eligibility: +2 Sc. (PCB/M with 50 % Mark)

• **D.M.L.T.**
Rs. 48,000/- P.A.
Eligibility: +2 Sc. Pass (PCB/M)

• **M.P.H.**
Rs. 42,000/- P.A.
Eligibility: Any Graguate

ALL COURSE FEES ARE EXCLUDING HOSTEL

'ସକାଳ'ର ୫ମ ସ୍ୱନକ୍ଷତ୍ର ଅବସରରେ ବିତର୍କ

# ବରିଷ୍ଠରେ ସାଗର, କନିଷ୍ଠରେ ପ୍ରୀତିମୟୀ ପ୍ରଥମ





**ନୟାଗଡ଼,୨୩।୧୧(ସମିସ)**

ଦୈନିକ ଖବରକାଗଜ 'ସକାଳ' ୫ମ ସ୍ୱନକ୍ଷତ୍ର ଦିବସ ଅବସରରେ ଜିଲ୍ଲା ସ୍ତରୀୟ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ସାମ୍ବିଦିକ ଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ଯୋଗ ଦେଇ ବିତର୍କରେ ଅଂଶ ଗ୍ରହଣ କରିଥିଲେ। ନୟାଗଡ଼ ଜିଲ୍ଲା ପ୍ରତିନିଧି ଅନିଲ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ତତ୍ତ୍ୱିକ ଓ ମାର୍ମିକ ଆଲୋଚନା ରଖିଥିବା ବେଳେ ବରିଷ୍ଠ ବର୍ଗରେ ସାଗର ବେହେରା ଓ କନିଷ୍ଠ ବର୍ଗରେ ପ୍ରୀତିମୟୀ ସାହୁ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ ହୋଇଛନ୍ତି। ବରିଷ୍ଠ ବର୍ଗରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିବା ବେଳେ ରାଜସୁନାଖଳା ଡିଆଇଇଟି ଛାତ୍ର ସାଗର ବେହେରା ପ୍ରଥମ,





ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଛାତ୍ର ଶୁଭାଶିଷ ଦାଶ ଦ୍ୱିତୀୟ, ୟୁନିଟେକ୍ ମହାବିଦ୍ୟାଳୟ ଛାତ୍ର ବିଶ୍ୱକଲ୍ୟାଣ ତ୍ରିପାଠୀ ତୃତୀୟ ସ୍ଥାନ ପାଇଛନ୍ତି। ସେହିଭଳି ଭାବେ କନିଷ୍ଠ ବର୍ଗରେ ଖଳିସାହି ଏସ୍‌ଏଲଡି ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ପ୍ରୀତିମୟୀ ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ପଲ୍ଲବୀ ପ୍ରିୟଦର୍ଶିନୀ ଦ୍ୱିତୀୟ ସ୍ଥାନ ଏବଂ ଉକ୍ତ ବିଦ୍ୟାଳୟ ଛାତ୍ର ଜ୍ଞାନରଞ୍ଜନ ଦାଶ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଆୟୋଜିତ ବିତର୍କ ପ୍ରତିଯୋଗିତାରେ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ, ଯୁବ ସାମ୍ବାଦିକ ଜଗନ୍ନାଥ ବେହେରା, ବୋଲଗଡ଼ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ତଥା କବି ଶୁଭ୍ରାଂଶୁ ବିଶ୍ୱାଳ, କବି ଗୋପୀନାଥ ସେଠୀ, କବି ତଥା ଶିକ୍ଷୟିତ୍ରୀ ଶ୍ରାବଣୀ ନାଥ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ମୂଲ୍ୟାୟନ କରିଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଅତିଥି ଭାବେ ସାମ୍ବିଦିକ ଭବନ ସଭାପତି ବୈଦ୍ୟଭୂଷଣ ମହାପାତ୍ର ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ନନ୍ଦିଘୋଷ ଟିଭି ସାମ୍ବାଦିକ ଚିତ୍ତରଞ୍ଜନ ପାଣ୍ଡା, ସକାଳ ଖଣ୍ଡପଡ଼ା ବ୍ଲକ ପ୍ରତିନିଧି ଜନ୍ମେଜୟ ଦଳେଇ, ସାମ୍ବାଦିକ ନିହାର ପଟ୍ଟନାୟକ, ବିଶ୍ୱଜିତ ନାୟକ, ବିଭୂତି ଭୂଷଣ ସ୍ୱାଇଁ ସହଯୋଗ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ।

## ମିଜୋରାମରେ ସଡ଼କ ଦୁର୍ଘଟଣା; ଯୁବକ ମୃତ

**ଓଡ଼ଗାଁ,୨୩।୧୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କୁରାଳ ଗାଁ ପାଇକରାୟ ସାହିର ବିଷ୍ଣୁପ୍ରସାଦ ତ୍ରିପାଠୀଙ୍କ ସାନପୁଅ ଅବିନାଶ ତ୍ରିପାଠୀଙ୍କ ମିଜୋରାମରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟଣା ଜଣାପଡ଼ିବା ପରେ ଜନ୍ମ ମାଟି କୁରାଳ ଗାଁରେ ଶୋକର ଛାୟା ଖେଳିଯାଇଛି। ଅବିନାଶ କୋଲକାତାରେ ଇଣ୍ଡିଗୋ ଏୟାର ଲାଇନସରେ କାମ କରୁଥିବା ବେଳେ ମିଜୋରାମ ବୁଲିବାକୁ ଯାଇଥିଲେ। ସେଠାରୁ ଏକ ବାଇକ୍ ଭଡ଼ାରେ ନେଇ ବୁଲାବୁଲି କରୁଥିବା ବେଳେ ଶନିବାର ରାତି ୯ଟା ବେଳେ ଦୁର୍ଘଟଣା ଘଟିଥିଲା। ସାଙ୍ଗରେ ଯାଇଥିବା ସହକର୍ମୀ ତାଙ୍କୁ ଡାକ୍ତରଖାନା ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁଃଖଦ ସମୟରେ ଅବିନାଶଙ୍କ ବାପା ବିଷ୍ଣୁ ପ୍ରସାଦ ଓ ମା ଏବଂ ପରିବାର ଭାଙ୍ଗି ପଡିଥିବା ବେଳେ ଗ୍ରାମବାସୀ ଓ ବନ୍ଧୁ ବର୍ଗ ପାଖରେ ପହଞ୍ଚି ଧୈର୍ଯ୍ୟ ପ୍ରଦାନ କରୁଛନ୍ତି ସୂଚନା ଅନୁସାରେ ପୁରୀ ସ୍ୱର୍ଗ ଦ୍ୱାରରେ ଅବିନାଶଙ୍କ ଶବ ସତ୍କାର କରାଯିବ।

## ପୂର୍ବଶତ୍ରୁତାରୁ ଫୁଟିଲା ବୋମା; ପୁଲିସର ଛାନ୍‌ଭିନ୍

**ଓଡ଼ଗାଁ,୨୩।୧୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ପାଣ୍ଡେରିପଡ଼ା ପଞ୍ଚାୟତ ମଦନପୁର ଗାଁମରେ ଶନିବାର ରାତିର ବୋମାମାଡ଼ ହୋଇଛି। ଏ ନେଇ ଓଡ଼ଗାଁ ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଅପରାଧୀକୁ ଧରିବା ପାଇଁ ସାଇଣ୍ଟିଫିକ୍ ଟିମର ସହାୟତାରେ ଏହାକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ଘଟଣାରେ ସମ୍ପୃକ୍ତ ପ୍ରକୃତ ଅଭିଯୁକ୍ତର ପରିଚୟ ମିଳିବାପରେ ତଦନୁଯାୟୀ ଓଡ଼ଗାଁ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଛି। ଅଭିଯୋଗ ଅନୁସାରେ ଶନିବାର ରାତି ୯ ସମୟରେ ମଦନପୁର ଗାଁର ସୁଧାଂଶୁ ବେହେରା ତାଙ୍କ ପରିବାର ସହିତ ଏକାଠି ବସି ରାତି ଭୋଜନ କରୁଥିବା ସମୟରେ ଦାଣ୍ଡଘରେ ଏକ ବୋମା ଫୁଟିଥିଲା। ଶବ୍ଦଶୁଣି ପରିବାର ଲୋକେ ଭୟଭୀତ ହୋଇପଡ଼ିଥିଲେ। ସୁଧାଂଶୁ ସତର୍କତାର ସହିତ ଯାଇ ଦେଖିଲା ବେଳକୁ ଝରକାର କାଚ ଓ ବୋମାର କିଛି ଅଂଶ ଭାଙ୍ଗି ତଳେ ପଡ଼ିଥିଲା। ଦାଣ୍ଡକୁ ଆସି ଦେଖିଲା ବେଳକୁ ୩ ଜଣ ଦୁର୍ବୃତ୍ତ ଗୋଟିଏ ବାଇକ୍‌ରେ ଘଟଣାସ୍ଥଳରୁ ଚାଲିଯାଇଥିଲେ। ଏ ନେଇ ପୂର୍ବ ଶତ୍ରୁତା ରଖି ଆସିଥିବା ସେହି ଗାଁର ୨ ଜଣଙ୍କ ନାମରେ ଓଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ। ଓଡ଼ଗାଁ ପୁଲିସ ୩୫୧/୨୫ ରେ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ସେହି ରାତିରେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଘଟଣାସ୍ଥଳରେ ଜଗି ରହିଥିଲେ। ରବିବାର ସାଇଣ୍ଟିଫିକ୍ ଦଳ ଆସି ସିସିଟିଭି ଫୁଟେଜ୍ ଏବଂ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ ତଦନ୍ତ କରିଥିଲେ।

## ଜିଲ୍ଲା ସ୍ତରୀୟ ଯୁବ ରେଡକ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର




**ଓଡ଼ଗାଁ,୨୩।୧୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟ ପରିସରରେ ୟୁଥ୍ ରେଡକ୍ରସ ୟୁନିଟ୍ ଦ୍ୱାରା ଆୟୋଜିତ ଇଣ୍ଡିଆନ୍ ରେଡକ୍ରସ୍ ସୋସାଇଟି ଜିଲ୍ଲା ସ୍ତରୀୟ ଯୁବ ରେଡକ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ୨୦୨୫ ଶୁକ୍ରବାର ଉଦ୍‌ଘାଟନ ହୋଇଥିଲା। ରଘୁନାଥ ସମବାୟ ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ରୁପେ ରମେଶ ଚନ୍ଦ୍ର ବେହେରା, ୟୋଥ୍ ରେଡକ୍ରସ ହାୟର ଏଜୁକେଶନ ଡେପୁଟି ସେକ୍ରେଟାରୀ, ସମ୍ମାନିତ ଅତିଥି ଗୋପାଳ ମିଶ୍ର, ୱାଇଆରସି ଷ୍ଟେଟ କୋର୍ଡିନେଟର, ବିପିନ କୁମାର ପଟ୍ଟନାୟକ, ୱାଇଆରସି ଚେୟାରମ୍ୟାନ ନୟାଗଡ଼, ନୟାଗଡ଼ ଜିଲ୍ଲା କୋଡିନେଟର ନିରଜ ପ୍ରଧାନ, କନଭେନର ସେକ୍ରେଟାରୀ ନାରାୟଣ ହୋତା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ୨ୟ ଦିବସରେ ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ ରାଜ କିଶୋର ସାହୁଙ୍କ ସଭାପତିତ୍ୱରେ ପରିଚିତ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ରେଡକ୍ରସ ଉପସଭାପତି ପଦ୍ମଶ୍ରୀ ସାବରମତୀ ଯୋଗଦେଇ ନାରୀ ସଶକ୍ତୀକରଣ ସମ୍ପର୍କିତ ଆଲୋଚନା କରିଥିଲେ। ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ଅଧ୍ୟାପକ ଡ. ଦିଲ୍ଲୀପ କୁମାର ମିଶ୍ର ଯୋଗ ଦେଇ ଯୁବ ଶକ୍ତିର ପ୍ରଶଂସା କରିଥିଲେ। ତୃତୀୟ ଦିବସ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଏକ ସଚେତନତା ରାଲି ଓଡ଼ଗାଁ ରଘୁନାଥଙ୍କ ମନ୍ଦିର ପର୍ଯ୍ୟନ୍ତ ଯାଇ ସେଠାରୁ ଫେରିଥିଲା। ପଦଯାତ୍ରା ସମୟରେ ସଡ଼କ ସୁରକ୍ଷା, ନାରୀ ସଚେତନ, ରକ୍ତଦାନ ପରି ଅନେକ ସଚେତନତା ସ୍ଲୋଗାନ ଦିଆଯାଇଥିଲା। କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ଶିବିରାର୍ଥୀମାନଙ୍କ ଉପସ୍ଥିତିରେ ଧ୍ୱଜା ଅବତରଣ କରାଯାଇଥିଲା।

## ୭୮ ତମ ଏନ୍‌ସିସି ଦିବସ ପାଳିତ

**ଓଡଗାଁ,୨୩।୧୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ରଘୁନାଥ ବିଦ୍ୟାପୀଠ ଠାରେ ରବିବାର ୭୮ ତମ ଏନସିସି ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ନାୟକ ସକାଳେ ଏନସିସି ପତାକା ଉତ୍ତୋଳନ କରିବା ସହ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଆଜିର ଜଟିଳ ସମୟରେ କ୍ୟାଡେଟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସୂଚାଇଥିଲେ। ଶପଥ ପାଠପରେ ପୂର୍ବରୁ କ୍ୟାଡେଟଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜଳପାନ ବିରତି ପରେ ୫୦ ଜଣ କ୍ୟାଡେଟଙ୍କ ସହ ପଥ ପ୍ରଦର୍ଶକ ଏନସିସି ଅଧିକାରୀ ଶିକ୍ଷକ ପ୍ରସନ୍ନ କୁମାର ପାଣିଗ୍ରାହୀ ସାଇକେଲରେ ୮ କିମି ଦୂର ଯାଇ କୁରାଳ ପଞ୍ଚୁ ତୁଳସୀ ସଂଗ୍ରହାଳୟ ବୁଲି ଦେଖିବା ସହିତ କୁରାଳ ସରକାରୀ ଡାକ୍ତରଖାନା ପରିସର ସଫେଇ କରିଥିଲେ। ଡାକ୍ତରଖାନାର କର୍ମଚାରୀ ଏବଂ ସଂଗ୍ରହାଳୟର ତତ୍ତ୍ୱବଧାରକ ଶିବ ପ୍ରସାଦ ଖଟେଇଙ୍କ ଆତିଥ୍ୟତା ଗ୍ରହଣ ପରେ ସମସ୍ତେ ପୁଣି ସାଇକେଲରେ ଫେରିଥିଲେ। ଏହା ଏକ ଆନନ୍ଦଦାୟକ ଅନୁଭୂତି ଥିଲା ବୋଲି କ୍ୟାଡେଟ ମାନେ ମତ ବ୍ୟକ୍ତ କରିଥିଲେ।

## ପାରିବାରିକ ବିବାଦ: ଯୁବକଙ୍କୁ ପିଟିପିଟି ହତ୍ୟା; ୧ ଗିରଫ



**ନୟାଗଡ଼,୨୩।୧୧(ସମିସ):** ନୟାଗଡ଼ ଟାଉନଥାନ ଅନ୍ତର୍ଗତ ଘଡୁଆଳ ପଞ୍ଚାୟତ ବୃନ୍ଦାବନପୁର ଗାଁରେ ଜଣେ ଯୁବକଙ୍କୁ ପିଟିପିଟି ହତ୍ୟା କରାଯାଇଛି। ପାରିବାରିକ ବିବାଦରୁ ଏହି ହତ୍ୟାକାଣ୍ଡ ଘଟିଥିବା ସୂଚନା ମିଳିଛି। ମୃତକ ହେଲେ ପିଣ୍ଟୁ ମାଝୀ। ସୂଚନାନୁସାରେ, ଉକ୍ତ ଗ୍ରାମର ଯୁଗଳ ପରିଡ଼ା ଏବଂ କୈଳାଶ ମାଝୀଙ୍କ ପରିବାର ସମ୍ପର୍କୀୟ। ଯୁଗଳ ପରିଡ଼ା ସ୍ତ୍ରୀ ସଞ୍ଜୁ ପରିଡ଼ା କୈଳାଶଙ୍କ ଭଉଣୀ। ଯୁଗଳଙ୍କ ପରିବାର ଓ କୈଳାଶଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ହେବ ବାଦ ବିବାଦ ଓ ଗଣ୍ଡଗୋଳ ପରିସ୍ଥିତି ଲାଗି ରହିଥିଲା। ଏହା ପଛରେ ଅନେକ କାରଣ ରହିଥିବା ବେଳେ ମୁଖ୍ୟ କାରଣ ପିଣ୍ଟୁଙ୍କ ବିବାହ ରହିଥିଲା। କୈଳାଶଙ୍କ ଭଣଜା ତଥା ଯୁଗଳଙ୍କ ପୁଅ ଜାଗୁଲି ଯେଉଁ ଝିଅକୁ ଦ୍ୱିତୀୟ ବିବାହ କରିବା ପାଇଁ ପ୍ରସ୍ତାବ ପଡ଼ିଥିଲା, ସେହି ଝିଅକୁ ପିଣ୍ଟୁ ବିବାହ କରିଥିଲେ। ଜାଗୁଲି ପ୍ରଥମ ପତ୍ନୀ ପୋଡ଼ି ହୋଇ ମୃତ୍ୟୁ ବରଣ କରିଥିଲେ। ଯେଉଁ କାରଣରୁ ଝିଅ ଘର ପରିବାର ବିବାହ ପାଇଁ ରାଜି ନହୋଇ ପିଣ୍ଟୁଙ୍କ ସହ ବିବାହ କରିଥିଲେ। ଏହି ରାଗରେ ବାରମ୍ବାର ଦୁଇ ପରିବାର ମଧ୍ୟରେ ଝଗଡ଼ା ଲାଗି ରହିଥିଲା। ଯାହାକୁ ନେଇ ପିଣ୍ଟୁ ପ୍ରଥମେ ଜାଗୁଲିଙ୍କ ଘର ସାମ୍ନାରେ ପାଟିତୁଣ୍ଡ କରି ଗାଳି ଗୁଲଜ କରିଥିଲେ। ଏହାକୁ ନେଇ ଗତକାଲି ରାତିରେ ଜାଗୁଲି, ତାଙ୍କ ବାପା ଯୁଗଳ ଓ ମାଆ ସଞ୍ଜୁ କୈଳାସଙ୍କ ଘର ସାମ୍ନା ମାରଣାସ୍ତ୍ର ଧରି ଆସି ଗାଳି ଗୁଲଜ କରିଥିଲେ। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ବଚସା ଚାଲିଥିବା ବେଳେ ଜାଗୁଲି ପ୍ରଥମେ ଆକ୍ରମଣ କରିଥିଲେ। ଲୁହା ରଡ଼, ଠେଙ୍ଗା ସାହାର୍ଯ୍ୟରେ ହୋଇଥିବା ଆକ୍ରମଣରେ ପିଣ୍ଟୁଙ୍କ ମୃତ୍ୟୁ ଘଟିଛି। କୈଳାଶ ଏବଂ ତାଙ୍କ ପତ୍ନୀ ମାଳତୀ ମାଝୀ ଗୁରୁତର ଆହାତ ହୋଇଛନ୍ତି। ପିଣ୍ଟୁଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଏହାକୁ ନେଇ ମାଳତୀ ନୟାଗଡ଼ ଟାଉନଥାନାରେ ଅଭିଯୋଗ କରିବା ପରେ ପୁଲିସ ହତ୍ୟା ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ପିଣ୍ଟୁଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ହସ୍ତାନ୍ତର କରାଯାଇଛି। ହତ୍ୟାକାଣ୍ଡ ସ୍ଥଳକୁ ସାଇଣ୍ଟିଫିକ୍ ଟିମ୍ ନେଇ ନୟାଗଡ଼ ଟାଉନଥାନା ଅଧିକାରୀ ରଶ୍ମୀରଞ୍ଜନ ପ୍ରଧାନ ତଦନ୍ତ କରିଥିବା ସୂଚନା ମିଳିଛି। ଏହି ହତ୍ୟାକାଣ୍ଡର ଅଭିଯୁକ୍ତ ସଞ୍ଜୁ ପରିଡ଼ାଙ୍କୁ ପୁଲିସ ଗିରଫ କରିଥିବା ବେଳେ ଯୁଗଳ ପରିଡ଼ା ଏବଂ ତାଙ୍କ ଜାଗୁଲି ନିଖୋଜ ଥିବା ଏସ୍ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ ସୂଚନା ଦେଇଛନ୍ତି।

## ଜଙ୍ଗଲ ପାଲଟିଛି ଭରତସାନ୍ତରା ପୋଖରୀ



**କଣ୍ଟିଲୋ,୨୩।୧୧(ସମିସ):** କଣ୍ଟିଲୋ ଗ୍ରାମ ପଞ୍ଚାୟତ ସନ୍ନିକଟ ଭରତ ସାନ୍ତରା ପୋଖରୀ ପରିତ୍ୟକ୍ତ ପାଲଟିବା ସହିତ ଚତୁଃପାଶ୍ୱର୍ ହୁଡା ଏବେ ଜଙ୍ଗଲରେ ପରିଣତ ହୋଇଛି। ଏକ ସମୟରେ ଅତ୍ୟନ୍ତ ସ୍ୱଚ୍ଛ ପାଣି ସଂରକ୍ଷଣ ହୋଇ ରହୁଥିବା ଏହି ପୁରାତନ ପୁଷ୍କରିଣୀ ଦେବୋତ୍ତର ପରିଚାଳନାଧୀନ ଥିବାବେଳେ ବର୍ଷ ବର୍ଷ ଧରି ଏହାର ରକ୍ଷଣାବେକ୍ଷଣ ଦିଗରେ ପଦକ୍ଷେପ ନିଆଯାଇନାହିଁ। ଫଳରେ ଏହାର ଜଳ ପ୍ରଦୂଷିତ ହୋଇପଡିଛି। ଯେତେବେଳେ ମହାନଦୀ ରେ ବଢ଼ି ଆସିଥାଏ ଏବଂ ପାଣି ଗୋଳିଆ ଥାଏ ସେତେବେଳେ ଏହି ପୋଖରୀ ରେ କାଚ କେନ୍ଦୁ ଭଳି ସ୍ୱଚ୍ଛ ପାଣି ରହିଥାଏ ଓ ଜନସାଧାରଣ ବହୁଳ ବ୍ୟବହାର କରିଥାନ୍ତି। ଏତଦ ବ୍ୟତୀତ ପୋଖରୀ ସମ୍ମୁଖ ରେ ଏକ ପ୍ରାଥମିକ ସ୍କୁଲ ଥିବା ବେଳେ ସେଠାରେ ପ୍ରସ୍ତୁତ ହେଉଥିବା ମଧ୍ୟାହ୍ନ ଭୋଜନ ପାଇଁ ମଧ ଏହାର ଜଳକୁ ବ୍ୟବହାର କରାଯାଉଥିଲା, ଏହା ସହିତ ଜାତୀୟ ରାଜପଥ ର ପାଶ୍ୱର୍?ରେ ପୋଖରୀ ଟି ରହିଥିବାରୁ ଅନେକ ପଥିକ ମଧ ଏହାର ଜଳକୁ ବ୍ୟବହାର କରୁଥିଲେ ବର୍ତ୍ତମାନ ପୋଖରୀ ଚାରିପାଖ ହୁଡା ରାସ୍ତା ସମେତ ତୁଠ ରାସ୍ତାରେ ଅନାବନା ବୃକ୍ଷ ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି। ଏପରିକି ପୋଖରୀ ମଧ୍ୟ କୁ ଯିବା କଷ୍ଟକର ହୋଇପଡିଛି। ଏଭଳି ଦୟନୀୟ, ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିଲେ ମଧ୍ୟ ଦେବୋତ୍ତର ବିଭାଗ କିମ୍ବା ବ୍ଲକ ପ୍ରଶାସନ ଉକ୍ତ ପୋଖରୀ ପୁନଃରୁଦ୍ଧାର ପାଇଁ ପଦକ୍ଷେପ ନେଉନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି।

## ଖଣ୍ଡପଡ଼ା ବ୍ଲକ୍ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ



**ଖଣ୍ଡପଡ଼ା,୨୩।୧୧(ସମିସ):** ଖଣ୍ଡପଡ଼ା ବ୍ଲକ୍ ମର୍ଦ୍ଦରାଜପୁର ଗ୍ରାମର ଶାନ୍ତିପ୍ରିୟା ଉଚ୍ଚ ବିଦ୍ୟାଳୟରେ ଖଣ୍ଡପଡ଼ା ବ୍ଲକ୍ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବ୍ଲକ ଓଷ୍ଟାର ସଭାପତି ସନାତନ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ଓଷ୍ଟା ନୟାଗଡ଼ ଜିଲ୍ଲାର ପ୍ରାକ୍ତନ ସମ୍ପାଦକ କିଶୋର ଚନ୍ଦ୍ର ପରମଗୁରୁ, ଓଷ୍ଟାର ଜିଲ୍ଲା ସଭାପତି ଅଯୋଧ୍ୟା ନାଥ ନାୟକ, ଜିଲ୍ଲା ସମ୍ପାଦକ ମାନସ ସାହୁ, ଖଣ୍ଡପଡ଼ା ବ୍ଲକ୍ ଓଷ୍ଟାର ପ୍ରାକ୍ତନ ସଭାନେତ୍ରୀ ସୁପ୍ରଭା ଦେଇ, ଖଣ୍ଡପଡ଼ା ବ୍ଲକ୍ ଉପ ସଭାପତି ରଶ୍ମୀରଞ୍ଜନ ସେଠୀ, ଖଣ୍ଡପଡ଼ା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ନିକୁଞ୍ଜ ବିହାରୀ ରଥ, ସମାଜସେବୀ ବୈକୁଣ୍ଠନାଥ ଗୋଛି ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ୍ ଓଷ୍ଟା ସମ୍ପାଦକ ପ୍ରଭାକର ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଆସନ୍ତା ୩ ବର୍ଷ ପାଇଁ ଖଣ୍ଡପଡ଼ା ବ୍ଲକ୍ ଓଷ୍ଟା ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଖଣ୍ଡପଡ଼ା ବ୍ଲକ୍ ସଂଘର ନୂତନ ସଭାପତି ଭାବେ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର କର, ଉପ ସଭାପତି ଭାବେ ରଶ୍ମୀରଞ୍ଜନ ସେଠୀ, ଦୀପ୍ତି ସ୍ୱାଇଁ, ସମ୍ପାଦକ ଭାବେ ପ୍ରଭାକର ମିଶ୍ର, ଯୁଗ୍ମ ସମ୍ପାଦକ ଭାବେ ସମୀର କୁମାର ଖୁଣ୍ଟିଆ, ନରେନ୍ଦ୍ର କୁମାର ରାଉତ, ଶିକ୍ଷୟିତ୍ରୀ ବାସନ୍ତୀ ପଣ୍ଡା, ଜିଲ୍ଲା ପରିଷଦ ସଦସ୍ୟ ଭାବେ ଯୋଗୀନାଥ ମହାରଣା, କାର୍ତ୍ତିକ ଚନ୍ଦ୍ର ଦଳେଇ, ଶିବସୁନ୍ଦର ରାଉତ, ଅନ୍ତର୍ଯ୍ୟାମୀ ବେହେରା ଓ ରାଜ୍ୟ ପରିଷଦ ସଦସ୍ୟ ଭାବେ ବିଭୂତି ଭୂଷଣ ମହାପାତ୍ର, ଧନେଶ୍ୱର ବେହେରାଙ୍କୁ ଚୟନ କରାଯାଇଥିଲା।

## ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଚିତ୍ରାଙ୍କନ ପ୍ରତିଯୋଗିତା



**ଖଣ୍ଡପଡ଼ା,୨୩।୧୧ (ସମିସ):** ଖଣ୍ଡପଡ଼ା ସହରସ୍ଥିତ ପିଏମ୍‌ଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଖଣ୍ଡପଡ଼ା ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ରବିବାର ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଖଣ୍ଡପଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅଙ୍ଗସ୍ୱରୂପା ଚାଟାର୍ଜୀ ଓ ବରିଷ୍ଠ ସିଭିଲ ଜଜ ସିନିୟର ଡିଭିଜନ ରଶ୍ମୀରେଖା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଦାଲତ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ। ପରିଶେଷରେ ଖଣ୍ଡପଡ଼ା ଓକିଲ ସଂଘର ସମ୍ପାଦକ ବିକ୍ରମ କେଶରୀ ଦେଓଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମ ଜରିଆରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରା ଯାଇଥିଲା।

## ମିଜୋରାମରେ ଦୁର୍ଘଟଣା; ଓଡ଼ିଆ ଯୁବକ ମୃତ

**ଓଡ଼ଗାଁ,୨୩।୧୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କୁରାଳ ଗାଁ ପାଇକରାୟ ସାହିର ବିଷ୍ଣୁପ୍ରସାଦ ତ୍ରିପାଠୀଙ୍କ ସାନପୁଅ ଅବିନାଶ ତ୍ରିପାଠୀଙ୍କ ମିଜୋରାମରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଏହି ଘଟଣା ଜଣାପଡ଼ିବା ପରେ ଜନ୍ମ ମାଟି କୁରାଳ ଗାଁରେ ଶୋକର ଛାୟା ଖେଳିଯାଇଛି। ଅବିନାଶ କୋଲକାତାରେ ଇଣ୍ଡିଗୋ ଏୟାର ଲାଇନ୍‌ସରେ କାମ କରୁଥିବା ବେଳେ ମିଜୋରାମ ବୁଲିବାକୁ ଯାଇଥିଲେ। ସେଠାରୁ ଏକ ବାଇକ୍ ଭଡ଼ାରେ ନେଇ ବୁଲାବୁଲି କରୁଥିବା ବେଳେ ଶନିବାର ରାତି ୯ଟା ବେଳେ ଦୁର୍ଘଟଣା ଘଟିଥିଲା। ସାଙ୍ଗରେ ଯାଇଥିବା ସହକର୍ମୀ ତାଙ୍କୁ ଡାକ୍ତରଖାନା ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁରୀ ସ୍ୱର୍ଗ ଦ୍ୱାରରେ ଅବିନାଶଙ୍କ ଶବ ସତ୍କାର କରାଯିବ।

## ବିଭିନ୍ନ ବିଷୟକୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା



**ଓଡ଼ଗାଁ,୨୩।୧୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଦେୱାନୀ ଓ ଫୌଜଦାରୀ ଅଦାଲତ ପରିସରରେ ତାଲୁକ୍ ଲିଗାଲ ସର୍ଭିସ୍ କମିଟି ଓଡ଼ଗାଁ ଦ୍ୱାରା ଆୟୋଜିତ ୭ମ ଓ ୮ମ ଏବଂ ୯ମ ଓ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୨ଟି ବର୍ଗରେ ବିଭିନ୍ନ ବିଷୟକୁ ନେଇ ରବିବାର ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ତାଲୁକ୍ ଲିଗାଲ ସର୍ଭିସ୍ କମିଟି ଓଡ଼ଗାଁର ଅଧ୍ୟକ୍ଷ ସଂଘମିତ୍ରା ଶର୍ମା, ବରିଷ୍ଠ ଦେୱାନୀ ଜଜ୍ ଜନ୍ମେଜୟ ଦାସ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରେରଣାଶ୍ରୀ ଦେଓଙ୍କ ସହିତ ବାର ଆସୋସିଏସନର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ବରିଷ୍ଠ ଅଧିବକ୍ତା ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିଶୁର ଅଧିକାର, ଶିଶୁ ଶିକ୍ଷା ଅଧିକାର, ଭିନ୍ନକ୍ଷମ ଶିଶୁଙ୍କ ସୁରକ୍ଷା, ଶିଶୁମାନଙ୍କ ଉପରେ ବୈଷୟିକ ଜ୍ଞାନର ପ୍ରଭାବ ବିଷୟକୁ ନେଇ ୭ମ ଓ ୮ମ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ବେଳେ ବାଲ୍ୟ ଶିଶୁ ବିବାହ ପ୍ରଥାକୁ ବିରୋଧ, ଶିଶୁ ଶ୍ରମ ବିରୋଧୀ ସମାଜ, ସାମାଜିକ ଗଣମାଧ୍ୟମଗୁଡିକ ଦ୍ୱାରା ଶିଶୁ ମାନଙ୍କ ଉପରେ ପଡ଼ଥିବା ପ୍ରଭାବ, ଶିଶୁ ଚାଲାଣ ରୋକିବା ଏକ ଆହ୍ୱାନ ବିଷୟକୁ ନେଇ ୯ମ ଓ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ସମସ୍ତ ଅଂଶଗ୍ରହଣ କାରୀ ଛାତ୍ର ଛାତ୍ରୀ ମାନଙ୍କୁ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ତାଲୁକ୍ ଲିଗାଲ ସର୍ଭିସ୍ କମିଟିର ଅଧ୍ୟକ୍ଷ ସଂଘମିତ୍ରା ଶର୍ମା, ଅନ୍ୟ ବିଚାରପତି ଏବଂ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକ ମାନଙ୍କ ଉପସ୍ଥିତିରେ ପ୍ରମାଣପତ୍ର ସହିତ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଏବଂ ପରେ ଚିତ୍ରାଙ୍କନ ପେପର ଗୁଡିକ ନୟାଗଡ଼ ଜିଲ୍ଲା ତାଲୁକ୍ ଲିଗାଲ ସର୍ଭିସ୍ କମିଟିକୁ ପଠାଇ ଦିଆଯାଇଥିଲା। ସେଠାରେ ଚିତ୍ରାଙ୍କନ ଗୁଡ଼ିକର ଜିଲ୍ଲା ସ୍ତରୀୟ ମୂଲ୍ୟାଙ୍କନ କରାଯାଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ବଛାଯାଇ ପ୍ରଥମ ୩ ହଜାର ଟଙ୍କା, ଦ୍ୱିତୀୟ ୨ ହଜାର ୨ଶହ ୫୦ ଟଙ୍କା ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୧ ହଜାର ୫ ଶହ ଟଙ୍କା ଲେଖାଏଁ ପୁରସ୍କୃତ କରାଯିବାର ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମ ସଂଯୋଜକ ଶ୍ରଦ୍ଧାଞ୍ଜଳୀ ରଥ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କୋର୍ଟ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ସ୍ୱର୍ଗତ ରୁଦ୍ରମାଧବ ରାୟଙ୍କ ୮୮ ତମ ଜୟନ୍ତୀ

**ନୟାଗଡ଼,୨୩।୧୧(ସମିସ):** ପୂର୍ବତନ ସାଂସଦ ସ୍ୱର୍ଗତ ରୁଦ୍ରମାଧବ ରାୟଙ୍କ ୮୮ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଗଣିଆ ବଜାରରେ ରୁଦ୍ରମାଧବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗଣିଆ ବ୍ଲକର ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ମହେଶ୍ୱର ମହାରଣା, ପୂର୍ବତନ ସରପଞ୍ଚ ବ୍ରଜମୋହନ ମିଶ୍ର, ଅଜୟ କୁମାର ଲେଙ୍କା, ଦଣ୍ଡଧର ଦାସ, ଲକ୍ଷ୍ମୀକାନ୍ତ ସାହୁ, ପ୍ରକାଶ କୁମାର ସାହୁ, ପ୍ରମୋଦ କୁମାର ପୃଷ୍ଟି, ସୁଧାଂଶୁ ଗଣ୍ଡିଆଙ୍କ ସମେତ ବହୁ ବିଜୁପ୍ରେମୀ ଉପସ୍ଥିତ ଥିଲେ। ଶିକ୍ଷକତା ଜୀବନରୁ ଆରମ୍ଭ କରି ସମାଜ ସେବାପାଇଁ ରାଜନୀତିରେ ପାଦ ଦେଇଥିଲେ ରାୟ ବାବୁ। ପଞ୍ଚାୟତରୁ ପାର୍ଲିଆମେଣ୍ଟ ପର୍ଯ୍ୟନ୍ତ ସଂଘର୍ଷମୟ ଜୀବନ ଅତିବାହିତ କରି ସଫଳତାର ଶୀର୍ଷରେ ପହଞ୍ଚି ଥିଲେ ସେ। ନିଷ୍କପଟ ଜୀବନ ଶୈଳୀ ଓ ଭାଇଚାରର ପରିଚୟ ଦେଇ ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ଜଣେ ସଫଳ ରାଜନେତା ଭାବେ ସେ ନିଜକୁ ପ୍ରତିପାଦିତ କରି ପାରିଥିଲେ।

## ଦଶପଲ୍ଲାରେ ସିରିଜ୍ ଦୁର୍ଘଟଣା; ଜଣେ ମୃତ, ୩ ଗୁରୁତର

**ଦଶପଲ୍ଲା,୨୩।୧୧(ସମିସ)**

ଖୋର୍ଦ୍ଧା - ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଦଶପଲ୍ଲା ଥାନା କୁଆଁରିଆ ଛକ ନିକଟରେ ଆଜି ସିରିଜ ଦୁର୍ଘଟଣା ଘଟିଛି। ଫଳରେ ଘଟଣା ସ୍ଥଳରେ ଜଣକ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଆଜି ଅପରାହ୍ନ ୩ ଘଟିକା ସମୟେ ବୌଦ୍ଧ ରୁ ଦଶପଲ୍ଲା ଅଭିମୁଖେ ଆସୁଥିବା ଓଡି ୧୫ ୟୁ ୯୭୩୭ ନମ୍ବର ନାମକ ଏକ ଆଇଚର କୁଆଁରିଆ ଛକ ନିକଟରେ ଭାରସାମ୍ୟ ହରାଇ ପ୍ରଥମେ ଗୋଟିଏ ପିକପ ଭ୍ୟାନ ଓ ପରେ ଗୋଟେ ବାଇକକୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୩ ଜଣ ଅର୍ଥାତ ଆଇଚର ଗାଡ଼ିର ଡ୍ରାଇଭର, ହେଲ୍ପର ସମେତ ପିକପ ଭ୍ୟାନର ଡ୍ରାଇଭର ଗୁରୁତର ହୋଇ ପଡ଼ିଥିଲେ। ସଙ୍ଗେସଙ୍ଗେ ଘଟଣା ସ୍ଥଳରେ ସ୍ଥାନୀୟ ଲୋକ ପହଂଚିବା ସହିତ ଦଶପଲ୍ଲା ପୋଲିସ ଓ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। କିଛି ସମୟ ମଧ୍ୟ ଗାଡ଼ି ଚଳାଚଳରେ ବାଧାପ୍ରାପ୍ତ ହୋଇଥିଲା। ତୁରନ୍ତ ଘଟଣା ସ୍ଥଳରେ ଦଶପଲ୍ଲା ପୋଲିସ ପହଂଚି ଗୁରୁତରଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇବା ସହିତ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଗୁଡ଼ିକୁ ରାସ୍ତା କ?କୁ ସାଇଡ କରି ଗାଡ଼ି ଚଳାଚଳ ସ୍ୱାଭାବିକ କରିଥିଲେ। ଅନ୍ୟାପକ୍ଷେ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ବାଇକ ଚାଳକ ହେଲେ ବୌଦ୍ଧ ଜିଲ୍ଲା ପୁରୁଣାକଟକର ଅମିତ ବାଘ ବୋଲି ଜଣାପଡିଛି।

## 'ସକାଳ'ର ୫ମ ସ୍ୱନକ୍ଷତ୍ର ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

# 'ପୁସ୍ତକ ଜ୍ଞାନାତ୍ମକ ଦକ୍ଷତା ବୃଦ୍ଧି ସହ ମାନସିକ ଚାପ ହ୍ରାସ କରେ'








ଖୋର୍ଦ୍ଧା,୨୩।୧୧(ସମିସ)

ଦୈନିକ 'ସକାଳ'ର ୫ମ ସ୍ୱନକ୍ଷତ୍ର ଅବସରରେ ରବିବାର ସ୍ଥାନୀୟ ବିଡିଏ କଲୋନୀସ୍ଥିତ ସିଗ୍‌ମା ପବ୍ଲିକ ସ୍କୁଲ ପରିସରରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବିଭାଗର ବିଷୟ ଥିଲା 'ଜେନ୍-ଜେଡ୍: ବିଦ୍ରୋହର ଆଦ୍ୟ ସ୍ଫୁଲିଙ୍ଗ ନା ଯୌବନର ଉଦ୍ଦାମତା'। ପ୍ରାଣନାଥ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, କ୍ରିପଟନ୍ ସାଇନ୍ସ ହାଇଅର ସେକେଣ୍ଡାରୀ ସ୍କୁଲ, ପ୍ରିମିୟର ଇନଷ୍ଟିଚ୍ୟୁଟ ଅଫ ନର୍ସିଂ କଲେଜ ଜଟଣୀ ପ୍ରଭୃତି କଲେଜ ରୁ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟର ଛାତ୍ରୀ ପ୍ରଜ୍ଞାଶ୍ରୀ ପଟ୍ଟନାୟକ ପ୍ରଥମ ଓ ଉକ୍ତ ମହାବିଦ୍ୟାଳୟର ତପସ୍ୱିନୀ ରଥ ଦ୍ୱିତୀୟ ଏବଂ ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟର ଛାତ୍ରୀ ଅଞ୍ଜୁଶ୍ରୀ ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

ସେହିପରି କନିଷ୍ଠ ବର୍ଗରେ "ବହିପଢ଼ା: ଜରୁରୀ ଆବଶ୍ୟକତା? ଅନାବଶ୍ୟକ ବୋଝ? କମୁଛି କି ବହି ପ୍ରତି ଆକର୍ଷଣ" ସମ୍ପର୍କରେ ବକ୍ତବ୍ୟ ରଖି କେନ୍ଦୁପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟର ହିମାଂଶୁ ସାହୁ ପ୍ରଥମ, ଖୋର୍ଦ୍ଧା ଶିଆଳିଆସ୍ଥିତ ଆଦର୍ଶ ବିଦ୍ୟାଳୟର ଛାତ୍ରୀ ମୈଥିଳି ନାୟକ ଦ୍ୱିତୀୟ ଏବଂ ନାଳିପଡା ଅର୍ଜ୍ଜୁନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ସ୍ୱପ୍ନାରାଣୀ ଜେନା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିସହିତ ଜୁନିୟର ବିଭାଗରେ ସିଗ୍‌ମା ପବ୍ଲିକ ସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବୀଣାପାଣୀ ଶିଶୁ ବିଦ୍ୟାମନ୍ଦିର, ନାଳିପଡା ଅର୍ଜ୍ଜୁନପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, ପଂଚାୟତ ଉଚ୍ଚ ବିଦ୍ୟାଳୟ ହଳଦିପଦା, ଗୁରୁଜଙ୍ଗ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଭୟ ବିଭାଗର ପ୍ରଥମ ସ୍ଥାନ ଅଧିକାର କରିଥିବା ୨ଜଣ ଆସନ୍ତା ଡିସେମ୍ବର ପହିଲାରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

ବରିଷ୍ଠ ବର୍ଗର ବିଚାରକଭାବେ ବେଗୁନିଆ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା 'ଆମରି ସତ୍ୟ' ପତ୍ରିକାର ପ୍ରତିଷ୍ଠାତା ପ୍ରମୋଦ ଚନ୍ଦ୍ର ଦାଶ ଓ ଶିକ୍ଷାବିତ୍ ସୃଜନ କୁମାର ମିଶ୍ର, ଶିକ୍ଷକ ବିରଞ୍ଚି ନାରାୟଣ ପଣ୍ଡା ଯୋଗଦେଇଥିବାବେଳେ କନିଷ୍ଠ ବର୍ଗରେ ଭାଟପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଗାଧୁ ସେଠୀ, ରାମଚଣ୍ଡୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୁଶାନ୍ତ କୁମାର ଦାଶ, ସିଗ୍‌ମା ପବ୍ଲିକ୍ ସ୍କୁଲର ଶିକ୍ଷୟିତ୍ରୀ ରଶ୍ମିତା ବାରିକ ପ୍ରମୁଖ ଯୋଗଦେଇଥିଲେ।

**● ବରିଷ୍ଠରେ ପ୍ରଜ୍ଞାଶ୍ରୀ ପ୍ରଥମ, ତପସ୍ୱିନୀ ଦ୍ୱିତୀୟ, ଅଞ୍ଜୁଶ୍ରୀ ତୃତୀୟ**

**● କନିଷ୍ଠରେ ହିମାଂଶୁ ପ୍ରଥମ, ମୈଥିଳି ଦ୍ୱିତୀୟ, ସ୍ୱପ୍ନାରାଣୀ ତୃତୀୟ**

କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଜିଲ୍ଲାପ୍ରତିନିଧି ରଞ୍ଜିତ କେ.ଏନ୍. ସାମନ୍ତରାୟଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥିଭାବେ ପୂର୍ବତନ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ଦାଶ ଯୋଗଦେଇ ପୁସ୍ତକ ଅଧ୍ୟୟନ ଜ୍ଞାନାତ୍ମକ ଦକ୍ଷତା ବୃଦ୍ଧି ସହ ମାନସିକ ଚାପ ହ୍ରାସ କରିଥାଏ। ବୈଦ୍ୟୁତିକ ଗଣମାଧ୍ୟମ କେବେହେଲେ ପ୍ରିଣ୍ଟ ମିଡିଆର ସ୍ଥାନ ନେଇପାରିବନି। ବିତର୍କ ମାଧ୍ୟମରେ ମନୋଭାବନର ପରିପ୍ରକାଶ ଘଟିଥାଏ ଏବଂ ସମାଜକୁ ଦିଗ୍‌ଦର୍ଶନ ମିଳିଥାଏ।

ମୁଖ୍ୟବକ୍ତା ଭାବେ ମମତାଞ୍ଜଳୀ ପଟ୍ଟନାୟକ ଯୋଗଦେଇ ଦୈନନ୍ଦିନ ଦୁଇଘଣ୍ଟା ମୋବାଇଲ ଠାରୁ ଛାତ୍ରଛାତ୍ରୀମାନେ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ ସମାଜସେବୀ ଗୌତମ ମହାରଣା ଯୋଗଦେଇ ବାପା ମା'ଙ୍କ ଠାରୁ ଅମୂଲ୍ୟ ସମ୍ପତି କିଛି ନାହିଁ। ସମ୍ମାନିତ ଅତିଥିଭାବେ ଉଭୟ ବିଭାଗର ବିଚାରକମଣ୍ଡଳୀ ଯୋଗଦେଇ ବିତର୍କର ବିଷୟ ଅତି ଉଚ୍ଚ କୋଟିର ବୋଲି କହିଥିଲେ। ଏହି ପରିପ୍ରେକ୍ଷୀ ରେ ପ୍ରିମିୟର ଇନଷ୍ଟିଚ୍ୟୁଟ ଅଫ ନର୍ସିଂ କଲେଜ ଜଟଣୀର ଛାତ୍ରଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ସହ ଟ୍ରଫି ଏବଂ ପ୍ରତିଯୋଗିତାରେ ଭାଗନେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଅତିଥିମାନେ ପ୍ରଦାନ କରିଥିଲେ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ଛାତ୍ରଛାତ୍ରୀଙ୍କୁ ସକାଳ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

କାର୍ଯ୍ୟକ୍ରମକୁ ନନ୍ଦିଘୋଷ ଟିଭି ଜିଲ୍ଲାପ୍ରତିନିଧି ଶୁଭ୍ରାଂଶୁ ସାମନ୍ତରାୟ ପରିଚାଳନା କରିଥିଲେ। ଜଟଣୀ ପ୍ରତିନିଧି ମହମ୍ମଦ ଇସମାଇଲ ଅଲ୍ଲୀ, ବେଗୁନିଆ ପ୍ରତିନିଧି ଯୋଗେଶ୍ୱର ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏଥିସହିତ ଯୁବ ସମାଜସେବୀ ତଥା ସାମ୍ବାଦିକ ଶୁଭକାନ୍ତ ମହାପାତ୍ର, ସାମ୍ବାଦିକ ପ୍ରବୀଣ କୁମାର ଭଞ୍ଜ, ଶିକ୍ଷକ ମାନସ ରଞ୍ଜନ ମହାପାତ୍ର, ଦୀପ୍ତିରଞ୍ଜନ ରଣା ପ୍ରମୁଖ ସୂଚାରୁରୂପେ ସମ୍ପାଦନ କରିଥିଲେ।

## ବାଣପୁରରେ ବ୍ଲକ ସ୍ତରୀୟ ଯୁବ ମହୋତ୍ସବ

ବାଣପୁର,୨୩।୧୧(ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ତରଫରୁ ବାଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ବାଣପୁର ସନାତନ ଜାଲିଙ୍କ ତତ୍ତ୍ୱାବଧାନରେ ବାଣପୁର ଗୋଦାବରୀଶ



ମହାବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଯୁବ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। ସମୁଦାୟ ୯ ଗୋଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ୧୨ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିବା ୩୬ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ତନ୍ମଧ୍ୟର ୧୨ ଜଣ ଛାତ୍ରଛାତ୍ରୀ ଆଗକୁ ଅନୁଷ୍ଠିତ ହେବାକୁଥିବା ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବରେ ସାମିଲ ହେବା ଲାଗି ମନୋନୀତ ହୋଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ଜାଲି ଓ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ. ସୁରପ୍ରତାପ ନରେନ୍ଦ୍ର ସିଂ ବର୍ମାଙ୍କ ସମେତ ଅଧ୍ୟାପକ ଓ ଅଧ୍ୟାପିକା ଯୋଗଦେଇ କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବ୍ଲକ ଅଧିନ ସମସ୍ତ ସିଆରସିସି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶେଷରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ସେଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଧରାପଡ଼ିଲେ ୮ ମଦୁଆ ଚାଳକ; ୩.୬୮ ଲକ୍ଷ ଜରିମାନା ଆଦାୟ

ନିରାକାରପୁର,୨୩।୧୧(ସମିସ): ଖୋର୍ଦ୍ଧା ପରିବହନ ବିଭାଗ ଓ ନିରାକାରପୁର ପୁଲିସ ତରଫରୁ ରାମେଶ୍ୱର ଛକ ନିକଟ ନୂଆ ଜଗନ୍ନାଥ ସଡ଼କରେ ଯାଞ୍ଚ କରାଯାଇ ୮ ମଦୁଆ ଚାଳକଙ୍କୁ ଚିହ୍ନଟ ପରେ ଗାଡ଼ି କାଗଜପତ୍ର ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଦ୍ୱାରା ଯାଞ୍ଚ କରାଯାଇଥିଲା। ବିଭିନ୍ନ ନିୟମ ଉଲ୍ଲଂଘନ ଅଭିଯୋଗରେ ମୋଟ ୩ ଲକ୍ଷ ୬୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଟ୍ରାଫିକ ଏସ୍ଆଇ ତୃପ୍ତିରେଖା ଜେନା, ଏସ୍ଆଇ ଦୀପାଲିଶା ନାୟକ, ଏଏସ୍ଆଇ ଗୁପ୍ତ ପ୍ରସାଦ ମହାନ୍ତି ପ୍ରମୁଖଙ୍କ ସମେତ ଏହି ଯାଞ୍ଚବେଳେ ବିଭାଗୀୟ ଅନ୍ୟ କର୍ମଚାରୀମାନେ ଓ ସ୍ଥାନୀୟ ପୁଲିସ ଉପସ୍ଥିତ ରହି ସହଯୋଗ କରିଥିଲେ।

## କଣ୍ଟେନରକୁ ପଛରୁ ଧକ୍କାଦେଲା ଆମ୍ବୁଲାନ୍ସ; ଚାଳକ ସମେତ ୩ ଗୁରୁତର



ଟାଙ୍ଗୀ,୨୩।୧୧(ସମିସ): ଟାଙ୍ଗୀ ଥାନା ଅଧିନସ୍ଥ ୧୬ ନମ୍ବର ଜାତୀୟ ରାଜପଥର କୁହୁଡି ନିକଟରେ ରାସ୍ତା ପାଶ୍ୱର୍ରେ ଖରାପ ହୋଇ ଛିଡ଼ା ହୋଇଥିବା ଏକ କଣ୍ଟେନର ପଛରେ ଦ୍ରୁତଗତିରେ ଆସୁଥିବା ୧୦୮ ଆମ୍ବୁଲାନ୍ସ ପିଟି ହେବାରୁ ଆମ୍ବୁଲାନସ ଚାଳକ, ହେଲପର ସମେତ ତିନି ଜଣ ଗୁରୁତର ହୋଇଛନ୍ତି। ପ୍ରକାଶ ୧୬ ନମ୍ବର ଜାତୀୟ ରାଜପଥ କୁହୁଡି ଛକ ନିକଟରେ ଖରାପ ହୋଇ ଏକ କଣ୍ଟେନର (କେଏ -୬୩-୫୭୬୫) ରାସ୍ତାରେ ଛିଡା ହୋଇଥିଲା। ଅପରାହ୍ନ ପ୍ରାୟ ସାଢେ ୪ଟାରେ ବାଲୁଗାଁରୁ ଟାଙ୍ଗୀ ଅଭିମୂଖେ ଆସୁଥିବା ଏକ ଖାଲି ୧୦୮ ଆମ୍ବୁଲାନ୍ସ ଦ୍ରୁତ ଗତିରେ ଆସି ଛିଡା ହୋଇଥିବା କଣ୍ଟେନର ପଛପଟୁ ଶକ୍ତ ଧକ୍କା ଦେଇଥିଲା। ଆମ୍ବୁଲାନସଟିର ସମ୍ମୁଖ ଭାଗ ଚୁରମାର ହୋଇଯାଇଥିବା ବେଳେ ଆମ୍ବୁଲାନସ ଡ୍ରାଇଭର, ଆଟେଣ୍ଡାଣ୍ଟ ଓ ଅନ୍ୟଜଣେ ଗୁରୁତର ହୋଇଥିଲେ। ଘଟଣାସ୍ଥଳରେ ଟାଙ୍ଗୀ ଆଇଆଇସି ରବୀନ୍ଦ୍ର ଭୂଜବଳ ପହଞ୍ଚି ଗୁରୁତର ତିନି ଜଣଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ତିନି ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ଏମ୍‌ସ ସ୍ଥାନାନ୍ତର କରାଯାଇଛି। ଟାଙ୍ଗୀ ପୁଲିସ ଘଟଣାର ତଦନ୍ତ କରୁଛି।

**● ମହିଳାଙ୍କୁ ଅସଦାଚରଣ ମାମାଲା**

## ଅଭିଯୁକ୍ତକୁ ଜେଲ୍ ସହ ଜରିମାନା

ବାଲୁଗାଁ,୨୩।୧୧(ସମିସ): ଘରେ ପଶି ଜଣେ ମହିଳାଙ୍କୁ ନଣଦେଇ ଅସଦାଚରଣ କରିଥିବା ମାମଲାର ବିଚାର କରି ଚିଲିକା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଳେଇ ଅଭିଯୁକ୍ତ ସୁବାସ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରି ଦଫା-୪୪୮ ଅନୁଯାୟୀ, ୬ମାସ ଜେଲ୍‌ଦଣ୍ଡ ସହ ୧ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦାୟ ଅଧିକ ୧୫ଦିନ ଜେଲ୍, ଦଫା-୩୫୪ ଅନୁଯାୟୀ ୩ବର୍ଷ ଜେଲଦଣ୍ଡ ସହ୧୦ ହଜାର ଟଙ୍କା ଜରିମାନା, ଜରିମାନା ଅନାଦାୟ ୬ ମାସ ଜେଲଦଣ୍ଡ ଏବଂ ଦଫା-୩୫୪(କ) ଅନୁଯାୟୀ ୧ ବର୍ଷ ଜେଲଦଣ୍ଡ ସହ ୫ ହଜାର ଟଙ୍କା ଜରିମନା ଓ ଜରିମାନା ଅନାଦେୟ ଅଧିକ ୧ ମାସ ଜେଲଦଣ୍ଡ ନେଇ ରାୟ ଶୁଣାଇଛନ୍ତି। ଉକ୍ତ ଜରିମନା ଅର୍ଥ ମଧ୍ୟରୁ ୧୦ହଜାର ଟଙ୍କା ଅଭିଯୋଗକାରିଣୀଙ୍କ କ୍ଷତିପୁରଣ ବାବଦକୁ ପ୍ରଦାନ ପାଇଁ ରାୟରେ ଉଲ୍ଲେଖ ରହିଛି।

ଅଭିଯୋଗ ମୁତାବକ, ଗତ ୨୦୨୨ ଅଗଷ୍ଟ ୧ ରାତିରେ ଟାଙ୍ଗୀ ଥାନା ଅଞ୍ଚଳର ଅଭିଯୋଗକାରିଣୀ ଘରେ ଶୋଇଥିବା ବେଳେ ତାଙ୍କ ନଣଦେଇ ସୁବାସ ବେହେରା ଘରେ ପଶି ଶାଢ଼ି ଟଣାଓଟରା ସହ ଅସଦାଚରଣ କରିଥିଲେ। ଏନେଇ ମହିଳା ଜଣକ ଟାଙ୍ଗୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଅଭିଯୁକ୍ତ ସୁବାସକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରୀ ଓକିଲ ପ୍ରଦୀପ୍ତ କୁମାର ନନ୍ଦ ଓ ଆଇନଜୀବୀ ହରେକୃଷ୍ଣ ଜଗଦ୍ଦେବ ମୋକଦ୍ଦମା ପରିଚାଳନା କରୁଥିବା ବେଳେ ମୁଦାଲାଙ୍କ ତରଫରୁ ଆଇନଜୀବୀ ଚିତ୍ରସେନ ସାହୁ ମାମଲା ପରିଚାଳନା କରିଥିଲେ।

## ତେଲ ଟ୍ୟାଙ୍କର ଧକ୍କାରେ ଡାକ୍ତରଙ୍କ ମୃତ୍ୟୁ

ଖୋର୍ଦ୍ଧା,୨୩।୧୧(ସମିସ): ୫୭ନଂ ଜାତୀୟ ରାଜପଥର ପୁରୁସାହି ଛକ ନିକଟରେ ଏକ ତେଲ ଟ୍ୟାଙ୍କର ଧକ୍କାରେ ବାଇକ୍‌ରେ ଯାଉଥିବା ଜଣେ ଡାକ୍ତରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ ଜିଲ୍ଲା ଖଣ୍ଡପଡା ଥାନା ଖଳିସାହି ଗ୍ରାମର ଅମରେନ୍ଦ୍ର ପ୍ରସାଦ (୨୭)।



ଅମରେନ୍ଦ୍ର ରବିବାର ପୁରୀରୁ ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାବେଳେ ବାଇକ୍ ଯୋଗେ ନିଜ ଗ୍ରାମ ଖଳିସାହିକୁ ଫେରୁଥିବାବେଳେ ପୁରୁସାହି ଛକ ନିକଟରେ ପଛପଟୁ ଏକ ତେଲ ଟ୍ୟାଙ୍କର (ଓଡି୦୨ଏଏସ୍-୬୯୯୩) ଧକ୍କା ଦେଇଥିଲା। ଘଟଣାସ୍ଥଳରୁ ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବାବେଳେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ପ୍ରକାଶ ଥାଉକି, ମୃତ ଅମରେନ୍ଦ୍ର ଜଣେ ଇଏନ୍‌ଟି ଡାକ୍ତର ଓ ସେ ପୁରୀରେ ଏକ ଘରୋଇ କ୍ଲିନିକ କରି ଚିକିତ୍ସା କରୁଥିଲେ।

# ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ; ହତ୍ୟା ଅଭିଯୋଗ

ଖୋର୍ଦ୍ଧା,୨୩।୧୧(ସମିସ): ଖୋର୍ଦ୍ଧା ଜିଲ୍ଲାରେ ଆଉ ଏକ ଲଜ୍ଜାଜନକ ଘଟଣା ଘଟିଛି। ବାଘମାରି ଥାନା ଅଞ୍ଚଳରେ ଅପହରଣ ଏବଂ ଦୁଷ୍କର୍ମ ଘଟଣାର ପରଦା ନ ହଟୁଣୁ ପୁଣି ସେହି ଥାନା ଅଂଚଳରେ ଆଉ ଏକ ଛାତ୍ରୀର ମୃତ୍ୟୁ ଘଟିଛି। ମୃତା ଛାତ୍ରୀ ହେଲେ ବାଙ୍କୀ ଥାନା ଅନ୍ତର୍ଗତ ପଥୁରୀପଡା ଗ୍ରାମର ଚିନ୍ତାମଣି ଦାସଙ୍କ ଝିଅ ଶୁଭଲକ୍ଷ୍ମୀ ଦାସ ଓରଫ୍ ସାଇନା (୧୮)। ସାଇନା ପୁରୁଷ ବନ୍ଧୁ ପାଇଁ ବିଷ ପିଇ ଜୀବନ ହାରିଛନ୍ତି ନାଁ ତାଙ୍କୁ ହତ୍ୟା କରାଯାଇଛି ତାହା ଏବେ ସନ୍ଦେହ ଘେରରେ ଥିବାବେଳେ ହତ୍ୟା ନେଇ ସମ୍ପର୍କିୟ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଝିଅର ମୃତ୍ୟୁ ପରେ ସମ୍ପର୍କିୟ ଅଭିଯୋଗ ଲାଗି ଏ ଥାନାରୁ ସେ ଥାନା ହୋଇ ୩ଟି ଥାନା ବୁଲିଥିଲେ ମଧ୍ୟ ରିପୋର୍ଟ ଲେଖାହେବା ଯାଏ କୌଣସି ଥାନାରେ ଅଭିଯୋଗ ଗ୍ରହଣ କରୁନଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି।

ସମ୍ପର୍କିୟଙ୍କ ସୂଚନା ଅନୁସାରେ, ଶୁଭଲକ୍ଷ୍ମୀ ନୟାଗଡ଼ ଜିଲ୍ଲାର ରାଜସୁନାଖଳା ସ୍ଥିତ ଡିଆଇଇଟି (ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ କେନ୍ଦ୍ରର ପ୍ରଥମ ବର୍ଷ ର ଛାତ୍ରୀ ଥିଲା। ସେ ସେଠାରେ ହଷ୍ଟେଲରେ ରହି ପାଠ ପଢୁଥିଲେ। ଗତକାଲି ଠାରୁ ତାଙ୍କର ପୁରୁଷ ବନ୍ଧୁଙ୍କ ସହ ସେ ହଷ୍ଟେଲରୁ ଆସିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଛାତ୍ରୀ ଜଣକ ପୁରୁଷ ବନ୍ଧୁଙ୍କ ସହ ଆସି ପୁରୁଷ ବନ୍ଧୁଙ୍କ ମା'ଙ୍କ ନିକଟକୁ ଯାଇଥିଲେ। ସେଠାରେ ଯୁକ୍ତିତର୍କ ହେବା ପରେ ଛାତ୍ରୀ ଜଣକ ଏବଂ ତାଙ୍କର ପୁରୁଷ ବନ୍ଧୁ ଉଭୟ ବାଇକରେ ଆସି ବିଭିନ୍ନ ସ୍ଥାନ ବୁଲାବୁଲି କରିଥିଲେ। ଏହାପରେ ମଧ୍ୟାହ୍ନରେ ବାଘମାରୀ ଥାନା ଅନ୍ତର୍ଗତ ଓସ୍ତପୁର-ଲେଖନପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା ମଧ୍ୟରେ ଯୁବତୀ ଜଣକୁ ମୂର୍ମୁଷୁ ଅବସ୍ଥାରେ ପୁରୁଷ ବନ୍ଧୁ ଛାଡି ଚାଲି ଯାଇଥିବାବେଳେ ସେ ସେଠାରେ ଗୁରୁତର ଅବସ୍ଥାରେ ପଡ଼ିଥିବା ସ୍ଥାନୀୟ ଲୋକ ଦେଖି ପରିବାର ସଦସ୍ୟଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ। ଖବର ପାଇଁ ତାଙ୍କ ବଡ଼ ଭିଣୋଇ ରବୀନ୍ଦ୍ର କୁମାର ଖଟେଇ ପହଞ୍ଚି ୧୦୮ ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ମେଡିକାଲକୁ ନେବା ବାଟରେ ହଠାତ୍ ସିମୋର ଛକରେ ଆମ୍ବୁଲାନ୍ସଟି ଖରାପ ହୋଇଥିଲା। ସେଠାରୁ କିଛି ସମୟ ପରେ ଅନ୍ୟ ଏକ ଆମ୍ବୁଲାନ୍ସ ଆସି ମେଡିକାଲ ନେଇଥିଲେ ହେଁ ସେଠାରେ ଡାକ୍ତର ଶୁଭଲକ୍ଷ୍ମୀକୁ ମୃତ ଘୋଷଣା କରିଥିଲେ।

**● ପୁଣି ବିବାଦରେ ବାଘମାରୀ ଥାନା ପୁଲିସ**

**● ଅଧା ରାସ୍ତାରେ ଖରାପ ହେଲା ଗୁରୁତର ଛାତ୍ରୀଙ୍କୁ ଧରି ଆସୁଥିବା ଆମ୍ବୁଲାନ୍ସ**

**● ହତ୍ୟା ଅଭିଯୋଗ ଆଣିଲେ ପରିବାର**



ମୃତ୍ୟୁ ପୂର୍ବରୁ ଶୁଭଲକ୍ଷ୍ମୀଙ୍କର ମରିବା ନେଇ ସମ୍ପର୍କିୟଙ୍କୁ ଏକ ଫୋନ୍ କଲ୍‌ର ଅଡିଓ ଏବେ ଭାଇରାଲ ହେଉଛି। ଏଥିରେ ସେ ପୁରୁଷ ବନ୍ଧୁଠାରୁ ପ୍ରେମରେ ନିରାଶ ହେବା ପରେ ବିଷ ଖାଇଦେଇଥିବା କହୁଛନ୍ତି। ଶୁଭଲକ୍ଷ୍ମୀର ମୃତ୍ୟୁ ପଛରେ ବି ତାର ପୁରୁଷ ବନ୍ଧୁ ଦାୟୀ ବୋଲି ଏହି ଅଡିଓ କଲ୍‌ରୁ ଜଣାପଡିଛି।

ଏ ସମ୍ପର୍କ ରେ ଶୁଭଲକ୍ଷ୍ମୀଙ୍କ ସମ୍ପର୍କିୟ ବାଘମାରୀ ଥାନାରେ ଲିଖିତ ଅଭିଯୋଗ କରିବାକୁ ଆସିଥିବା ବେଳେ ଏଭଳି ସମ୍ବେଦନଶୀଳ ଘଟଣାରେ ବାଘମାରୀ ପୁଲିସ ଏହା ଆମ ଅଂଚଳର ନୁହେଁ ବାଙ୍କୀ ଅଞ୍ଚଳର ବୋଲି କହି ଫେରାଇ ଦେଇଛି। ଏମିତିକି ପରିବାର ଲୋକେ ବାଙ୍କୀ ଥାନାକୁ ଯାଇ ସେଠାରୁ ମଧ୍ୟ ନିରାଶ ହୋଇ ରାତି ୮ଟା ୫୦ ସୁଦ୍ଧା ଖୋର୍ଦ୍ଧା ଫେରିଛନ୍ତି। ବାଘମାରୀ ଥାନା ପୁଲିସ ପୂର୍ବରୁ ଏକ ଅପହରଣ ମାମଲା ହାଲକା ରୂପେ ନେବାରୁ ଜଣେ ନାବାଳିକା କଲେଜ ଛାତ୍ରୀ ଗଣଦୁଷ୍କର୍ମର ଶିକାର ହୋଇ ରାଜ୍ୟବ୍ୟାପି ଆଲୋଡନ ସୃଷ୍ଟି କରିଥିବାବେଳେ ପୁଣି ଏଭଳି ସମ୍ବେଦନଶୀଳ ଘଟଣାକୁ ହାଲକାରେ ନେବାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ଅନ୍ୟପଟେ ଛାତ୍ରୀର ଶବ ଖୋର୍ଦ୍ଧା ହସ୍ପିଟାଲରେ ରହିଛି। ପରିବାର ଲୋକେ ଏ ଥାନାରୁ ସେ ଥାନା ଦୋ÷ଡୁଥିବାବେଳେ ରିପୋର୍ଟ ଲେଖାହେବା ଯାଏ କୌଣସି ଥାନା ଅଭିଯୋଗ ଗ୍ରହଣ କରିନଥିବାରୁ ମୃତକଙ୍କ ସମ୍ପର୍କୀୟ ଭାଙ୍ଗି ପଡିଛନ୍ତି।

### ରାଜ୍ୟସ୍ତରୀୟ ଗୟାବନ୍ଧ ଫୁଟବଲ୍ କପ୍ ଉଦଘାଟିତ

## ଏସ୍‌ଏସ୍‌ଏ ଶରଧାପୁର ୧-୦ରେ ବିଜୟୀ




ନିରାକାରପୁର,୨୩।୧୧(ସମିସ): ଖୋର୍ଦ୍ଧା ଜିଲ୍ଲା ଗୟାବନ୍ଧ ଖେଳ ପଡିଆରେ ବାପୁଜୀ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗୟାବନ୍ଧ ଫୁଟବଲ ଉଦ୍‌ଘାଟିତ ଉଦଘାଟିତ ହୋଇଯାଇଛି। ଅତିଥି ଭାବେ ବିଜେପି ବରିଷ୍ଠ ନେତା ତଥା ରାଜ୍ୟ ପାଇକ ସଂଘ ସଭାପତି ପ୍ରକାଶ କୁମାର ଶ୍ରୀଚନ୍ଦନ, ପୂର୍ବତନ ବିଧାୟକ ଦିଲ୍ଲୀପ କୁମାର ଶ୍ରୀଚନ୍ଦନ, ସମାଜସେବୀ ଇବ୍ରାହିମ୍ ଖାଁ, ରଜାକ ଖାଁ, ଭାଗିରଥି ଭୁଜବଳ, ନବକିଶୋର ଭୁଜବଳ, ସମାଜସେବୀ ଦେବରାଜ ବାରିଶଲ ଓ ଗଣେଶ ଚନ୍ଦ୍ର ସାମଲ, ସହଯୋଗ ଆବାହକ ହିମାଂଶୁ ଭୂଷଣ ଚମ୍ପତିରାୟ ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଖେଳକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ ଏସ୍‌ଏସ୍‌ଏ ଶରଧାପୁର ବନାମ ଅହମଦିଆ କ୍ଲବ୍ କେରଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଶରଧାପୁର ୧-୦ରେ ବିଜୟୀ ହୋଇଛି। ଆଜିର ଖେଳକୁ ଶରତ କୁମାର ଛୋଟରାୟ, ଚିତ୍ତରଞ୍ଜନ ପରିଡ଼ା, ବୈକୁଣ୍ଠ ମହାପାତ୍ର ଓ ଲକ୍ଷ୍ମୀଧର ଚୌଧୁରୀ ପ୍ରମୁଖ ପରିଚାଳନା କରିଥିଲେ।

| ସ୍ଥାନ | | କନିଷ୍ଠ | | ବରିଷ୍ଠ | |
|---|---|---|---|---|---|
| | | ପ୍ରତିଯୋଗୀ | ଶିକ୍ଷାନୁଷ୍ଠାନ | ପ୍ରତିଯୋଗୀ | ଶିକ୍ଷାନୁଷ୍ଠାନ |
| ଭୁବନେଶ୍ୱର | ୧ମ | ଶୁଭଲକ୍ଷ୍ମୀ ସାହୁ | ସୟଦ ମମତାଜ୍ ଅଲ୍ଲୀ ଉଚ୍ଚ ବିଦ୍ୟାଳୟ, ନୟାପଲ୍ଲୀ | ଶାଶ୍ୱତୀ ପ୍ରିୟଦର୍ଶିନୀ | ଉତ୍କଳ ବିଶ୍ୱବିଦ୍ୟାଳୟ |
| | ୨ୟ | ସୁଶ୍ରୀ ସୁରଭି | ଡିଏଭି ପବ୍ଲିକ୍ ସ୍କୁଲ, ୟୁନିଟ୍-୮ | ସୂର୍ଯ୍ୟକାନ୍ତ ବେହେରା | ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ |
| | | | | ଅସ୍ତିକ ମିଶ୍ର | କିଟ୍ ବିଶ୍ୱବିଦ୍ୟାଳୟ |
| | ୩ୟ | ପରିଣୀତି ବେହେରା | ସୟଦ ମମତାଜ୍ ଅଲ୍ଲୀ ଉଚ୍ଚ ବିଦ୍ୟାଳୟ, ନୟାପଲ୍ଲୀ | ବିଶ୍ୱରଞ୍ଜନ ରାଉତରାୟ | ଉତ୍କଳ ବିଶ୍ୱବିଦ୍ୟାଳୟ |
| ଖୋର୍ଦ୍ଧା | ୧ମ | ହିମାଂଶୁ ସାହୁ | କେନ୍ଦୁପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ | ପ୍ରଜ୍ଞାଶ୍ରୀ ପଟ୍ଟନାୟକ | ପ୍ରାଣନାଥ ମହାବିଦ୍ୟାଳୟ |
| | ୨ୟ | ମୈଥିଳି ନାୟକ | ଖୋର୍ଦ୍ଧା ଆଦର୍ଶ ବିଦ୍ୟାଳୟ ଶିଆଳିଆ | ତପସ୍ୱିନୀ ରଥ | ପ୍ରାଣନାଥ ମହାବିଦ୍ୟାଳୟ |
| | ୩ୟ | ସ୍ୱପ୍ନାରାଣୀ ଜେନା | ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଅର୍ଜୁନପୁର | ଅଞ୍ଜୁଶ୍ରୀ ମହାପାତ୍ର | ମହିଳା ମହାବିଦ୍ୟାଳୟ |
| ନୟାଗଡ଼ | ୧ମ | ପ୍ରୀତିମୟୀ ସାହୁ | ଏସ୍ଏସ୍ଡି ବାଳିକା ଉଚ୍ଚ ବିଦ୍ୟାଳୟ | ସାଗର ବେହେରା | ରାଜସୁନାଖଳା ଡିଆଇଇଟି |
| | ୨ୟ | ପଲ୍ଲବୀ ପ୍ରିୟଦର୍ଶିନୀ | ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର | ଶୁଭାଶିଷ ଦାଶ | ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୩ୟ | ଜ୍ଞାନରଞ୍ଜନ ଦାଶ | ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର | ବିଶ୍ୱକଲ୍ୟାଣ ତ୍ରିପାଠୀ | ୟୁନିଟେକ୍ ମହାବିଦ୍ୟାଳୟ |
| ଅନୁଗୁଳ | ୧ମ | ପାଟଯୋଶୀ ସୌରୀ ପ୍ରସାଦ ମିଶ୍ର | ପି.ଏମ୍ଶ୍ରୀ ଉଚ୍ଚ ବିଦ୍ୟାଳୟ | ସ୍ମୃତିସ୍ମିତା ରାଉତ | ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ |
| | ୨ୟ | ସୁରଭି ସାହୁ | ରୋଟାରି ପବ୍ଲିକ ସ୍କୁଲ | ସନ୍ଦୀପ ଖିଲାର | ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ |
| | ୩ୟ | ଇପ୍ସିତା ମିଶ୍ର | ସରକାରୀ ଉଚ୍ଚବିଦ୍ୟାଳୟ | ସୌମ୍ୟା ସମାପେକ୍ଷା ନାୟକ | ରୋଟାରି ପବ୍ଲିକ ସ୍କୁଲ |
| ପୁରୀ | ୧ମ | ଶୁଭାଙ୍ଗୀ ସାହୁ | ଘୋଡାବଜାର ଏସ୍ଏସ୍ଭିଏମ୍ | ରୋଜାଲିନ ରାଉତ | ଏସ୍ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୨ୟ | ପ୍ରାଚୀ ପ୍ରଧାନ | ଚନ୍ଦ୍ରଶେଖର ଏକାଡେମୀ | ଆର୍ଯ୍ୟମାନ କର | ଏସ୍ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୩ୟ | ରୁପାଲି ଭୋଇ | ବଳଗଣ୍ଡି ଉଚ୍ଚବିଦ୍ୟାଳୟ | ଅର୍ପିତା ପଟ୍ଟନାୟକ | କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ |
| କଟକ | ୧ମ | ସିଦ୍ଧାନ୍ତ କୁମାର ସାହୁ | ରେଭେନ୍ସା କଲିଜିଏଟ୍ ସ୍କୁଲ | ପ୍ରଶମିତ କାନୁନଗୋ | ଖ୍ରୀଷ୍ଟ ମହାବିଦ୍ୟାଳୟ |
| | ୨ୟ | ଜୟଦିତ୍ୟ ପାଢ଼ୀ | ଷ୍ଟିୱାର୍ଟ ସ୍କୁଲ୍ | ମନୋଜ କୁମାର ସାହୁ | ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ |
| | ୩ୟ | ଅନ୍ୱେଷା ପଣ୍ଡା | ଏସ୍ଏସ୍ଭିଏମ୍, କଲେଜ ଛକ | ଦେବଶ୍ରିତା ଦାସ | ରେଭେନ୍ସା ବିଶ୍ୱବିଦ୍ୟାଳୟ |
| ଢେଙ୍କାନାଳ | ୧ମ | ସୁଶ୍ରୀ ସାଗରିକା ସ୍ୱାଇଁ | ପିଏମ୍ଶ୍ରୀ ବ୍ରଜନାଥ ବଡ଼ଜେନା ହାଇସ୍କୁଲ | -- | -- |
| | ୨ୟ | ହନସୁଜା ହିମାଳିନୀ | ମନଫଟ ବିଦ୍ୟାଳୟ | -- | -- |
| | ୩ୟ | ବିଶ୍ୱବନ୍ଦିତା ମହାପାତ୍ର | ସେଣ୍ଟ୍ ଜାଭିୟର୍ ହାଇସ୍କୁଲ | -- | -- |
| ମୟୂରଭଞ୍ଜ | ୧ମ | ତସବି ପରବିନ | ସେଣ୍ଟ ଆନ୍ସିସ କନଭେଣ୍ଟ ସ୍କୁଲ | ଶୁଭଶ୍ରୀ ଦୀକ୍ଷିତ | ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୨ୟ | ତପସ୍ୱିନୀ ବେହେରା | ସାଇ ଆଦର୍ଶ ବିଦ୍ୟାମନ୍ଦିର | ଜସ୍ମିନ ଦାସ | ଏମ୍ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୩ୟ | ତନ୍ମୟା ସାହୁ | ରଘୁନାଥ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ | ଆର୍ଯ୍ୟନ ଦାସ | ବାରିପଦାର ସେଣ୍ଟ ଆନ୍ସିସ କନଭେଣ୍ଟ ସ୍କୁଲ |
| ଗଜପତି | ୧ମ | ସ୍ନୋଇ ଜଶିକା ଦାଶ | ସେଞ୍ଚୁରିୟନ୍ ପବ୍ଲିକ ସ୍କୁଲ | ମହାଲକ୍ଷ୍ମୀ ମହାପାତ୍ର | ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୨ୟ | ଅଜିତ୍ କୁମାର ପାଣିଗ୍ରାହୀ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର | ସୁଲଗ୍ନା ପଟ୍ଟନାୟକ | ସେଞ୍ଚୁରିୟନ ପବ୍ଲିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ |
| | ୩ୟ | ସାଇଶ୍ରୀ ପଣ୍ଡିତ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର | ନିଉଟନ୍ ଶବର | ବିନୋଦିନୀ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ |
| ଗଞ୍ଜାମ | ୧ମ | ବି ଅବିନାଶ ଦାଶ | ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ | ଅମ୍ବିକା ପ୍ରସାଦ ମହାପାତ୍ର | ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ |
| | ୨ୟ | ଆଶୁତୋଷ ସାହୁ | ମେଡ଼ିକାଲ କ୍ୟାମ୍ପସ ହାଇସ୍କୁଲ | ଅଭିଷେକ ସାମନ୍ତରାୟ | ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ |
| | ୩ୟ | ମହିକା ପ୍ରଧାନ | ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗଜପତିନଗର | ବସୁନ୍ଧରା ପାଣିଗ୍ରାହୀ | ଦି ୟୁରୋ ସ୍କୁଲ, ଛତ୍ରପୁର |
| କନ୍ଧମାଳ | ୧ମ | ସାଇ ଶୁଭମ ମହାନ୍ତି | ପବ୍ଲିକ ସ୍କୁଲ | ସ୍ୱାଗତିକା ତ୍ରିପାଠୀ | ସରକାରୀ ମହାବିଦ୍ୟାଳୟ |
| | ୨ୟ | ଶୁଭମ ଡାକୁଆ | ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର | ଶ୍ରଦ୍ଧାଞ୍ଜଳି ସାହୁ | ସରକାରୀ ମହାବିଦ୍ୟାଳୟ |
| | ୩ୟ | ଶୁଭଶ୍ରୀ ସା | ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର | ରସନୀ ମହାନନ୍ଦ | ସଞ୍ଜୟ ସ୍ମୃତି ମହିଳା ମହାବିଦ୍ୟାଳୟ |
| କେନ୍ଦ୍ରାପଡ଼ା | ୧ମ | ସିମ୍ରନ ବେହେରା | ସେଣ୍ଟ ଜାଭିୟର ହାଇସ୍କୁଲ | ଅନନ୍ୟା ପ୍ରଜ୍ଞାସ୍ମିତା ତ୍ରିପାଠୀ | ଧରଣୀଧର ବିଶ୍ୱବିଦ୍ୟାଳୟ |
| | ୨ୟ | ଆୟୁଷା ମଙ୍ଗରାଜ | ସେଣ୍ଟ୍ ଜାଭିୟର ହାଇସ୍କୁଲ | ସତ୍ୟଜିତ ସାହୁ | ଇଗ୍ନୋ, କେନ୍ଦ୍ରାପଡ଼ା |
| | ୩ୟ | ସ୍ୱାତୀପ୍ରଜ୍ଞା ପଣ୍ଡା | ଦାମୋଦରଜୀୟୁ ବିଦ୍ୟାପୀଠ | ଓମ୍ପ୍ରକାଶ ରଥ | ଏଚଏନଏସ କଲେଜ, ଚାନ୍ଦୋଳ |
| ଜଗତସିଂହପୁର | ୧ମ | ଅଭିଷେକ ତ୍ରିପାଠୀ | ରସଲପୁର ସରକାରୀ ଉଚ୍ଚ ବିଦ୍ୟାଳୟ | ରାଜକୁମାର ଶତପଥୀ | ଜଗତସିଂହପୁର ଏସଭିଏମ କଲେଜ |
| | ୨ୟ | ଅମିତ୍ରା ଷଡ଼ଙ୍ଗୀ | ବୃନ୍ଦାବନ ଉଚ୍ଚବିଦ୍ୟାଳୟ, ମାର୍କଣ୍ଡପୁର | ଦର୍ଶନ ସାରଦା ଶତପଥୀ | ଜଗତସିଂହପୁର, ଏସଭିଏମ କଲେଜ |
| | ୩ୟ | ଆଦ୍ୟାଶା ପ୍ରିୟଦର୍ଶିନୀ | ଜଗତସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ | ଶ୍ରଦ୍ଧାଞ୍ଜଳି ପାତ୍ର | ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ, ଆଶ୍ରମପାଟଣା |
| ଯାଜପୁର | ୧ମ | ସ୍ୱସ୍ତିକା ରାଉତ | ଆଦର୍ଶ ବିଦ୍ୟାଳୟ, ଦାନଗଦୀ | କେଶରୀ ପ୍ରସାଦ ମହାନ୍ତି | ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର |
| | ୨ୟ | ସ୍ୱର୍ଣ୍ଣଲକ୍ଷ୍ମୀ ବେହେରା | ଉପେନ୍ଦ୍ର କୁମାର ହାଇସ୍କୁଲ, ଯାଜପୁର | ସାଇ ଶଙ୍କର ବାରିକ | ମା' ତାରିଣୀ ଡିଗ୍ରୀ ମହାବିଦ୍ୟାଳୟ ପାଣିକୋଇଲି |
| | ୩ୟ | ପ୍ରଜ୍ଞା ପାରମିତା କୁଣ୍ଡୁ | ପଞ୍ଚାୟତ ହାଇସ୍କୁଲ, ନାଥସାହି | ମାନସ ରଞ୍ଜନ ସେନାପତି | ଡି.ଆଇ.ଇ.ଟି, ଡୋଲିପୁର |
| ବାଲେଶ୍ୱର | ୧ମ | ତୁଲସୀ ରଣା | ବାଲେଶ୍ୱର ଟାଉନ ହାଇସ୍କୁଲ | ଉପାସନା ପଟ୍ଟନାୟକ | ଫକୀରମୋହନ ବିଶ୍ୱବିଦ୍ୟାଳୟ |
| | ୨ୟ | ପିଆଲି ପଡ଼ିଆରି | ବାଲିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର | ଚନ୍ଦ୍ରାୟ ହେମ୍ବ୍ରମ | ଟେମ୍ପୁଲସିଟି ଇଞ୍ଜିନିୟରିଂ କଲେଜ |
| | ୩ୟ | ଅନ୍ଦିତ କୁମାର ଦାସ | ମଡର୍ଣ୍ଣ ପବ୍ଲିକ ସ୍କୁଲ | ଦୀପସା ତ୍ରିପାଠୀ | ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ |
| ଭଦ୍ରକ | ୧ମ | ଋତୁପୂର୍ଣ୍ଣା ନାୟକ | ଭଦ୍ରକ ବିଦ୍ୟାର୍ଥୀ ଇଣ୍ଟରନ୍ୟାସନାଲ ସ୍କୁଲ | ଉଦୀପ୍ତା କର | ଏସ୍ବିଡି ଇଣ୍ଟରନ୍ୟାସନାଲ ସ୍କୁଲ |
| | ୨ୟ | ଅନ୍ନପୂର୍ଣ୍ଣା ସେଠୀ | ଏସ୍ବିଡି ଇଣ୍ଟରନ୍ୟାସନାଲ ସ୍କୁଲ | ତୃପ୍ତିରାଣୀ ପଣ୍ଡା | ଏସ୍ବିଡି ଇଣ୍ଟରନ୍ୟାସନାଲ ସ୍କୁଲ |
| | ୩ୟ | ଜ୍ୟୋତିପ୍ରଜ୍ଞା ରାଉତ | ଏସବିଡି ଇଣ୍ଟରନ୍ୟାସନାଲ ସ୍କୁଲ | ମଧୁସ୍ମିତା ବିଶ୍ୱାଳ | ବିଦ୍ୟାର୍ଥୀ ଇଣ୍ଟରନ୍ୟାସନାଲ ସ୍କୁଲ |
| କେନ୍ଦୁଝର | ୧ମ | ଅନନ୍ୟା ଲେଙ୍କା | ଏସ୍ଏସ୍ଭିଏମ୍, କେନ୍ଦୁଝରଗଡ଼ | ଆୟୁଷା ପଟ୍ଟନାଏକ | ଧରଣୀଧର ବିଶ୍ୱବିଦ୍ୟାଳୟର |
| | ୨ୟ | ତନୁଶ୍ରୀ ପଣ୍ଡା | ଏସ୍ଏସ୍ଭିଏମ୍, କେନ୍ଦୁଝରଗଡ଼ | ଶତାବ୍ଦୀ ମହାନ୍ତି | ଧରଣୀଧର ଉଚ୍ଚମାଧ୍ୟମିକ ବିଦ୍ୟାଳୟର |
| | ୩ୟ | ବିଶ୍ୱଜିତ ଦାଶ | ଡିଏନ ହାଇସ୍କୁଲ | ରଶ୍ମିତା ଶତପଥୀ | ଡିଡି ବିଶ୍ୱବିଦ୍ୟାଳୟର |
| ରାୟଗଡ଼ା | ୧ମ | ରାଜ ନାୟକ | ଗୋପବନ୍ଧୁ ମୁନସିପାଲିଟି ହାଇସ୍କୁଲ | ସାଇରେନ୍ଦ୍ରି ସିଲା ସାହୁ | ରାୟଗଡ଼ା ଜିଆଇଏସିଆର୍ କଲେଜ |
| | ୨ୟ | ନନ୍ଦିନୀ ଶତପଥୀ | ରାୟଗଡ଼ା ବାଳିକା ଉଚ୍ଚବିଦ୍ୟାଳୟ | ଶୁଭେନ୍ଦ୍ର କୁମାର ପାତ୍ର | ରାୟଗଡ଼ା ମଡେଲ ଡିଗ୍ରୀ କଲେଜ |
| | ୩ୟ | ଦିବ୍ୟକୃପା ଦାଶ | ରାୟଗଡ଼ା ଶ୍ରୀଚୈତନ୍ୟ ଟେକ୍ନୋ ସ୍କୁଲ | ସୂରଜ କନ୍ଧପାଣି | ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ |
| ନବରଙ୍ଗପୁର | ୧ମ | ଭି.ତନୁଶ୍ରୀ | ନବରଙ୍ଗପୁର ପିଏମଶ୍ରୀ ଆର୍ସିଡି ହାଇସ୍କୁଲ | ସୌମ୍ୟା ନନ୍ଦ | ନବରଙ୍ଗପୁର ବିନୋଦ ବିହାର ମହାବିଦ୍ୟାଳୟ |
| | ୨ୟ | ଅଭୀପ୍ସା ପରିଚ୍ଛା | ନବରଙ୍ଗପୁର ଏସ୍ଏସ୍ଭିଏମ୍ | ପ୍ରିୟଙ୍କା ନାୟକ | ନବରଙ୍ଗପୁର ବିନୋଦ ବିହାର ମହାବିଦ୍ୟାଳୟ |
| | ୩ୟ | ଅବିନାଶ ସାହୁ | ନବରଙ୍ଗପୁର ଏସ୍ଏସ୍ଭିଏମ୍ | ଭି. ଅନିତା ଆଚାରି | ନବରଙ୍ଗପୁର ବିଦ୍ୟାର୍ଥୀ ସ୍ନାତକ ବିଜ୍ଞାନ ମହାବିଦ୍ୟାଳୟ |
| ମାଲକାନଗିରି | ୧ମ | ଶୁଭସ୍ମିତା ସ୍ୱାଇଁ | ବାଲିମେଳା ବାଳିକା ଉଚ୍ଚବିଦ୍ୟାଳୟ | ହୃଷୀକେଶ ପଣ୍ଡା | ସତ୍ୟନାରାୟଣ ମହାବିଦ୍ୟାଳୟ |
| | ୨ୟ | ଆଦର୍ଶ ଜ୍ଞାନରଞ୍ଜନ ନନ୍ଦ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଦ୍ୟାଳୟ | ଶିଭା ମାଟାମ | ସତ୍ୟନାରାୟଣ ମହାବିଦ୍ୟାଳୟ |
| | ୩ୟ | ଶ୍ରୀଧା ରଥ | ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ | ତପସ୍ୱିନୀ ଓଝା | ମାଲକାନଗିରି ଡିଗ୍ରୀ ମହାବିଦ୍ୟାଳୟ |
| କୋରାପୁଟ | ୧ମ | ସତତ୍ କୁମାର ଗନ୍ତାୟତ | ପ୍ରକାଶ ବିଦ୍ୟାଳୟ, ଜୟପୁର | ଦେବାଶିଷ ସାହୁ | କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ |
| | ୨ୟ | ତିତିକ୍ଷା ମିଶ୍ର | ଏସ୍ଏସ୍ଭିଏମ୍, ଶାରଦା ବିହାର, ଜୟପୁର | ମାନସୀ ରାଣି ମହାନ୍ତି | ବିକ୍ରମଦେବ ବିଶ୍ୱବିଦ୍ୟାଳୟ |
| | ୩ୟ | ଇପ୍ସିସା ମହାନ୍ତି | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କୋରାପୁଟ | ପ୍ରୀତମ ପ୍ରୟାସ ପଣ୍ଡା | ବିକ୍ରମଦେବ ବିଶ୍ୱବିଦ୍ୟାଳୟ |
| ବଲାଙ୍ଗିର | ୧ମ | ଦମୟନ୍ତୀ ଖୁଆସ | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ | ବ୍ୟୋମେକେଶ ଦତ୍ତ ତ୍ରିପାଠୀ | ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ |
| | ୨ୟ | ବିନ୍ଦିୟା ବେହେରା | ବିଶ୍ୱାତ୍ମା ବିଦ୍ୟାମନ୍ଦିରର ଛାତ୍ରୀ | ପ୍ରତିଶ୍ରୁତି ନାୟକ | ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛାତ୍ରୀ |
| | ୩ୟ | ଶୁଭମ ପଣ୍ଡା | ପୃଥ୍ୱୀରାଜ ଉଚ୍ଚବିଦ୍ୟାଳୟର ଛାତ୍ର | ସନ୍ଧ୍ୟାରାଣୀ ପଧାନ | ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ |
| ଦେବଗଡ଼ | ୧ମ | ଶ୍ରୀୟେଶ୍ୱରୀ ଗଡ଼ନାୟକ | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ | ଓଁକାର ସେଠୀ | ଆପ୍ରାଇଜ ଇନଷ୍ଟିଚ୍ୟୁଟ୍ |
| | ୨ୟ | କ୍ରିତିକା କିରଣ ସାମଲ | ସରସ୍ୱତୀ ଶିଶୁବିଦ୍ୟାମନ୍ଦିର | ସାବିତ୍ରୀ ବେହେରା | ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନ |
| | ୩ୟ | ସୋନାଲିସା ଦାସ | ଶୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟ ଛାତ୍ରୀ | ସୁନୟନା ଦେହୁରୀ | ଆପ୍ରାଇଜ ଇନଷ୍ଟିଚ୍ୟୁଟ୍ |
| କଳାହାଣ୍ଡି | ୧ମ | ଅନିନ୍ଦିତା ସାହୁ | ବିମଳା କନଭେଣ୍ଟ ସ୍କୁଲ, ଭବାନୀପାଟଣା | ଆର୍ଯ୍ୟା ନାୟକ | ମାଁ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ |
| | ୨ୟ | ଐଶ୍ୱର୍ଯ୍ୟା ସିଂହ | ଭବାନୀପାଟଣା ବିମଳା କନଭେଣ୍ଟ ସ୍କୁଲ | ଟୁନା କଣ୍ଡୋଗିରି | ବିଇଡି କଲେଜ ସିଟିଇ, ଭବାନୀପାଟଣା |
| | ୩ୟ | ଅନନ୍ୟା ମିଶ୍ର | ବ୍ରଜବିହାର ଏସ୍ଏସ୍ଭିଏମ୍, ଭବାନୀପାଟଣା | ତପନ କୁମାର ବେହେରା | ବିଇଡି କଲେଜ ସିଟିଇ, ଭବାନୀପାଟଣା |
| ନୂଆପଡ଼ା | ୧ମ | ଦୀପିକା ପ୍ରିୟଦର୍ଶିନୀ ବିଶି | ଜ୍ଞାନଜ୍ୟୋତି ବିଦ୍ୟାଳୟ | କିରଣ ସାହୁ | ନ୍ୟାସନାଲ କଲେଜ |
| | ୨ୟ | ବର୍ଷା ପ୍ରିୟଦର୍ଶିନୀ | କେନ୍ଦ୍ରୀୟ ବିଦ୍ୟାଳୟ | ଜାନକୀ ଦଣ୍ଡସେନା | ନ୍ୟାସନାଲ କଲେଜ |
| | ୩ୟ | ଦେବକୀ ଦୀପ | ଜ୍ଞାନଜ୍ୟୋତି ବିଦ୍ୟାଳୟ | ଜୟଚନ୍ଦ୍ର ରଣା | ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ |
| ସମ୍ବଲପର | ୧ମ | ମୃଣ୍ମୟୀ ପ୍ରଧାନ | ସେଭେନ ହିଲ୍ସ ରେସିଡେନ୍ସିଆଲ ସ୍କୁଲ | ଶ୍ରୁତିରେଖା ଆଚାର୍ଯ୍ୟ | ସରକାରୀ ମହିଳା ମହାବିଦ୍ୟାଳୟ |
| | ୨ୟ | ସ୍ନେହମୟୀ ମହାପାତ୍ର | ଏସ୍ଏସ୍ଭିଏମ୍, ସିଦ୍ଧେଶ୍ୱରବେର୍ଣ୍ଣା | ମାନସ ରଞ୍ଜନ ଦୀକ୍ଷିତ | ସୁଇଟ୍, ସମ୍ବଲପୁର ବିଶ୍ୱବିଦ୍ୟାଳୟ |
| | ୩ୟ | ଅଙ୍କେଶ କୁମାର ନାଥ | ଓଏଭି, ଜମନକିରା | ବର୍ଷାରାଣୀ ମେହେର | ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ |
| ରାଉରକେଲା | ୧ମ | ପ୍ରିୟଙ୍କା ପ୍ରିୟଦର୍ଶିନୀ | ଆଦର୍ଶ ବିଦ୍ୟାପୀଠ, ସାରନଗରୀ | ପ୍ରୟାସ ପ୍ରୀତିରଞ୍ଜନ ବାରିକ | ପାନପୋଷ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୨ୟ | ପ୍ରୟାଗରାଜ ବାରିକ | ଛେଣ୍ଡ ଚିନ୍ମୟ ଇଂଲିଶ ମିଡିୟମ ସ୍କୁଲ | ପ୍ରସପିତା ପ୍ରିୟଦର୍ଶିନୀ | ପାନପୋଷ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ |
| | ୩ୟ | ଅଲିଶା ରାୟ | ବାସନ୍ତୀ କଲୋନୀ ସରକାରୀ ହାଇସ୍କୁଲ | ବିଜେୟନ୍ଦ୍ରୀ ମହାନ୍ତି | ପାନପୋଷ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ |
| ଝାରସୁଗୁଡ଼ା | ୧ମ | ଅଭୀପ୍ସା କର | ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ | ଫାଲଗୁନୀ ବେହେରା | ପିକେଏସ୍ଏସ୍ କଲେଜ |
| | ୨ୟ | ଏକତା ପ୍ରଧାନ | ଡିଏଭି ପବ୍ଲିକ ସ୍କୁଲ ଏସଓସିପି ବ୍ରଜରାଜନଗର | ଉଷାରାଣୀ ବେହେରା | ପିକେଏସ୍ଏସ୍ କଲେଜ |
| | ୩ୟ | ଆରାଧ୍ୟା ପଣ୍ଡା | ବ୍ରଜରାଜନଗର ଡାନିଏଲ ପବ୍ଲିକ ସ୍କୁଲ | ଦିବ୍ୟା ଭୋଇ | ପିକେଏସ୍ଏସ୍ କଲେଜ |
| ବୌଦ୍ଧ | ୧ମ | ଆର୍ଯ୍ୟନାରାୟଣ ଦେବ | ସେଣ୍ଟ ଜାଭିୟର୍ ପବ୍ଲିକ ସ୍କୁଲ | ସୁନେଲି ବାଘ | ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ |
| | ୨ୟ | ଆଧ୍ୟଯତ୍ରୀ ପୁରୋହିତ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର | ତେଜଲିନ ସାହୁ | ମଡେଲ ଡିଗ୍ରୀ କଲେଜ |
| | ୩ୟ | ବବିନ ବାଘ | ବୁଟୁପାଲି ହାଇସ୍କୁଲ | ବିମଳା ନାଏକ | ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ |
| ବରଗଡ଼ | ୧ମ | ସାଲିନୀ ସା | ରାଣାପ୍ରତାପ ସ୍କୁଲ | ଅବିନାଶ ନାଗ | ପଞ୍ଚାୟତ ଡିଗ୍ରୀ କଲେଜ |
| | ୨ୟ | ପୀୟୂଷ ନାଏକ | ଜର୍ଜ ଉଚ୍ଚ ବିଦ୍ୟାଳୟର | ଚନ୍ଦ୍ରିକା ପ୍ରଧାନ | ଆପ୍ରାଇଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ |
| | ୩ୟ | ପାୟଲ ପଣ୍ଡା | ପିଏମ୍ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ | ଧରିତ୍ରୀ ପ୍ରଧାନ | ପଞ୍ଚାୟତ ଡିଗ୍ରୀ କଲେଜ |


# ରାଜ୍ୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ମନୋନୀତ ପ୍ରତିଯୋଗୀ



ପାଟଯୋଶୀ ସୌରୀ ପ୍ରସାଦ ମିଶ୍ର
ସ୍ମୃତିସ୍ମିତା ରାଉତ
ତୁଳସୀ ରଣା
ଉପାସନା ପଟ୍ଟନାୟକ
ସାଲିନୀ ସା
ଅବିନାଶ ନାଗ



ଶୁଭଲକ୍ଷ୍ମୀ ସାହୁ
ଶାଶ୍ୱତୀ ପ୍ରିୟଦର୍ଶିନୀ
ଅନିନ୍ଦିତା ସାହୁ
ଆର୍ଯ୍ୟା ନାୟକ
ଦମୟନ୍ତୀ ଖୁଆସ
ବ୍ୟୋମେକେଶ ଦତ୍ତ ତ୍ରିପାଠୀ



ଆର୍ଯ୍ୟନାରାୟଣ ଦେବ
ସୁନେଲି ବାଘ
ଶ୍ରୀୟେଶ୍ୱରୀ ଗଡ଼ନାୟକ
ଓଁକାର ସେଠୀ
ମହାଲକ୍ଷ୍ମୀ ମହାପାତ୍ର
ସ୍ନୋଇ ଜଶିକା ଦାଶ



ଅଭୀପ୍ସା କର
ଫାଲଗୁନୀ ବେହେରା
ଅନନ୍ୟା ଲେଙ୍କା
ଆୟୁଷା ପଟ୍ଟନାଏକ
ସତତ୍ କୁମାର ଗନ୍ତାୟତ
ଦେବାଶିଷ ସାହୁ



ଶୁଭସ୍ମିତା ସ୍ୱାଇଁ
ହୃଷୀକେଶ ପଣ୍ଡା
ତସବି ପରବିନ
ଶୁଭଶ୍ରୀ ଦୀକ୍ଷିତ
ଭି.ତନୁଶ୍ରୀ
ସୌମ୍ୟା ନନ୍ଦ



ପ୍ରୀତିମୟୀ ସାହୁ
ସାଗର ବେହେରା
ଦୀପିକା ପ୍ରିୟଦର୍ଶିନୀ ବିଶି
କିରଣ ସାହୁ
ସ୍ୱାଗତିକା ତ୍ରିପାଠୀ
ସାଇ ଶୁଭମ ମହାନ୍ତି



ରାଜ ନାୟକ
ସାଇରେନ୍ଦ୍ରି ସିଲା ସାହୁ
ପ୍ରିୟଙ୍କା ପ୍ରିୟଦର୍ଶିନୀ
ପ୍ରୟାସ ପ୍ରୀତିରଞ୍ଜନ ବାରିକ
ମୃଣ୍ମୟୀ ପ୍ରଧାନ
ଶ୍ରୁତିରେଖା ଆଚାର୍ଯ୍ୟ



ଋତୁପୂର୍ଣ୍ଣା ନାୟକ
ଉଦିପ୍ତା କର
ସିମ୍ରନ ବେହେରା
ଅନନ୍ୟା ପ୍ରଜ୍ଞାସ୍ମିତା ତ୍ରିପାଠୀ
ସୁଶ୍ରୀ ସାଗରିକା ସ୍ୱାଇଁ



ବି ଅବିନାଶ ଦାଶ
ଅମ୍ବିକା ପ୍ରସାଦ ମହାପାତ୍ର
ହିମାଂଶୁ ସାହୁ
ପ୍ରଜ୍ଞାଶ୍ରୀ ପଟ୍ଟନାୟକ
ପ୍ରସମିତ କାନୁନଗୋ
ସିଦ୍ଧାନ୍ତ କୁମାର ସାହୁ



କେଶରୀ ପ୍ରସାଦ ମହାନ୍ତି
ସ୍ୱସ୍ତିକା ରାଉତ
ଅଭିଷେକ ତ୍ରିପାଠୀ
ରାଜକୁମାର ଶତପଥୀ
ଶୁଭାଙ୍ଗୀ ସାହୁ
ରୋଜାଲିନ ରାଉତ

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।


**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୭୧- ନ୍ୟାସନାଲ ରାଇଫଲ୍ ଆସୋସିଏସନ୍ ଗଠନ।
- ୧୯୧୪- ବେନିତୋ ମୁସୋଲିନୀଙ୍କୁ ଇଟାଲୀୟ ସମାଜବାଦୀ ପାର୍ଟିରୁ ବାହାର କରାଗଲା।
- ୧୯୬୯- ଆପୋଲୋ ୧୨ ମହାକାଶଯାନ ପୃଥିବୀକୁ ଫେରୁଥିବା ସମୟରେ ପ୍ରଶାନ୍ତ ମହାସାଗରରେ ଖସିପଡ଼ିଲା।
- ୧୯୯୨- ଚୀନ୍‌ର ଏକ ଘରୋଇ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୪୧ ଲୋକଙ୍କ ମୃତ୍ୟୁ।




## ସିଂହାସନରେ ବସିବା ପୂର୍ବରୁ ପଥର ଉପରେ ବସନ୍ତି ରାଜା

ସାଧାରଣତଃ କୌଣସି ବ୍ୟକ୍ତି ରାଜା ହେଲେ ରାଜ୍ୟାଭିଷେକ କରାଯାଇ ତାଙ୍କୁ ରାଜ ସିଂହାସନରେ ବସାଯାଏ। ବ୍ରିଟେନରେ କିନ୍ତୁ ଏହାକୁ ନେଇ ଭିନ୍ନତା ଦେଖିବାକୁ ମିଳିଥାଏ। ଏଠାରେ ରାଜାଙ୍କୁ ରାଜ୍ୟାଭିଷେକ ସମୟରେ ଏକ ପଥର ଉପରେ ବସିବା ପରମ୍ପରା ରହିଛି। ୧୫୨ କେଜି ଓଜନର ଏହି ପଥରକୁ ଭାଗ୍ୟର ପଥର ବା ଷ୍ଟୋନ ଅଫ୍ ଡେଷ୍ଟିନି ବୋଲି କୁହାଯାଏ। ଏହା ସ୍କଟିଶ୍ ରାଜତନ୍ତ୍ରର ପ୍ରତୀକ ଭାବେ ଜଣାଯାଏ। ଭାଗ୍ୟ ପଥର ବା ଲିୟା ଫେଲ୍ ନାମକ ଏହି ଆୟତାକର ବାଲୁଆ ପଥର କାହିଁ କେଉଁ କାଳୁ ବ୍ରିଟେନ ରାଜାଙ୍କ ରାଜ୍ୟାଭିଷେକ ସହ ଜଡ଼ିତ। ଐତିହାସିକମାନଙ୍କ କହିବାନୁଯାୟୀ, ଚଉଦଶହ ଶତାବ୍ଦୀରୁ ବ୍ରିଟିଶ୍ ରାଜ୍ୟାଭିଷେକ ପାଇଁ ଏହା ବ୍ୟବହୃତ ହୋଇଆସୁଛି। ବାସ୍ତବିକ ରୂପେ ଏହା କେବେଠୁ ବ୍ୟବହୃତ ହୋଇଆସୁଛି, ତାହା କେହି ଜାଣନ୍ତିନି। ଏହାର ଉତ୍ପତ୍ତି ମଧ୍ୟ ରହସ୍ୟମୟ। ଏହାକୁ ନେଇ ବିଶେଷଜ୍ଞମାନେ ମଧ୍ୟ ବହୁ ଅଧ୍ୟୟନ କରିଛନ୍ତି। ବୈଜ୍ଞାନିକମାନଙ୍କ ତଥ୍ୟ ଅନୁଯାୟୀ, ଏହା ସ୍କଟଲ୍ୟାଣ୍ଡରେ ମିଳୁଥିବା ଏକ ବାଲୁଆ ପଥର। ସେହିଭଳି ଏଠାରେ ପ୍ରଚଳିତ ଲୋକକଥା ଅନୁଯାୟୀ, ଏହି ପଥର ୩୦୦୦ ବର୍ଷ ପୂର୍ବେ ପାଲେଷ୍ଟାଇନ୍‌ରୁ ଆସିଥିଲା। ଏଥିରେ ଯାକୁବ୍ ନିଜର ମୁଣ୍ଡ ରଖି ଶୋଇଥିଲେ ଏବଂ ସ୍ୱପ୍ନରେ ସ୍ୱର୍ଗକୁ ଶିଡ଼ି ଦେଖିଥିଲେ। ପରବର୍ତ୍ତୀ ସମୟରେ ଏହାକୁ ଆୟରଲ୍ୟାଣ୍ଡକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଏହା ରାଜାମାନଙ୍କ ରାଜ୍ୟାଭିଷେକରେ ବ୍ୟବହାର ହେଉଥିଲା। ଏହାପରେ ଏହି ପଥର ସ୍କଟଲ୍ୟାଣ୍ଡ ଆସିଥିଲା। ଏହା ରାଜା ନିର୍ମାଣକାରୀ ପଥର ଭାବେ ପ୍ରସିଦ୍ଧି ଲାଭ କରିଥିଲା। ସେହିପରି ମାନ୍ୟତା ରହିଛି, ରାଜା ପଦ ପାଇଁ ଯୋଗ୍ୟ ବ୍ୟକ୍ତି ଏହି ପଥର ଉପରେ ବସିବା ଦ୍ୱାରା ଶବ୍ଦ ବାହାରିଥାଏ। ନବମ ଶତାବ୍ଦୀରେ ଏହାକୁ ସ୍କଟ୍‌ଲ୍ୟାଣ୍ଡର ସ୍କୋନ୍ ଏବେରେ ରଖାଯାଇଥିଲା। ଏହି ପଥର ସ୍କଟିଶ୍ ରାଷ୍ଟ୍ରବାଦର ପ୍ରତୀକ ଭାବେ ଜଣାଯାଏ।

## 'ବାରାଣସୀ'ରେ ମାଧବନ୍‌ଙ୍କ ଏଣ୍ଟ୍ରି

ଏସ୍. ଏସ୍ ରାଜମୌଲିଙ୍କ ଫିଲ୍ମ 'ଏସ୍‌ଏସ୍‌ଏମ୍‌ବି୨୯'କୁ ନେଇ ଦର୍ଶକଙ୍କ ଭିତରେ ବେଶ୍ ଉତ୍ସାହ ରହିଛି। ନଭେମ୍ବର ୧୫ରେ ରାଜମୌଲି ଫିଲ୍ମର ଟାଇଟଲ୍ ବିଧିବଦ୍ଧଭାବେ 'ବାରାଣସୀ' ବୋଲି ଘୋଷଣା କରିଛନ୍ତି। ଏଥିପାଇଁ ସେ ରାମୋଜି ଫିଲ୍ମ ସିଟିରେ ଏକ ଗ୍ରାଣ୍ଡ ଇଭେଣ୍ଟର ଆୟୋଜନ କରିଥିଲେ। ଏଥିରେ ଫିଲ୍ମର ପ୍ରଥମ ଝଲକ ମଧ୍ୟ ଦେଖାଯାଇଥିଲା। ଏହି ଇଭେଣ୍ଟ ପାଇଁ ପାଖାପାଖି ୨୦ କୋଟି ଖର୍ଚ୍ଚ ହୋଇଥିବା ଚର୍ଚ୍ଚା ହେଉଛି। ପୂର୍ବରୁ ଫିଲ୍ମର ବଜେଟ୍ ୧୦୦୦ କୋଟି ହେବ ବୋଲି କୁହାଯାଉଥିବାବେଳେ ଏହା ଏବେ ୧୩୦୦ କୋଟିରେ ପହଞ୍ଚିଛି। ଏଥିରେ ଲିଡ୍ ରୋଲରେ ମହେଶବାବୁ, ପୃଥ୍ୱୀରାଜ ସୁକୁମାରନ୍ ଓ ପ୍ରିୟଙ୍କା ଚୋପ୍ରା ଦେଖାଯିବେ। ମହେଶବାବୁ ଓ ପ୍ରିୟଙ୍କା ଏବେ ଏହାର ଲଗାତାର ସୁଟିଂ କରୁଛନ୍ତି। କାରଣ ରାଜମୌଲି ଏହାକୁ ୨୦୨୭ରେ ରିଲିଜ୍ କରିବାପାଇଁ ଯୋଜନା କରିଛନ୍ତି। ସେଥିପାଇଁ ସେ ଏହାର ସୁଟିଂ ୨୦୨୬ ସୁଦ୍ଧା ସାରିବା ପାଇଁ ଯୋଜନା କରିଛନ୍ତି। ତେବେ ଏଥିରେ ମହେଶବାବୁ କେଉଁ ଚରିତ୍ରରେ ଅଭିନୟ କରୁଛନ୍ତି ସେନେଇ ଦର୍ଶକେ ଦ୍ୱନ୍ଦ୍ୱରେ ରହିଛନ୍ତି। ଅପରପକ୍ଷରେ ରାଜମୌଲିଙ୍କ ଏହି ଫିଲ୍ମରେ ହନୁମାନ ଭୂମିକାରେ ଆର୍. ମାଧବନ୍ ନଜର ଆସିବେ ବୋଲି ଏବେ ଚର୍ଚ୍ଚା ହେଉଛି। ଯଦିଓ ମେଗା ଇଭେଣ୍ଟରେ ମାଧବନ୍‌ଙ୍କୁ ନେଇ କିଛି କୁହାଯାଇ ନ ଥିଲା କିନ୍ତୁ ସମୟ ଆସିଲେ ଫିଲ୍ମ ନିର୍ମାତା ତାଙ୍କ ନାମ ଘୋଷଣା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତେବେ ଫିଲ୍ମରେ ଭଗବାନ ଶିବ, ରାମ ଓ ହନୁମାନଙ୍କ ଭୂମିକା ରହିବ ବୋଲି ମେଗା ଇଭେଣ୍ଟର ଏକ କ୍ଲିପ୍‌ରେ ଦେଖାଯାଇଥିଲା।




## ଭିନ୍ନ ଜଣେ ସଙ୍ଗୀତ ପ୍ରେମୀ

## ୫ଜି ଜମାନାରେ ଟେପ୍ ରେକର୍ଡରରେ ଶୁଣନ୍ତି ଗୀତ

ପ୍ରତ୍ୟେକ ବ୍ୟକ୍ତିଙ୍କର ଭିନ୍ନ ଭିନ୍ନ ସଉକ ରହିଥାଏ। କିଏ ସିନେମା ଦେଖିବାକୁ ଭଲ ପାଏ ତ ଆଉ କିଏ ଡାକଟିକଟ, ମୁଦ୍ରା ଆଦି ସାଇତି ରଖିବାକୁ ପସନ୍ଦ କରନ୍ତି। ହେଲେ ଏଥିରୁ ବ୍ୟତିକ୍ରମ ରାଜସ୍ଥାନ, ବିକାନେରର ମାୱା ପଟ୍ଟି ଅଞ୍ଚଳର ୭୫ବର୍ଷୀୟ ମୋତିଲାଲ ମୋହତା। ସେ ଦୀର୍ଘ ଛଅ ଦଶନ୍ଧି ହେଲାଣି ଟେପ୍ ରେକର୍ଡରରେ ଗୀତ ଶୁଣି ଆସୁଛନ୍ତି। ଫୋନ୍, ଲାପ୍‌ଟପ୍ ଯୁଗରେ ସେ ପ୍ରତିଦିନ ସକାଳ ଏବଂ ସନ୍ଧ୍ୟା ସମୟରେ ଏଥିରେ ପୁରୁଣା ଗୀତଗୁଡ଼ିକ ଶୁଣନ୍ତି। ସେ ପାଖାପାଖି ୫,୦୦୦ କ୍ୟାସେଟ୍ ସଂଗ୍ରହ କରି ରଖିଛନ୍ତି। ଏହା ତାଙ୍କ ପାଇଁ ସମ୍ପତ୍ତି ସଦୃଶ ବୋଲି ସେ କୁହନ୍ତି। ମୋତିଲାଲ ଗୀତ ଶୁଣିବାରେ ପାଖାପାଖି ୬ରୁ ୮ ଘଣ୍ଟା ସମୟ ବିତାଇଥାନ୍ତି। ତାଙ୍କ ପାଇଁ ପୁରୁଣା ସଙ୍ଗୀତ ଥେରାପି ସଦୃଶ। ଯଦି ସେ କେଉଁଦିନ ଗୀତ ଶୁଣି ନ ଥାନ୍ତି, ସେଦିନ ତାଙ୍କୁ ବିଚଳିତ ଲାଗେ ବୋଲି କୁହନ୍ତି। ଗୀତ ଶୁଣିବା ଅଭ୍ୟାସ ତାଙ୍କ ପାଇଁ ଔଷଧ ପରି କାମ କରିଥାଏ। ତେବେ ଟେପ୍ ରେକର୍ଡରରେ ପୁରୁଣା ଗୀତ ଶୁଣିବା ପଛରେ ଏକ ରୋଚକ



କାହାଣୀ ରହିଛି। ମୋତିଲାଲଙ୍କୁ ଯେତେବେଳେ ୧୫ ବର୍ଷ ବୟସ ହୋଇଥିଲା, ସେ ଏକ ଚା' ଦୋକାନ ଚଳାଉଥିଲେ। ସେତେବେଳେ ଏକ ଟେପ୍ ରେକର୍ଡର ତାଙ୍କୁ ଭଲ ଲାଗିଥିଲା। ଏହାର ଦାମ୍ ଜାଣିବାକୁ ସେ ଚେଷ୍ଟା କରିଥିଲେ। ଟେପ୍ ରେକର୍ଡର କିଣିବା ପାଇଁ ସେ ସମର୍ଥ ନୁହଁନ୍ତି ବୋଲି କେହି ଜଣେ ତାଙ୍କୁ କହିଥିଲେ। ଏହି କଥାକୁ ଖାତିର୍ ନ କରି ମୋତିଲାଲ ଟଙ୍କା ସଞ୍ଚୟ କରି କରି ଟେପ୍ ରେକର୍ଡର କିଣିଥିଲେ। ଏହାପର ଠାରୁ ତାଙ୍କର ଗୀତ ଶୁଣିବା ଅଭ୍ୟାସ ଚାଲିଲା। ସେ ବହୁତ ପୁରୁଣା ଗୀତର କ୍ୟାସେଟ୍ ସାଇତି ରଖିଛନ୍ତି। ପ୍ରତ୍ୟେକ କ୍ୟାସେଟ୍ ତାଙ୍କ ପାଇଁ ଏକ ସ୍ମୃତି। ଟେପ୍ ରେକର୍ଡର ଖରାପ ହୋଇଗଲେ, ସେ ତୁରନ୍ତ ଏହାକୁ ସଜାଡ଼ନ୍ତି ନଚେତ୍ ନୂଆ କିଣନ୍ତି। ଟେପ୍ ରେକର୍ଡରରେ ବାଜିଉଠୁଥିବା ଗୀତଗୁଡ଼ିକ ତାଙ୍କୁ ଯେମିତି ଜିଇଁବାର ସୁଯୋଗ ଦେଇଥାଏ। ମହମ୍ମଦ ରଫି, ଲତା ମଙ୍ଗେସକର, କିଶୋର କୁମାରଙ୍କଠାରୁ ନେଇ ମୁକେଶଙ୍କ ପର୍ଯ୍ୟନ୍ତ ଶହେରୁ ଊର୍ଦ୍ଧ୍ୱ ଗୀତ ତାଙ୍କର ମନେ ରହିଛି। ତେବେ ପିଲାଟି ଦିନରୁ ଅଭାବ ଅନଟନରେ ଚଳି ଆସୁଥିବାରୁ କେବଳ ଗୀତ ତାଙ୍କୁ ଜୀବନର ମାନେ ଶିଖାଇଥିବା ମୋତିଲାଲ କୁହନ୍ତି। କୌଣସି କାରଣରୁ ଯଦି ତାଙ୍କର ମନ ଦୁଃଖ ହୋଇଯାଏ, ସେ ତୁରନ୍ତ ଟେପ୍ ରେକର୍ଡରରେ ଗୀତ ବଜାଇ ଦିଅନ୍ତି। ଆଉ ଖୁସି ଅନୁଭବ କରନ୍ତି।



## ରାଶି ଅନୁସାରେ ରୁଦ୍ରାକ୍ଷ ଧାରଣ

ରୁଦ୍ରାକ୍ଷ ଧାରଣ କରିବା ଦ୍ୱାରା ଭଗବାନ ଶିବଙ୍କ କୃପା ପ୍ରାପ୍ତ ହୁଏ। ଏହାକୁ ଧାରଣ କରିବା ଦ୍ୱାରା ଜୀବନରେ ଦୁଃଖ ଓ ସଙ୍କଟ ଦୂର ହୋଇଥାଏ। ତା'ସହ ଏହା ମନକୁ ଶାନ୍ତ ରଖିବାରେ ସାହାଯ୍ୟ କରେ। ତେବେ ରୁଦ୍ରାକ୍ଷ ରାଶି ଅନୁସାରେ ଧାରଣ କରିବା ଉପରେ ଗୁରୁତ୍ୱ ଦେବା ଉଚିତ। କେଉଁ ରାଶି କେତେ ମୁଖୀ ରୁଦ୍ରାକ୍ଷ ଧାରଣ କରିବା ଶୁଭ, ସେ ସମ୍ପର୍କରେ ଜାଣିବା।

ମେଷ ରାଶି ୫ ମୁଖୀ ରୁଦ୍ରାକ୍ଷ ଧାରଣ କରିବା ଶୁଭ। ବୃଷ ରାଶି ୬ ଏବଂ ୧୦ ମୁଖୀ ରୁଦ୍ରାକ୍ଷ ଧାରଣ କରିବା ଭଲ। ସେହିପରି ମିଥୁନ ରାଶି ବ୍ୟକ୍ତି ବିଶେଷ ୪ ଏବଂ ୧୧ ମୁଖୀ ରୁଦ୍ରାକ୍ଷ ଧାରଣ କରିବା ଦ୍ୱାରା ଶୁଭ ଫଳ ମିଳେ। କର୍କଟ ରାଶି ପାଇଁ ୪ ମୁଖୀ ଏବଂ ଗୌରୀଶଙ୍କର ରୁଦ୍ରାକ୍ଷ ଧାରଣ କରିବା ଭଲ। ସେହିପରି ସିଂହ ରାଶି ୫ ମୁଖୀ ରୁଦ୍ରାକ୍ଷ ଧାରଣ କରିବା ଶୁଭ। କନ୍ୟା ରାଶିଙ୍କ ପାଇଁ ଗୌରିଶଙ୍କର ରୁଦ୍ରାକ୍ଷ ଧାରଣ କରିବା ଅତ୍ୟନ୍ତ ଲାଭକାରୀ। ତୁଲା ରାଶି ପାଇଁ ୭ ମୁଖୀ ଏବଂ ଗଣେଶ ରୁଦ୍ରାକ୍ଷ ଶୁଭ ହୋଇଥାଏ। ବୃଷ ରାଶି ପାଇଁ ୮ ଏବଂ ୧୩ ମୁଖୀ ରୁଦ୍ରାକ୍ଷ ଉତ୍ତମ। ତେବେ ଧନୁ ରାଶି ପାଇଁ ୯ ଏବଂ ୧ ମୁଖୀ ରୁଦ୍ରାକ୍ଷ ଶୁଭ ହୋଇଥିବା ବେଳେ ମକର ରାଶି ପାଇଁ ୧୦ ଏବଂ ୧୩ ମୁଖୀ ରୁଦ୍ରାକ୍ଷ ଶୁଭ। ଅନ୍ୟପଟେ କୁମ୍ଭ ରାଶି ପାଇଁ ୭ ମୁଖୀ ଏବଂ ମୀନ ରାଶି ବ୍ୟକ୍ତିଙ୍କ ପାଇଁ ୫ ମୁଖୀ ରୁଦ୍ରାକ୍ଷ ଧାରଣ କରିବା ଶୁଭ।

ସେହିପରି ରୁଦ୍ରାକ୍ଷ ଧାରଣ କରିବା ଦ୍ୱାରା ମାନସିକ ଚାପ କମ୍ ହୁଏ। ସ୍ୱାସ୍ଥ୍ୟରେ ସୁଧାର ଆସେ। ଜୀବନରେ ସକାରାତ୍ମକ ଶକ୍ତି ସଞ୍ଚାର ହୁଏ। ଆତ୍ମବିଶ୍ୱାସ ବଢ଼ିବା ସହିତ ଗ୍ରହଦୋଷ ଦୂର ହୁଏ। ରୁଦ୍ରାକ୍ଷ ଧାରଣ କରିବା ଦ୍ୱାରା ଆର୍ଥିକ କ୍ଷେତ୍ରରେ ସ୍ଥିରତା ଆସେ। ସୌଭାଗ୍ୟ ବୃଦ୍ଧି ପାଏ ଏବଂ ସଫଳତା ମିଳେ।

## ସ୍ତୁତି

## ଘରେ ଶିବଲିଙ୍ଗ ରଖୁଥିଲେ...

ଅନେକ ଲୋକ ଘରେ ଶିବଲିଙ୍ଗ ରଖି ପୂଜାର୍ଚ୍ଚନା କରିଥାନ୍ତି। ତେବେ ଘରେ ଶିବଲିଙ୍ଗ ସ୍ଥାପନାକୁ ଶୁଭ ବୋଲି କୁହାଯାଇଛି। ଅବଶ୍ୟ ଘରେ ଶିବଲିଙ୍ଗ ରଖି ପୂଜା କରିବାର କିଛି ନିୟମ ଅଛି।



- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଘରେ ଶିବଲିଙ୍ଗ ସ୍ଥାପନା କରାଯାଇପାରିବ। ହେଲେ ଶିବଲିଙ୍ଗ ପୂଜା ନିୟମ ନିଷ୍ଠା ଏବଂ ଶୁଦ୍ଧତାର ସହ କରିବା ଉଚିତ।
- ପ୍ରତ୍ୟେକ ଦିନ ଶିବଲିଙ୍ଗର ପୂଜାର୍ଚ୍ଚନା କରିବା ଅନିବାର୍ଯ୍ୟ।
- ସେହିପରି ଶିବଲିଙ୍ଗ ପାଖରେ ନିତିଦିନ ଭୋଗ ଲାଗି କରିବା ଉଚିତ।
- ଶିବଲିଙ୍ଗରେ ଜଳ ଏବଂ କ୍ଷୀରରେ ଅଭିଷେକ କରିବାକୁ ହେବ।
- ଅଭିଷେକ ପରେ ବଳକା ପାଣି ତଥା କ୍ଷୀରକୁ ଜଳରେ ପ୍ରବାହିତ କରନ୍ତୁ।

## ରାମ ନାମ ଜପର ମହତ୍ତ୍ୱ



ରାମ ନାମ ମହିମା ଅଦ୍ୱିତୀୟ। ଏହା କେବଳ ଆଧ୍ୟାତ୍ମିକ ସମସ୍ୟାର ସମାଧାନ କରି ନ ଥାଏ, ବରଂ ଜୀବନରେ ସୁଖ, ଶାନ୍ତି ଏବଂ ସଫଳତାରେ ଭରି ଦିଏ। ଧର୍ମଗ୍ରନ୍ଥ ଅନୁସାରେ, ରାମ ନାମ ଜପ କରିବା ଦ୍ୱାରା ଜୀବନରେ ସକାରାତ୍ମକ ଶକ୍ତି ସଞ୍ଚାର ହୁଏ। ରାମ ନାମ ଉଚ୍ଚାରଣରେ ମନ ଶାନ୍ତ ହୁଏ।

କଳିଯୁଗରେ ରାମ ନାମକୁ ସଞ୍ଜିବନୀ ବୋଲି କୁହାଯାଇଛି। ରାମ ନାମର ନିୟମିତ ଜପରେ ଜୀବନରୁ ବଡ଼ ବଡ଼ ସଙ୍କଟ ଦୂର ହୁଏ ଏବଂ କଠିନ ସମସ୍ୟାର ସମାଧାନ କରିବା ସହଜ ହୁଏ। ସେହିପରି ବିବାହରେ କୌଣସି ସମସ୍ୟା ସାମ୍ନା କରୁଥିଲେ, ରାମ ନାମ ଅଦ୍ଭୁତ ପରିଣାମ ଦିଏ। 'ରମାପତି' ନାମ ଜପ ଏବଂ ମାତା ସୀତାଙ୍କ ଧ୍ୟାନ କରିବା ଦ୍ୱାରା ବିବାହ ସମସ୍ୟା ଶୀଘ୍ର ଦୂର ହୁଏ ବୋଲି ବିଶ୍ୱାସ କରାଯାଏ। ସନ୍ତାନ ପ୍ରାପ୍ତିରେ ସମସ୍ୟା ଥିଲେ ୧୦୮ ଥର ରାମନାମ ଜପ ଦ୍ୱାରା ସନ୍ତାନ ସମ୍ବନ୍ଧି ଦୋଷ ସମାପ୍ତ ହେଉଥିବା ବି ବିଶ୍ୱାସ ଅଛି। ବିଜ୍ଞାନ ଅନୁସାରେ, ରାମନାମ ଜପ ଦ୍ୱାରା ଶରୀର ଏବଂ ମନରେ ସକାରାତ୍ମକ ପ୍ରତିକ୍ରିୟା ଆସେ। ଅନ୍ୟପଟେ ରାମନାମ ନିୟମିତ ଜପ ଦ୍ୱାରା ଐଶ୍ୱର୍ଯ୍ୟ ଏବଂ ଧନଧାନ୍ୟ ପ୍ରାପ୍ତ ହୁଏ। ଏହାବ୍ୟତୀତ ଶିକ୍ଷା ଏବଂ କ୍ୟାରିୟରରେ ଆସୁଥିବା ବାଧାକୁ ଦୂର କରିବା ଲାଗି ରାମନାମ ଜପ ଅତ୍ୟନ୍ତ ପ୍ରଭାବୀ।


## ଲେମ୍ବୁ ଗଛ ଲଗାଇବା ଶୁଭ ନା ଅଶୁଭ

ଘରେ ଗଛ ଲଗାଇବା ତଥା ଛୋଟମୋଟ ବଗିଚା କରିବା ସାଧାରଣ କଥା। ହେଲେ ଘରେ କେଉଁ ଗଛ ଲଗାଇବା ଦରକାର ସେ, ସମ୍ପର୍କରେ ଜାଣିବା ଜରୁରି। ତେବେ ଲେମ୍ବୁ ଗଛ ଘରେ ଲଗାଇବା ଶୁଭ କି ଅଶୁଭ, ତାହାକୁ ନେଇ ବାସ୍ତୁଶାସ୍ତ୍ରରେ କ'ଣ ନିୟମ ଅଛି, ସେ ସମ୍ପର୍କରେ ଜାଣିବା।



- ବାସ୍ତୁ ଶାସ୍ତ୍ର ଅନୁସାରେ, ଲେମ୍ବୁ ଗଛକୁ ଘରର ମୁଖ୍ୟ ଦ୍ୱାର ତଥା ଘର ଭିତରେ ଲଗାଇବା ଅନୁଚିତ। ଲେମ୍ବୁ ଗଛରେ କଣ୍ଟା ଥିବାରୁ ଏହା ନକାରାତ୍ମକ ଶକ୍ତି ସଞ୍ଚାର କରେ। ଏହାକୁ ଘର ସାମ୍ନାରେ ଲଗାଇଲେ ମାନସିକ ଅଶାନ୍ତି ଏବଂ ଧନହାନି ହୋଇଥାଏ।
- ଘରର ଉତ୍ତର-ପୂର୍ବ କୋଣରେ ଲେମ୍ବୁ ଗଛ ଲଗାଇବା ଶୁଭ।
- ଲେମ୍ବୁ ଗଛକୁ ଘର ବଗିଚାର ଦକ୍ଷିଣ- ପୂର୍ବ ଦିଗରେ ଲଗାଇବା ଉଚିତ। ଏହା ଦ୍ୱାରା ଆର୍ଥିକ ସ୍ଥିତି ଭଲ ରହେ।
- ଲେମ୍ବୁ ଗଛକୁ ଘରର ବାଲକୋନି ତଥା ସୂର୍ଯ୍ୟାଲୋକ ପଡୁଥିବା ସ୍ଥାନରେ ରଖନ୍ତୁ। ଦକ୍ଷିଣ-ପୂର୍ବ ଦିଗରେ ଏହାକୁ ରଖିବା ଦ୍ୱାରା ବ୍ୟବସାୟରେ ଲାଭ ଏବଂ କ୍ୟାରିୟରରେ ଉନ୍ନତି ପରିଲକ୍ଷିତ ହୁଏ।

# ସ୍ଥଗିତ ରହିଲା ମନ୍ଧାନାଙ୍କ ବିବାହ



ମୁମ୍ବଇ, ୨୩।୧୧ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ତାରକା ଖେଳାଳି ସ୍ମୃତି ମନ୍ଧାନା ଓ ସଙ୍ଗୀତକାର ପଲାଶ ମୁଛଲଙ୍କ ମଧ୍ୟରେ ରବିବାର ହେବାକୁ ଥିବା ବହୁଚର୍ଚ୍ଚିତ ବିବାହ ସ୍ଥଗିତ ରଖାଯାଇଛି। ଦୁଃଖଦାୟକ ପାରିବାରିକ ଜରୁରୀକାଳୀନ ପରିସ୍ଥିତି ଯୋଗୁ ବିବାହ ଅନିର୍ଦ୍ଦିଷ୍ଟକାଳ ଲାଗି ସ୍ଥଗିତ ହୋଇଛି। ରବିବାର ସକାଳେ ମନ୍ଧାନାଙ୍କ ପିତା ଶ୍ରୀନିବାସ ଜଳଖିଆ କରୁଥିବାବେଳେ ହଠାତ୍ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ଏହାପରେ ତୁରନ୍ତ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ହୃଦଘାତର ଶିକାର ହୋଇଥିବା ଜଣାପଡ଼ିଛି। ହସ୍ପିଟାଲରେ ତାଙ୍କର ଚିକିତ୍ସା ଜାରି ରହିଛି। ଶ୍ରୀନିବାସ ସୁସ୍ଥ ନ ହେବା ପର୍ଯ୍ୟନ୍ତ ବିବାହକୁ ସ୍ଥଗିତ ରଖିବାକୁ ମନ୍ଧାନା ନିଷ୍ପତ୍ତି ନେଇଥିବା ତାଙ୍କ ମ୍ୟାନେଜର ତୁହିନ ମିଶ୍ର କହିଛନ୍ତି। ଉଲ୍ଲେଖଯୋଗ୍ୟ, ୨୯ ବର୍ଷୀୟା ମନ୍ଧାନାଙ୍କ ନିଜ ଘରୋଇ ସହର ମହାରାଷ୍ଟ୍ରର ସାଙ୍ଗଲିରେ ରବିବାର ବିବାହ କରିଥାନ୍ତେ। ବିବାହ ପୂର୍ବରୀତିନୀତି ଅନୁଯାୟୀ ମନ୍ଧାନାଙ୍କ ଘରେ ହଳଦୀ ଓ ମେହେନ୍ଦୀ ଉତ୍ସବ ବହୁତ ଧୁମଧାମରେ ପାଳନ କରାଯାଇଥିଲା। ଏଥିରେ ଭାରତୀୟ ମହିଳା କ୍ରିକେଟ୍ ଦଳର ସମସ୍ତ ଖେଳାଳି ଅଂଶଗ୍ରହଣ କରିଥିଲେ।

# ଶ୍ୱେତାଙ୍କ ହାତ ଧରିଲେ ଅମୀୟ



ତାରକା ଧାବକ ଅମୀୟ ମଲ୍ଲିକ ଓ ଫିଜିଓଥେରାପିଷ୍ଟ ଶ୍ୱେତା ଭେଙ୍କଟ ଅତ୍ତିଲିଙ୍କ ବିବାହ ମୁମ୍ବଇରେ ଅନୁଷ୍ଠିତ ହୋଇଯାଇଛି।

## ଦ୍ୱିତୀୟ ଟେଷ୍ଟ: ୱିକେଟ୍ ପାଇଁ ଭାରତୀୟ ବୋଲରଙ୍କ ସଂଘର୍ଷ

# ମୁଥୁସାମୀଙ୍କ ଶତକରେ ଦ.ଆଫ୍ରିକା ସ୍ଥିତି ଦୃଢ଼

ଗୌହାଟୀ, ୨୩।୧୧ (ଏଜେନ୍ସି)



ସ୍ଥାନୀୟ ବର୍ଷାପଡ଼ା କ୍ରିକେଟ୍ ଷ୍ଟାଡିୟମରେ ଘରୋଇ ଭାରତ ବିପକ୍ଷରେ ଚାଲିଥିବା ଅନ୍ତିମ ତଥା ୨ୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ଦୃଢ଼ସ୍ଥିତିରେ ରହିଛି। ଭାରତୀୟ ବଂଶୋଦ୍ଭବ ଖେଳାଳି ସେନୁରାନ ମୁଥୁସାମୀଙ୍କ ପ୍ରଥମ ଟେଷ୍ଟ ଶତକ ଓ ନଂ-୯ ବ୍ୟାଟର୍ ମାର୍କୋ ଜାନସେନଙ୍କ ଦମ୍‌ଦାର ଅର୍ଦ୍ଧଶତକ ବଳରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୪୮୯ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରିଥିବା ଭାରତ ରବିବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୬.୧ ଓଭରରେ କୌଣସି ୱିକେଟ୍ ନ ହରାଇ ୯ ରନ ସଂଗ୍ରହ କରିଛି। ଦୁଇ ଓପନର୍ ଯଶସ୍ୱୀ ଜୟସ୍ୱାଲ ୭ ଓ ଲୋକେଶ ରାହୁଲ ୨ ରନ କରି ଅପରାଜିତ ରହିଛନ୍ତି।

**ନୟାନ୍ତ କଲେ ମୁଥୁସାମୀ-ଜାନସେନ**

ପୂର୍ବଦିନର ଅସମାପ୍ତ ପ୍ରଥମ ପାଳି ସ୍କୋର ୨୪୭/୬ରୁ ରବିବାର ସକାଳେ ଖେଳ ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା ଶୀଘ୍ର ଅଲ୍‌ଆଉଟ୍ ହୋଇଯିବ ବୋଲି ଆଶା କରାଯାଉଥିଲା। କିନ୍ତୁ ବ୍ୟାଟିଂକ୍ରମର ୭ମ, ୮ମ ଓ ୯ମ ସ୍ଥାନ ବ୍ୟାଟର୍ ମୁଥୁସାମୀ, କାଏଲ ଭେରେନ୍ନୀ ଓ ଜାନସେନ ଭାରତୀୟ ବୋଲରଙ୍କୁ ନୟାନ୍ତ କରିଥିଲେ। ଏହି ୩ଜଣ ଉପଯୋଗୀ ପାଳି ଖେଳିବାରୁ ଦକ୍ଷିଣ ଆଫ୍ରିକା ୧୫୧.୧ ଓଭରରେ ୪୮୯ ରନର ବିଶାଳ ସ୍କୋର ଠିଆ କରାଇପାରିଥିଲା। ମୁଥୁସାମୀ କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ ସହ ୨୦୬ ବଲରୁ ୧୦୯ ରନ କରିଥିଲେ। ଏହି ପାଳିରେ ସେ ୧୦ଟି ଚୌକା ଓ ୨ଟି ଛକା ମାରିଥିଲେ। ସପ୍ତମ ୱିକେଟ୍‌ରେ ମୁଥୁସାମୀ ଓ ଭେରେନ୍ନୀ (୪୫ ରନ) ଯୋଡ଼ି ୮୮ ରନର ଭାଗୀଦାରି ଗଢ଼ିଥିଲେ। ଏହାପରେ ମୁଥୁସାମୀ ଓ ଜାନସେନ ୮ମ ୱିକେଟ୍‌ରେ ୯୭ ରନ ସଂଗ୍ରହ କରିବାରୁ ଦଳୀୟ ସ୍କୋର ୪୦୦ ଅତିକ୍ରମ କରିଥିଲା। ମୁଥୁସାମୀଙ୍କୁ ଆଉଟ୍ କରି ମହମ୍ମଦ ସିରାଜ ଭାରତକୁ ବଡ଼ ଆଶ୍ୱସ୍ତି ଦେଇଥିଲେ। ତେବେ ଜାନସେନଙ୍କ ଇନିଂସ ହିଁ ଦକ୍ଷିଣ ଆଫ୍ରିକାକୁ ୫୦୦ ରନ ନିକଟତର କରିଥିଲା। ଶେଷ ବ୍ୟାଟର୍ ଭାବେ ଆଉଟ୍ ହୋଇଥିବା ୬ ଫୁଟ୍ ୭୫ ଇଞ୍ଚ ଲମ୍ବର ଏହି ବାମହାତୀ ବ୍ୟାଟର୍ ୭ଟି ଛକା ଓ ୬ଟି ଚୌକା ବଳରେ ୯୧ ବଲରେ ୯୩ ରନର ଦ୍ରୁତ ଇନିଂସ ଖେଳିଥିଲେ। ବାମହାତୀ ରିଷ୍ଟ ସ୍ପିନର କୁଳଦୀପ ଯାଦବଙ୍କ ବଲରେ ବୋଲ୍ଡ ହୋଇ ଜାନସେନ ଅଳ୍ପକେ ପ୍ରଥମ ଟେଷ୍ଟ ଶତକରୁ ବଞ୍ଚିତ ହୋଇଥିଲେ।

ଭାରତୀୟ ବୋଲରମାନେ ଦକ୍ଷିଣ ଆଫ୍ରିକାର ବଳକା ୪ଟି ୱିକେଟ୍ ପାଇଁ ଆଜି ପାଖାପାଖି ୭୦ ଓଭର ବୋଲିଂ କରିଥିଲେ। କୁଳଦୀପ୍ ୧୧୫ ରନ ବ୍ୟୟରେ ସର୍ବାଧିକ ୪ଟି ୱିକେଟ୍ ସଫଳତା ପାଇଥିଲେ। ଯଶପ୍ରୀତ୍ ବୁମରା, ସିରାଜ ଓ ରବୀନ୍ଦ୍ର ଜାଡେଜା ମିଳିତ ଭାବେ ଅନ୍ୟ ୬ଟି ୱିକେଟ୍ ବାଣ୍ଟିନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଦ.ଆଫ୍ରିକା ପ୍ରଥମ ଇନିଂସ**: ୪୮୯/୧୦, ୧୫୧.୧ ଓଭର (ମୁଥୁସାମୀ- ୧୦୯, ଜାନସେନ- ୯୩, ଷ୍ଟବ୍ସ- ୪୯, ଭେରେନ୍ନୀ- ୪୫, କେଶମ ମହାରାପ- ଅପରାଜିତ ୧୨, କୁଳଦୀପ୍- ୪/୧୧୫, ବୁମରା- ୨/୭୫, ଜାଡେଜା- ୨/୯୪, ସିରାଜ- ୨/୧୦୬)। **ଭାରତ ପ୍ରଥମ ଇନିଂସ**: ୯/୦, ୬.୧ ଓଭର (ଜୟସ୍ୱାଲ- ଅପରାଜିତ- ୭, ରାହୁଲ- ଅପରାଜିତ- ୨)।


# ଗିଲ୍‌ଙ୍କ ଅନୁପସ୍ଥିତିରେ ରାହୁଲଙ୍କୁ ନେତୃତ୍ୱ

ମୁମ୍ବଇ, ୨୩।୧୧ (ଏଜେନ୍ସି): ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ବିପକ୍ଷ ଆଗାମୀ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଲାଗି ରବିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ନିୟମିତ ଅଧିନାୟକ ଶୁବମନ ଗିଲ୍ ଆହତ ଯୋଗୁ ଏହି ସିରିଜରେ ଖେଳିବେ ନାହିଁ। ତାଙ୍କ ଅନୁପସ୍ଥିତିରେ ଅଭିଜ୍ଞ ୱିକେଟ୍‌ରକ୍ଷକ ବ୍ୟାଟର୍ ଲୋକେଶ ରାହୁଲଙ୍କୁ କାମଚଳା ଅଧିନାୟକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ତିଲକ ବର୍ମା, ଋଷଭ ପନ୍ତ, ରବୀନ୍ଦ୍ର ଜାଡେଜା ଓ ଋତୁରାଜ ଗାଏକ୍ୱାଡଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ପନ୍ତ ଉପ-ଅଧିନାୟକ ଭାର ସମ୍ଭାଳିବେ। ଗାଏକୱାଡ ୨ ବର୍ଷ ପରେ ଦିନିକିଆ ଦଳକୁ ଫେରିଛନ୍ତି। ତେବେ ଅଷ୍ଟ୍ରେଲିଆ ସିରିଜରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ସ୍ପିନ ଅଲରାଉଣ୍ଡର ଅକ୍ଷର ପଟେଲ ଓ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଦୁଇ ତାରକା ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଦିନିକିଆ ଦଳରେ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ତିନି ମ୍ୟାଚ୍‌ବିଶିଷ୍ଟ ଦିନିକିଆର ପ୍ରଥମ ମ୍ୟାଚ୍ ନଭେମ୍ବର ୩୦ରେ ରାଞ୍ଚିରେ ଖେଳାଯିବ। ଏହାପରେ ଡିସେମ୍ବର ୩ ଓ ୬ରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ମ୍ୟାଚ୍ ରାୟପୁର ଓ ବିଶାଖାପାଟନାରେ ଅନୁଷ୍ଠିତ ହେବ।

**ଭାରତୀୟ ଦିନିକିଆ ଦଳ**

ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ତିଲକ ବର୍ମା, ଲୋକେଶ ରାହୁଲ (ଅଧିନାୟକ), ଋଷଭ ପନ୍ତ (ଉପ-ଅଧିନାୟକ/ୱିକେଟକିପର), ଧ୍ରୁବ ଜୁରେଲ (ୱିକେଟ୍‌କିପର), ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, କୁଳଦୀପ ଯାଦବ, ନୀତୀଶ ରେଡ୍ଡୀ, ହର୍ଷିତ ରାଣା, ଋତୁରାଜ ଗାଏକ୍ୱାଡ, ପ୍ରସିଦ୍ଧ କ୍ରିଷ୍ଣା ଓ ଅର୍ଶଦୀପ ସିଂହ।

# ସିଜନର ପ୍ରଥମ ଟାଇଟଲ୍ ଜିତିଲେ ଲକ୍ଷ୍ୟ



ସିଡ୍‌ନୀ, ୨୩।୧୧ (ଏଜେନ୍ସି): ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ଲକ୍ଷ୍ୟ ସେନ୍ ସିଜନରେ ତାଙ୍କର ପ୍ରଥମ ଟାଇଟଲ୍ ବିଜୟୀ ହୋଇଛନ୍ତି। ରବିବାର ଏଠାରେ ଅନୁଷ୍ଠିତ ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଲକ୍ଷ୍ୟ ୨୧-୧୫, ୨୧-୧୧ ସିଧାସଳଖ ଗେମରେ ଜାପାନର ୟୁଶି ତାନାକାଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବାକୁ ଲକ୍ଷ୍ୟଙ୍କୁ ୩୮ ମିନିଟ୍ ସମୟ ଲାଗିଥିଲା। ୨୪ ବର୍ଷୀୟ ଲକ୍ଷ୍ୟଙ୍କ କ୍ୟାରିୟରର ଏହା ୭ଷ୍ଟ ଟାଇଟଲ୍ ଥିଲା। ଏଥିପୂର୍ବରୁ ଶେଷଥର ଲାଗି ସେ ଗତ ଡିସେମ୍ବରରେ ସୟଦ ମୋଦି ଇଣ୍ଟରନ୍ୟାସନାଲରେ ଟ୍ରଫି ଜିତିଥିଲେ। ୨୦୨୫ରେ ଲକ୍ଷ୍ୟ ହଂକଂ ଓପନ୍‌ର ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲେ। ସେହିଭଳି ଚଳିତ ବର୍ଷ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଟାଇଟଲ୍ ଜିତିବାରେ ସେ ଦ୍ୱିତୀୟ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ଆୟୁଷ ସେଟ୍ଟୀ ଗତ ଜୁନରେ ୟୁଏସ୍ ଓପନ୍ ସୁପର୍-୩୦୦ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଥିଲେ।

# କୋଚ୍ ସୁବ୍ରତଙ୍କୁ ହରାଇ ଆଶୁତୋଷ ଚାମ୍ପିଅନ



ଭୁବନେଶ୍ୱର, ୨୩।୧୧ (ସମିସ): ସ୍ଥାନୀୟ ପଟିଆ ସ୍ଥିତ ୬ପକେଟ୍ କ୍ଲବରେ ଚାଲିଥିବା ୩୧ତମ ନିଖିଳ ଓଡ଼ିଶା ସିନିଅର ବିଲିଆର୍ଡ୍ସ ଓ ସ୍ନୁକର ଚାମ୍ପିଅନସିପ୍ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମୁକାବିଲାରେ ଆଶୁତୋଷ ପାଢ଼ୀ ୬-୩ (୧୦୦-୦୮, ୧୪-୫୬, ୫୩-୫୯, ୬୯-୨୫, ୩୪-୬୫, ୫୯-୩୫, ୧୧୧-୦୦, ୪୩-୩୧, ୪୪-୩୧) ରେ ନିଜ ଗୁରୁ ତଥା କୋଚ୍ ସୁବ୍ରତ ଦାସଙ୍କୁ ପରାସ୍ତ କରି ବାଜି ମାରିଛନ୍ତି। ଏଥିସହ ଆଶୁତୋଷ ଏପର୍ଯ୍ୟନ୍ତ ୫ଟି ସ୍ନୁକର ଟାଇଟଲ ହାସଲ କରିଛନ୍ତି। ସୁବ୍ରତ ମଧ୍ୟ ୫ଟି ସିନିଅର ସ୍ନୁକର ଟାଇଟଲ ଜିତିଛନ୍ତି। ଚାମ୍ପିଅନ ଆଶୁତୋଷଙ୍କୁ ୨୦ ଓ ରନର୍ସଅପ୍ ସୁବ୍ରତଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ପୂର୍ବରୁ ମଧ୍ୟ ଆଶୁତୋଷ ସିନିଅର ବିଲିଆର୍ଡ୍ସରେ ଚାମ୍ପିଅନ ହୋଇ ୧୦ ଓ ସୁବ୍ରତ ରନର୍ସଅପ ହୋଇ ୫ ହଜାର ଟଙ୍କା ପୁରସ୍କାର ଜିତିଥିଲେ।

## ୧୦ମ ରାଜ୍ୟ ଦୃଷ୍ଟିହୀନ ପୁରୁଷ କ୍ରିକେଟ୍ ଉଦଯାପିତ

# ବରଗଡ଼କୁ ହରାଇ କୋରାପୁଟ ଚାମ୍ପିଅନ



ଭୁବନେଶ୍ୱର/ଯାଜପୁର, ୨୩।୧୧ (ସମିସ): ଧର୍ମଶାଳା ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଦୃଷ୍ଟିହୀନ ପୁରୁଷ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କୋରାପୁଟ ଦୃଷ୍ଟିହୀନ ଦଳ ଚାମ୍ପିଅନ ହୋଇଛି। ଫାଇନାଲ ମୁକାବିଲାରେ କୋରାପୁଟ ୧୩୩ ରନରେ ବରଗଡ଼ର ରାଇଜିଂ ଷ୍ଟାର୍ କ୍ଲବକୁ ପରାସ୍ତ କରିଥିଲା। ସୁଖରାମ ମାଝୀଙ୍କ ୮୩ ରନ ବଳରେ ପ୍ରଥମେ ବ୍ୟାଟିଂ କରିଥିବା କୋରାପୁଟ ୨୦ ଓଭରରେ ୩ ୱିକେଟ୍ ହରାଇ ୧୯୦ ରନ କରିଥିଲା। ଜବାବରେ ବରଗଡ଼ ୧୫ ଓଭରରେ ୫୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ସୁଖରାମଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ହିମାଂଶୁ ଶେଖର ସାହୁ, ଧର୍ମଶାଳା ବ୍ଲକ ଅଧକ୍ଷା ସୁଚିସ୍ମିତା ଦାସ, 'ସକ୍ଷମ ଓଡ଼ିଶା'ର ମନସ୍ୱିତା ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ସମାରୋହକୁ ଓଡ଼ିଶା ଦୃଷ୍ଟହୀନ କ୍ରିକେଟ୍ ସଂଘର ସଭାପତି ମହମ୍ମଦ ଜାଫର ଇକବାଲ ପରିଚାଳନା କରିଥିଲେ। ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ସଂଘ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ଓ ସକ୍ଷମ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଗତ ୫ ଦିନ ଧରି ଏହି ଟୁର୍ଣ୍ଣାମେଣ୍ଟ ଚାଲିଥିଲା।

## ସଂକ୍ଷେପରେ...

- **ଇପୋ**: ମାଲେସିଆରେ ରବିବାରଠାରୁ ଆରମ୍ଭ ହୋଇଥିବା ୩୧ତମ ସୁଲତାନ ଆଜଲାନ ଶାହ କପ୍ ହକିରେ ଭାରତ ୧-୦ ଗୋଲରେ ଦକ୍ଷିଣ କୋରିଆକୁ ହରାଇ ଅଭିଯାନ ଆରମ୍ଭ କରିଛି।
- **ନାରଙ୍ଗ-କଳିକେଶ ମୁକାବିଲା** ନ୍ୟାସନାଲ ରାଇଫଲ ଆସୋସିଏସନ ଅଫ୍ ଇଣ୍ଡିଆ ସଭାପତି ପଦ ଲାଗି ଅଲିମ୍ପିକ ପଦକ ବିଜେତା ଗଗନ ନାରଙ୍ଗ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନର ସଭାପତି ତଥା ବିଜେଡିର ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂ ଦେଓଙ୍କ ସହ ତାଙ୍କର ମୁକାବିଲା ହେବ। ଡିସେମ୍ବର ୪ରେ ନିର୍ବାଚନ ହେବ।
- **ତାରିକଙ୍କ ହ୍ୟାଟ୍ରିକ୍** ପାକିସ୍ତାନର ୪ର୍ଥ ବୋଲର ଭାବେ ଉସମାନ ତାରିକ ଟି-୨୦ରେ ହ୍ୟାଟ୍ରିକ ୱିକେଟ୍ ନେଇଛନ୍ତି। ତ୍ରି-ରାଷ୍ଟ୍ରୀୟ ସିରିଜର ଜିମ୍ବାୱେ ବିପକ୍ଷ ମ୍ୟାଚରେ ସେ ଏହି ସଫଳତା ପାଇଛନ୍ତି।






# ଗଣ୍ଡରପୁର ଜିତିଲା ଶରଣକୁଳ କପ୍

ଶରଣକୁଳ, ୨୩।୧୧ (ସମିସ)

ଶରଣକୁଳ ଲଡୁକେଶ ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ସ୍ଥାନୀୟ ନାରାୟଣ ସରକାରୀ ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ୬୪ତମ ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ରବିବାର ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଗଣ୍ଡରପୁର ଫୁଟ୍‌ବଲ କ୍ଲବ (ଭୁବନେଶ୍ୱର) ଟାଇ ବ୍ରେକର ରେ ୫ –୪ ଗୋଲରେ ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ(ବରଗଡ଼)କୁ ପରାସ୍ତ କରି ଚାମ୍ପିଅନ ହୋଇଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୨-୨ ଗୋଲ୍‌ରେ ଡ୍ର ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା।

ଅନୁଷ୍ଠାନର ସଭାପତି ସତ୍ୟ ନାରାୟଣ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ନୟାଗଡ଼ ଜିଲ୍ଲାପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସମାଜସେବୀ ତ୍ରିନାଥ ବିଶ୍ୱାଳ, ମନସୁର ବକ୍ସ, ଶିଖରପୁର ସରପଞ୍ଚ ସନ୍ୟାସୀ ପ୍ରଧାନ, ଜିଲ୍ଲାପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସଂଯୁକ୍ତା ପଢିଆରୀ ଅତିଥି ରୂପେ ଯୋଗଦେଇ ଚାମ୍ପିଅନ ଗଣ୍ଡପୁର ଦଳକୁ ୩୦ ହଜାର ଅର୍ଥ ରାଶି ସହିତ ଟ୍ରଫି ଓ ପରାଜିତ ବରଗଡ଼ ଦଳକୁ ନଗଦ ୨୦ ହଜାର ଅର୍ଥ ସହିତ ଟ୍ରଫି ପ୍ରଦାନ କରିଥିଲେ। ଗଣ୍ଡରପୁର ଅସୀମ ଟୁଡୁ ଓ ବରଗଡ଼ ଦଳର ସୁଶୀଲ ପଢିଆରୀଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବାବେଳେ ପ୍ରିୟବ୍ରତ ବାହିନୀପତି, ଜଗନ୍ନାଥ ପରିଡା ଓ ପ୍ରସନ୍ନ ନାୟକ ଲାଇନରେ ସହାୟତା କରିଥିଲେ। ଉପସଭାପତି ବିକ୍ରମ ଦାଶ ଅତିଥି ପରିଚୟ ଓ ସମ୍ପାଦକ ରବିନ୍ଦ୍ର ବିବରଣୀ ପାଠ କରିଥିଲେ। କୃଷ୍ଣ ଚନ୍ଦ୍ର ମହାପାତ୍ର, ଚିତ୍ତରଞ୍ଜନ ବରାଡ, ମନୋରଞ୍ଜନ ଦାଶ, ରମେଶ ଚନ୍ଦ୍ର ବରାଡ, ପ୍ରମୋଦ ଦାଶ, ଅଖିଳ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS